RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-315 ◆BHUBANESWAR ◆WEDNESDAY ◆14 MAY 2025 ◆PAGE-12 ◆₹ 6.00

JEYPORE

◆ବର୍ଷ-୪୨ ◆ସଂଖ୍ୟା-୩୧୫ ◆ଭୁବନେଶ୍ୱର ◆ବୁଧବାର ◆୧୪ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଜାହ୍ନବୀଙ୍କ ସ୍ଥାନ ନେଲେ ଶ୍ରୀଲୀଲା

▶ପୃଷ୍ଠା ୧୧ ଦେଖନ୍ତୁ...

## ପଞ୍ଜାବରେ ବିଷାକ୍ତ ମଦ ପିଇ ୨୧ ଶ୍ରମିକଙ୍କ ମୃତ୍ୟୁ

■ **ଅମୃତସର, ୧୩।୫ (ଏଜେନ୍ସି):** ପଞ୍ଜାବରେ ପୁଣି ବିଷାକ୍ତ ମଦ ମୃତ୍ୟୁ। ଅମୃତସର ମଜିଠା କ୍ଷେତ୍ରରେ ବିଷାକ୍ତ ମଦ ପିଇ ୨୧ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଅନେକ ମଧ୍ୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୯ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ପୁଲିସ ଏହି ମାମଲାରେ ୯ ଜଣଙ୍କୁ ଗିରଫ କରିଛି। ଏହି ମଦ କେଉଁଠୁ ଏବଂ କେମିତି ଆସିଲା ବୋଲି ଅଭିଯୁକ୍ତଙ୍କୁ ପଚରାଉଚୁରା କରାଯାଉଛି। ମିଥାନଲ ମିଶା ମଦ ପିଇବାରୁ ଏପରି ହୋଇଥିବା କୁହାଯାଉଛି। ମଦ ପ୍ରସ୍ତୁତି ପାଇଁ ଅଞ୍ଚଳକୁ ବିପୁଳ ମିଥାନଲ ଅଣାଯାଇଥିଲା। ପ୍ରଶାସନ ଏହି ମାମଲାକୁ ନେଇ ମଜିଠା ଥାନାର ଏସଏଚଓ ଅବତାର ସିଂହ ଏବଂ ଡିଏସପି ଅମଲୋକ ସିଂହଙ୍କ ସମେତ ୪ ଅଧିକାରୀଙ୍କୁ ନିଲମ୍ବନ କରିଛି। ସୂଚନା ଅନୁଯାୟୀ ଭାନଗଲି, ପାଟଲପୁରୀ, ମରାରୀ କଲନ ଏବଂ ଥେରେୱାଲ ଗ୍ରାମର ଲୋକେ ▶ପୃଷ୍ଠା-୭



## ଇଣ୍ଡୋନେସିଆ ଅସ୍ତ୍ରଭଣ୍ଡାରରେ ବିସ୍ଫୋରଣ; ୧୩ ମୃତ



■ **ଜାକର୍ତ୍ତା, ୧୩।୫ (ଏଜେନ୍ସି):** ଇଣ୍ଡୋସେନିଆର ପଶ୍ଚିମ ଜାଭା ଉପକୂଳରେ ରହିଥିବା ଏକ ସାମରିକ ଅସ୍ତ୍ରଭଣ୍ଡାରରେ ବିସ୍ଫୋରଣ ଘଟିବାରୁ ୧୩ ଜଣଙ୍କ ମୃତ୍ୟୁ ହେବା ସହିତ ୧୨ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁସାରେ ଏହି ଅସ୍ତ୍ରଭଣ୍ଡାରରେ ରହିଥିବା କିଛି ପୁରୁଣା ଅସ୍ତ୍ରଶସ୍ତ୍ରର କାର୍ଯ୍ୟ ଅବଧି ଶେଷ ହୋଇଥିଲା ବେଳେ ସେଗୁଡ଼ିକୁ ନଷ୍ଟ କରି ଦେବାକୁ ଅନ୍ୟ ସ୍ଥାନକୁ ନିଆଯାଉଥିଲା। ହେଲେ ଅଚାନକ ଭାବେ ସେଥିରୁ ବିସ୍ଫୋରଣ ହୋଇଥିଲା। ମୃତକମାନଙ୍କ ମଧ୍ୟରେ ୯ ସାଧାରଣ ଲୋକ ରହିଥିଲା ବେଳେ ବାକି ୪ ଜଣ ଇଣ୍ଡୋନେସିଆ ପ୍ରତିରକ୍ଷା ବିଭାଗୀୟ କର୍ମଚାରୀ। ପୁରୁଣା ଅସ୍ତ୍ର ନଷ୍ଟ କରାଯିବା ସମୟରେ ଏଭଳି ବିସ୍ଫୋରଣ ଗୋଟିଏ ବର୍ଷ ମଧ୍ୟରେ ଦ୍ୱିତୀୟ ଘଟଣା ବୋଲି ଇଣ୍ଡୋନେସିଆର ଏକ ପ୍ରମୁଖ ଗଣମାଧ୍ୟମ ପ୍ରକାଶ କରିଛି।

### ଟ୍ରମ୍ପଙ୍କ ମଧ୍ୟସ୍ଥତା ପ୍ରସ୍ତାବକୁ ଖାରଜ

# ଏଥର ପିଓକେ

## କାଶ୍ମୀର ପ୍ରସଙ୍ଗରେ ଗ୍ରହଣୀୟ ନୁହେଁ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ

■ **ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି):** କାଶ୍ମୀର ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତା ପ୍ରସ୍ତାବକୁ ରୋକଠୋକ ଖାରଜ କରିଛି ଭାରତ । କାଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ, ଏଥିରେ ତୃତୀୟ ପକ୍ଷର ହସ୍ତକ୍ଷେପ ବା ମଧ୍ୟସ୍ଥତା ଗ୍ରହଣୀୟ ନୁହେଁ ବୋଲି ଭାରତ ସ୍ପଷ୍ଟ କରିଛି। ଏହା ସହ ଅଧିକୃତ କାଶ୍ମୀର ତୁରନ୍ତ ଛାଡ଼ିବା ପାଇଁ ପାକିସ୍ତାନ ସରକାରଙ୍କୁ ଭାରତ ଚେତାବନୀ ଦେଇ ନିଜର ଭବିଷ୍ୟତ ଆଭିମୁଖ୍ୟ ସ୍ପଷ୍ଟ କରିଛି ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ। ଭବିଷ୍ୟତରେ ପାକିସ୍ତାନ ସହିତ ଯେଉଁ ଆଲୋଚନା ହେବ ତାହା କେବଳ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ଉପରେ ହିଁ ହେବ। କଶ୍ମୀର ଭାରତର ଅଭିନ୍ନ ଅଙ୍ଗ ଓ ପାକିସ୍ତାନ ଏହାକୁ ବେଆଇନ ଭାବେ ଦଖଲ କରି ରଖିଛି। ପାକିସ୍ତାନ ଏବେ ନିଜ ଦଖଲରେ ରଖିଥିବା କାଶ୍ମୀରକୁ ଖାଲି କରିବାର ସମୟ ଆସିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି।

- ପାକ୍ ଅଧିକୃତ କାଶ୍ମୀର ତୁରନ୍ତ ଖାଲି ନିମନ୍ତେ ଚେତାବନୀ
- ପରିବର୍ତ୍ତନ ହେବ ନାହିଁ ସିନ୍ଧୁ ନଦୀ ଜଳଚୁକ୍ତି ବାତିଲ ନିଷ୍ପତ୍ତି
- ୭୦ ଦେଶକୁ ଭାରତ ଦେଲା 'ଅପରେସନ ସିନ୍ଦୂର' ସୂଚନା


ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ବିଭାଗ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ କଶ୍ମୀର ହେଉଛି ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ । ଏହାବ୍ୟତୀତ ଅନ୍ୟ କୌଣସି ପ୍ରସଙ୍ଗରେ ପାକିସ୍ତାନ ସହିତ ଆଲୋଚନା କରାଯିବ ନାହିଁ । ଆମେରିକା ମଧ୍ୟସ୍ଥତାରେ ଦୁଇ ଦେଶ କଶ୍ମୀର ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଟିପ୍ପଣୀକୁ ଖଣ୍ଡନ କରି ଶ୍ରୀ ଜୟସ୍ୱାଲ କହିଛନ୍ତି ଯେ ଏଭଳି କୌଣସି ଆଲୋଚନା ଭାରତ ସହ ହୋଇ ନାହିଁ କିମ୍ବା ଅସ୍ତ୍ରବିରତି ଆଲୋଚନା ବେଳେ ଆମେରିକା ସହିତ ବାଣିଜ୍ୟ ବିଷୟରେ ମଧ୍ୟ କୌଣସି ଆଲୋଚନା କରାଯାଇ ନାହିଁ। ପୁନଶ୍ଚ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ଭାରତ ବାତିଲ କରିଛି ଏବଂ ଏହି ନିଷ୍ପତ୍ତିରେ ମଧ୍ୟ କୌଣସି ପରିବର୍ତ୍ତନ ହେବ ନାହିଁ। ଯେ ପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦୀଙ୍କୁ ସହାୟତା ଦେଉଥିବ ସେପର୍ଯ୍ୟନ୍ତ ସିନ୍ଧୁ ଚୁକ୍ତିକୁ କାର୍ଯ୍ୟକାରୀ କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଅସ୍ତ୍ରବିରତି ହୋଇ ନ ଥିଲେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହୋଇଥାଆନ୍ତା ବୋଲି ରାଷ୍ଟ୍ରପତି ଟ୍ରମ୍ପ ଦେଇଥିବା ମନ୍ତବ୍ୟ ସଂପର୍କରେ ବିଦେଶ ବିଭାଗ ମୁଖପାତ୍ର କହିଛନ୍ତି ଯେ ଆମର ସାମରିକ ▶ପୃଷ୍ଠା-୭

## ଅବସର ନେଲେ ସଞ୍ଜୀବ ଖାନ୍ନା

■ **ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି):** ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ମଙ୍ଗଳବାର ଅବସରଗ୍ରହଣ କରିଛନ୍ତି। ଏଥିପାଇଁ ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ସେ ନିଜର ଉତ୍ତରାଧିକାରୀ ତଥା ପରବର୍ତ୍ତୀ ସିଜେଆଇ ବିଆର ଗଭାଇଙ୍କୁ ବ୍ୟାଟନ ହସ୍ତାନ୍ତର କରିଥିଲେ। ସେ ଔପଚାରିକ ଖଣ୍ଡପୀଠକୁ ସମ୍ବୋଧନ କରି ଭାବବିହ୍ୱଳ ହୋଇ ଯାଇଥିଲା ଏବଂ ପରବର୍ତ୍ତୀ ସିଜେଆଇଙ୍କ ପାଇଁ ବଡ଼ ବାର୍ତ୍ତା ଦେଇଥିଲେ। ନିର୍ଦ୍ଦେଶ ଦେଇ ଲୋକଙ୍କ ଭରସା ଜିତି ହୁଏ ନାହିଁ; ଏହାକୁ ଅର୍ଜନ କରିବାକୁ ପଡ଼ିଥାଏ। ସୁପ୍ରିମକୋର୍ଟ ଏହା କରିଦେଖାଇଛନ୍ତି ବୋଲି କହିଥିଲେ। ସିଜେଆଇଙ୍କ ଅନୁଯାୟୀ ନ୍ୟାୟପାଳିକା ବେଞ୍ଚ ଏବଂ ବାର୍‌ର ପ୍ରତିନିଧିତ୍ୱ କରୁଛି। ବାର୍ ହିଁ ବିବେକର ରକ୍ଷା କରୁଛି। ସୁପ୍ରିମକୋର୍ଟକୁ ଭିନ୍ନ ଭିନ୍ନ କ୍ଷେତ୍ରରୁ ବିଚାରପତି ଆସୁଛନ୍ତି। ଏହି ବିବିଧତା ହିଁ ନ୍ୟାୟିକ ନିଷ୍ପତ୍ତି ନେବାରେ ସହାୟକ ହେଉଛି। ସେ ନିଜର ଉତ୍ତରାଧିକାରୀ ଜଷ୍ଟିସ ଗଭାଇଙ୍କୁ ମଧ୍ୟ ଖୁବ ପ୍ରଶଂସା କରିଛନ୍ତି। ତାଙ୍କୁ ସବୁଠୁ ▶ପୃଷ୍ଠା-୭

## ଆଣ୍ଡାମାନ ଛୁଇଁଲା ମୌସୁମୀ



### ଗୁଳୁଗୁଳି କଷଣ ଆହୁରି ୩ ଦିନ

■ **ଭୁବନେଶ୍ୱର, ୧୩।୫ (ସମିସ):** ଆଣ୍ଡାମାନ ଛୁଇଁଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ମଙ୍ଗଳବାର ମୌସୁମୀ ଆଣ୍ଡାମାନ ସାଗର ଛୁଇଁବା ସହ ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର, ନିକୋବର ଦୀପ ଏବଂ ଉତ୍ତର ଆଣ୍ଡାମାନ ସାଗରର କିଛି ଅଞ୍ଚଳ ଦିଗକୁ ଅଗ୍ରସର ହୋଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ମୌସୁମୀ ସଅଳ ଅଗ୍ରସର ହେଉଥିବାରୁ ଆସନ୍ତା ୨୭ ତାରିଖ ସୁଦ୍ଧା ମୌସୁମୀ କେରଳ ଛୁଇଁବା ନେଇ ଆଇଏମ୍‌ଡି ପୂର୍ବାନୁମାନ କରିଛି। ଆସନ୍ତା ୩-୪ ଦିନ ମଧ୍ୟରେ ମୌସୁମୀ ଆରବ ସାଗରର କିଛି ଅଂଶ ମାଳଦ୍ୱୀପ, ବଙ୍ଗୋପସାଗରର ଅଂଶ ସହ ସମଗ୍ର ଆଣ୍ଡାମାନକୁ ଅଗ୍ରସର ହେବାର ସମ୍ଭାବନା ରହିଛି।

ଅନ୍ୟପଟେ ରାଜ୍ୟରେ ପୂର୍ବବତ୍ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି। ଦୁଇ ଦିନ ହେବ ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ସ୍ଥିତି ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ସ୍ଥିତି ସାମାନ୍ୟ ସୁଧାର ଆସିଥିଲେ ମଧ୍ୟ ଦିନ ବେଳା ପ୍ରବଳ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ମଙ୍ଗଳବାର ରାଜ୍ୟର ୧୧ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ୪୩ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ସମ୍ବଲପୁରରେ ତାପମାତ୍ରା ୪୨.୨ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ରେ ▶ପୃଷ୍ଠା-୭

## ବାଇକ୍‌ରେ ଡିନାମାଇଟ୍ ବିସ୍ଫୋରଣ: ୨ ମୃତ

■ **ଯାଜପୁର/ବଡ଼ଚଣା, ୧୩।୫ (ସମିସ):** ଆଜି ଅପରାହ୍ଣରେ ବୈରୀ ଥାନା ଛତିଆ ବାଇପାସ୍ ବସ୍‌ଷ୍ଟାଣ୍ଡରେ ଭୟଙ୍କର ବିସ୍ଫୋରଣ ଘଟି ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ବଡ଼ଚଣା ଖଇରା ହାଟ ଆଦିବାସୀ ସାହିର ରାମ ପିଙ୍ଗୁଆ ଏବଂ ଚଣ୍ଡିତଳର ମଣ୍ଟୁ ପାତ୍ର। ଗୁରୁତର ନେପାଳୀ ପୂର୍ତ୍ତିଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ପାଇ ବୈରୀ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବିସ୍ଫୋରଣରେ ଏକ ବାଇକ୍ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ମୃତକମାନଙ୍କ ଖଣ୍ଡବିଖଣ୍ଡିତ ଶରୀର ଏଣେତେଣେ ପଡ଼ିଛି।



ମାଛ ଧରିବା ପାଇଁ ବ୍ୟବହାର ହେଉଛି ବେଆଇନ ବିସ୍ଫୋରକ

ବଡ଼ଚଣା ଖଇରାହାଟ ଆଦିବାସୀ ସାହିର ରାମ, ନେପାଳୀ ଏବଂ ଚଣ୍ଡିତଳର ମଣ୍ଟୁ ମାଛ ମାରିବା ପାଇଁ ଛତିଆ ଅଭିମୁଖେ ଏକ ବାଇକ୍‌ରେ ଡିନାମାଇଟ୍ ନେଇ ଯାଉଥିଲେ। ଛତିଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଦେଶୀ ମଦ ଦୋକାନ ନିକଟରେ ମଦ ପିଇବା ପାଇଁ ସେମାନେ ▶ପୃଷ୍ଠା-୭

## ମା'ଙ୍କ ଉପରେ କୋରଡ଼ା

### ଆଉ ମିଳିବନି ୫ ଟଙ୍କାରେ ଯାତ୍ରା ସୁବିଧା

■ **ଭୁବନେଶ୍ୱର, ୧୩।୫ (ସମିସ):** ଓଡ଼ିଆ ପରିବାରରେ ମା'ମାନଙ୍କୁ ପରିବାରର ଲକ୍ଷ୍ମୀ ବୋଲି ବିବେଚନା କରାଯାଏ। ଏଥିପାଇଁ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାର 'ଲକ୍ଷ୍ମୀ' ବସ୍ ଯୋଜନା ପ୍ରଚଳନ କରିଥିଲେ ଏବଂ ଏଥିରେ ଯାତ୍ରା ନିମନ୍ତେ ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ଦେୟ ଥିଲା ୫ ଟଙ୍କା। ଅପହଞ୍ଚ ଅଞ୍ଚଳରେ ଏହି ବସ୍‌ସେବା ଯୁଗାନ୍ତକାରୀ ପରିବର୍ତ୍ତନ ସୃଷ୍ଟି କରିଥିଲା । ମାତ୍ର ସରକାର ପରିବର୍ତ୍ତନ ପରେ 'ଲକ୍ଷ୍ମୀ' ବସ୍ ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ବସ୍ ସେବା ରଖାଯାଇଛି। ମାତ୍ର ବିଡ଼ମ୍ବନା ହେଉଛି ପୂର୍ବରୁ ଏହି ବସ୍‌ରେ ଯାତାୟତ ପାଇଁ ଧାର୍ଯ୍ୟ ୫ ଟଙ୍କା ଭଡ଼ାକୁ ପରିବର୍ତ୍ତନ ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି । ଅର୍ଥାତ୍ ପୂର୍ବପରି ଆଉ ମହିଳା, ମିଶନଶକ୍ତି ସଦସ୍ୟା, ଛାତ୍ରଛାତ୍ରୀଙ୍କୁ ଏହି ବସ୍‌ରେ ଯାତାୟତ ପାଇଁ ଆଉ ୫ଟଙ୍କା ନୁହେଁ, ଅଧିକ ଅର୍ଥ ପଇଠ କରିବାକୁ ପଡ଼ିବ ।



- ମୁଖ୍ୟମନ୍ତ୍ରୀ ବସ୍‌ସେବାରେ ମା' ଦେବେ ୩ ଗୁଣ ଦେୟ
- ପୁରୀକୁ ସବୁ ଜିଲ୍ଲାରୁ ଚାଲିଲା ନାହିଁ ଜଗନ୍ନାଥ ଏକ୍ସପ୍ରେସ

ଗତ କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ବସ୍ ସେବାର ଅବଧି ୨୦୩୨-୩୩ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଏଥିରେ ମହିଳା, ଦିବ୍ୟାଙ୍ଗ ଓ କିନ୍ନର ଓ ବରିଷ୍ଠ ନାଗରିକମାନଙ୍କୁ ୫୦ ପ୍ରତିଶତ ରିହାତି ମିଳିବ ବୋଲି ଘୋଷଣା କରିଛନ୍ତି। ଅର୍ଥାତ୍ ଯାତ୍ରୀ ଭଡ଼ାର ଅର୍ଦ୍ଧେକ ଅର୍ଥ ମହିଳାଙ୍କୁ ବହନ କରିବାକୁ ପଡ଼ିବ। ସାଧାରଣ ବସ୍‌ରେ ଗୋଟିଏ କିମି ପିଛା ସର୍ବନିମ୍ନ ଟଙ୍କାଟିଏ ଭଡ଼ା ହେଲେ ମଧ୍ୟ ୩୦ କିମି ରାସ୍ତାକୁ ଭଡ଼ା ୩୦ ଟଙ୍କା ହେବ। ଏହି କ୍ରମରେ ପଞ୍ଚାୟତରୁ ୩୦ କିମି ବ୍ଲକ୍ ଦୂରତା ଥିଲେ ମହିଳାମାନଙ୍କୁ ୩୦ ଟଙ୍କା ଅଧା ୧୫ ଟଙ୍କା ଦେବାକୁ ପଡ଼ିବ। ଯାହାକି ପୂର୍ବ ୫ ଟଙ୍କା ତୁଳନାରେ ୩ ଗୁଣା ଅଧିକ ରହିବ। ସେହିପରି ଜିଲ୍ଲା ସ୍ତରରେ ଯାତ୍ରାର ଭଡ଼ା ଆହୁରି ଅଧିକ ବଢ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। ▶ପୃଷ୍ଠା-୭

### ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ

## ଦେଶରେ ବଢ଼ିଲା; ଓଡ଼ିଶାରେ କମିଲା



- ଦଶମରେ ପାସ୍ ହାର ୯୩.୬୬% ଓ ଦ୍ୱାଦଶରେ ୮୮.୩୯%
- ଜବାହାର ନବୋଦୟ ବିଦ୍ୟାଳୟର ପାସ୍‌ହାର ସର୍ବାଧିକ

■ **ଭୁବନେଶ୍ୱର, ୧୩।୫(ସମିସ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ପୂର୍ବବର୍ଷ ତୁଳନାରେ ଛାତ୍ରଛାତ୍ରୀଙ୍କ ପାସ୍‌ହାର ବଢ଼ିଛି। ସର୍ବଭାରତୀୟ ସ୍ତରରେ ପୂର୍ବବର୍ଷ ଅପେକ୍ଷା ଦଶମରେ ୦.୦୬% ଓ ଦ୍ୱାଦଶରେ ୦.୪୧% ବୃଦ୍ଧି ପାଇଛି। ଦଶମ ଶ୍ରେଣୀରେ ସମୁଦାୟ ୯୩.୬୬% ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ଦ୍ୱାଦଶରେ ପାସ୍ ହାର ୮୮.୩୯% ରହିଛି। ଉଭୟ ପରୀକ୍ଷାରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ ହାର ଅଧିକ ରହିଛି। ଦଶମରେ ଛାତ୍ରୀଙ୍କ ପାସ ହାର ୯୫% ଥିବା ବେଳେ ଛାତ୍ରଙ୍କ ପାସ୍ ହାର ୯୨.୬୩% ଓ ତୃତୀୟ ଲିଙ୍ଗିଙ୍କ ପାସ୍ ହାର ୯୫% ରହିଛି। ସେହିପରି ଦ୍ୱାଦଶରେ ଛାତ୍ରୀଙ୍କ ପାସ୍ ହାର ୯୧.୬୪% ଥିବା ବେଳେ ଛାତ୍ରଙ୍କ ପାସ୍ ହାର ୮୫.୭୦% ଓ ସମସ୍ତ ତୃତୀୟ ଲିଙ୍ଗି ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଜବାହାର ନବୋଦୟ ବିଦ୍ୟାଳୟର ପ୍ରଦର୍ଶନ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସର୍ବାଧିକ ଅର୍ଥାତ୍ ▶ପୃଷ୍ଠା-୭




## ଅପରେସନ ସିନ୍ଦୂର ସମ୍ପର୍କରେ ୭୦ ଦେଶକୁ ଅବଗତ କଲା ଭାରତୀୟ ସେନା

ନୂଆଦିଲ୍ଲୀ,୧୩।୫(ଏଜେନ୍ସି): ଏପ୍ରିଲ ୨୨ ପହଲଗାମ ଆତଙ୍କୀ ହମଲାର ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନା ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ଜରିଆରେ କରିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ୭୦ ଦେଶକୁ ଅବଗତ କରାଯାଇଛି। ଏହି ଅପରେସନରେ ଭାରତର ତିନି ସେନାର ସମନ୍ୱୟ ଏବଂ ଠିକଣା ଜବାବ ସହିତ ଏଥିରେ ଅନୁସରଣ କରାଯାଇଥିବା ରଣନୀତି ସମ୍ପର୍କରେ ପ୍ରତିରକ୍ଷା ଗୁଇନ୍ଦା ଏଜେନ୍ସି ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ଡି ଏସ ରାଣା ୭୦ଟି ଦେଶର କୂଟନୀତିଜ୍ଞଙ୍କୁ ସୂଚନା ଦେଇଛନ୍ତି। ପହଲଗାମ୍ ଆତଙ୍କବାଦୀ ହମଲାର ଜବାବ ସ୍ୱରୂପ ଭାରତ ମେ ' ୭ରେ ପାକିସ୍ତାନର ଆତଙ୍କବାଦୀ ଠିକଣା ଉପରେ ଆରମ୍ଭ କରିଥିବା ଅପରେସନ ସିନ୍ଦୂରରେ ପିଓକେସ୍ଥିତ ବହୁ ଆତଙ୍କୀ ଠିକଣାକୁ ଧ୍ୱଂସ କରିଦିଆଯିବା ସହିତ ୧୦୦ରୁ ଅଧିକ ଆତଙ୍କାବଦୀଙ୍କୁ ନିପାତ କରାଯାଇଛି ବୋଲି ସେ କହିଛନ୍ତି। ଏହାସହିତ ପାକିସ୍ତାନ ସେନାର ବହୁ ସାମରିକ ପ୍ରତିଷ୍ଠାନ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ମଧ୍ୟ ସେ ସୂଚିତ କରିଛନ୍ତି। ଆତଙ୍କବାଦ ବିରୋଧରେ ପାକିସ୍ତାନକୁ ଭାରତର ଏହି ଜବାବ ଭାରତୀୟ ସେନାର ସାମର୍ଥ୍ୟ ଏବଂ ଆଧୁନିକ ଯୁଦ୍ଧ ପାଇଁ ତିନି ସେନା ରଖିଥିବା ଦକ୍ଷତାର ପରିଚୟ ବୋଲି ଲେଫ୍ଟନାଣ୍ଟ ଜେନେରାଲ ରାଣା କହିଛନ୍ତି।

## ଭାରତ-ପାକିସ୍ତାନ ସ୍ଥିତି ସମ୍ପର୍କରେ ସଂସଦୀୟ କମିଟିକୁ ଅବଗତ କରିବେ ବିକ୍ରମ ମିଶ୍ରି



ନୂଆଦିଲ୍ଲୀ,୧୩।୫(ଏଜେନ୍ସି): ଭାରତ-ପାକିସ୍ତାନ ସାଂପ୍ରତିକ ସ୍ଥିତି ସମ୍ପର୍କରେ ବୈଦେଶିକ ବ୍ୟାପାର ବିଭାଗୀୟ ସଚିବ ବିକ୍ରମ ମିଶ୍ରି ସଂସଦୀୟ ଷ୍ଟାଣ୍ଡିଂ କମିଟି ( ବୈଦେଶିକ ବ୍ୟାପାର)କୁ ଆସନ୍ତା ୧୯ ତାରିଖରେ ସମ୍ବୋଧିତ କରି ସୂଚନା ଦେବେ। ଶ୍ରୀମିଶ୍ରି ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ହମଲା ଘଟଣା ଠାରୁ ଆରମ୍ଭ କରି ପାକିସ୍ତାନ ବିରୋଧରେ ଭାରତୀୟ ସେନାର ଅପରେସନ ସିନ୍ଦୂରରେ ପାକିସ୍ତାନର ଆତଙ୍କବାଦୀ ଠିକଣା ଉପରେ ସାମରିକ କାର୍ଯ୍ୟାନୁଷ୍ଠାନର ଟିକିନିକ୍ ତଥ୍ୟ ସଂସଦୀୟ କମିଟି ନିକଟରେ ରଖିବେ ବୋଲି ଏହି ଷ୍ଟାଣ୍ଡି କମିଟି ଅଧ୍ୟକ୍ଷ ତଥା ସାଂସଦ ଶଶୀ ଥରୁର୍ ମଙ୍ଗଳବାର ସୂଚନା ଦେଇଛନ୍ତି।

● ପାକିସ୍ତାନ ଉପରେ ବିଏଲଏ ପ୍ରହାର

## ବନ୍ଦର ସମେତ ସିପେକ୍ ପ୍ରକଳ୍ପକୁ ୭୧ ବୋମାମାଡ଼



ଇସଲାମାବାଦା, ୧୩।୫ (ଏଜେନ୍ସି): ଭାରତ ସହ ଉତ୍ତେଜନା ମଧ୍ୟରେ ବଲୁଚ ଲିବରେସନ ଆର୍ମୀ (ବିଏଲଏ) ପାକିସ୍ତାନ ସରକାର ଏବଂ ସେନାର ମୁଣ୍ଡବିନ୍ଧା ସୃଷ୍ଟି କରିଛି। ସ୍ୱାଧୀନତା ଦାବିରେ ସଂଗ୍ରାମ କରୁଥିବା ଏହି ସଂଗଠନ ରଣନୈତିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଉପରେ ଆକ୍ରମଣ ଜାରି ରଖିଛି। ବିଏଲଏ ସୋମବାର ପାକିସ୍ତାନର ୭୧ଟି ଠିକଣାରେ ମିଳିତ ଭାବେ ଆକ୍ରମଣ କରିଥିବା ଦାବି କରିଛି। ଏଗୁଡିକ ମଧ୍ୟରେ ପାକିସ୍ତାନ ସେନା ଏବଂ ଗୁଇନ୍ଦା ସାଇଟ, ସ୍ଥାନୀୟ ଥାନା, ଖଣିଜ ପରିବହନ କରୁଥିବା ଗାଡ଼ି ଏବଂ ପ୍ରମୁଖ ହାଇୱେ ସାମିଲ ରହିଛି। କେବଳ ଚୀନ୍-ପାକିସ୍ତାନ ଆର୍ଥିକ କରିଡର (ସିପେକ) ଉପରେ ବିଏଲଏ ୭୧ ବୋମା ମାଡ଼ କରିଛି। ଏହାକୁ ନେଇ ଏଠାରେ କାମ କରୁଥିବା ଚୀନ୍ ନାଗରିକଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଛି। ବିଏଲଏ ପକ୍ଷରୁ କୁହାଯାଇଛି ଯେ ଶତ୍ରୁକୁ ଧ୍ୱଂସ କରିବା ଏହି ଆକ୍ରମଣର ଲକ୍ଷ୍ୟ ନ ଥିଲା। ଏହା ମାଧ୍ୟମରେ ସାମରିକ ସମନ୍ୱୟ, ଗ୍ରାଉଣ୍ଡ କଣ୍ଟ୍ରୋଲ, ରକ୍ଷଣାତ୍ମକ ସ୍ଥିତି ଏବଂ ଭବିଷ୍ୟତର ଯୁଦ୍ଧ ପାଇଁ ମଧ୍ୟ ଅଭ୍ୟାସ କରାଯାଇଥିଲା। ଏହା ପୂର୍ବରୁ ବିଏଲଏ ଭାରତର ଅପରେସନ ସିନ୍ଦୂରକୁ ସମର୍ଥନ କରିଥିଲା। ଭାରତ ଆକ୍ରମଣ କଲେ ପଶ୍ଚିମ ପଟୁ ପାକିସ୍ତାନକୁ ଘେରିବ ବୋଲି କହିଥିଲା।

■ ଟ୍ରମ୍ପଙ୍କୁ ମିଳିବ ବିଶ୍ୱର ମହଙ୍ଗା ଉପହାର

## କାତାର ଦେବ ୩୩ ହଜାର କୋଟିର ବିମାନ



ୱାଶିଂଟନ, ୧୩।୫ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବିଶ୍ୱର ମହଙ୍ଗା ଉପହାର ମିଳିବାକୁ ଯାଉଛି। କାତାର ସରକାର ତାଙ୍କୁ ବିଳାଶପୂର୍ଣ୍ଣ ବୋଇଂ ୭୪୭-୮ ଜମ୍ବୋ ଜେଟ୍ ଦେବାକୁ ଯାଉଛନ୍ତି। ଏହି ବିମାନର ମୂଲ୍ୟ ପ୍ରାୟ ୪୦୦ ନିୟୁତ ଡଲାର। ଟଙ୍କାରେ ଏହାର ମୂଲ୍ୟ ପ୍ରାୟ ୩୩ ହଜାର କୋଟି। ଟ୍ରମ୍ପ ମଙ୍ଗଳବାର କାତାର ଗସ୍ତରେ ଯିବେ। ଏଠାରେ ତାଙ୍କୁ ଏହି ବିମାନ ଦେବାକୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ଏ ପର୍ଯ୍ୟନ୍ତ ଆମେରିକାର କୌଣସି ରାଷ୍ଟ୍ରପତିଙ୍କୁ ଏଭଳି ମହଙ୍ଗା ଉପହାର ମିଳି ନାହିଁ। ତେବେ ଘୋଷଣା ପରେ ଟ୍ରମ୍ପଙ୍କୁ ସଙ୍ଗେ ସଙ୍ଗେ ଏହି ବିମାନ ମିଳିବ ନାହିଁ। ହ୍ୱାଇଟ ହାଉସ୍‌ର ଜଣେ ଅଧିକାରୀଙ୍କ ଅନୁଯାୟୀ ୨୦୨୯ରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ଶେଷ ହେବ। ଏହା ପୂର୍ବରୁ ସେ ଏହି ବିମାନ ବ୍ୟବହାର କରିପାରିବେ। ରିପୋର୍ଟ ଅନୁଯାୟୀ ଟ୍ରମ୍ପ ଏହି ବିମାନକୁ ଏୟାରଫୋର୍ସ ୱାନର ବିକଳ୍ପ ଭାବେ ବ୍ୟବହାର କରିପାରନ୍ତି। ଏବେ ଟ୍ରମ୍ପ ଏକ ପୁରୁଣା ବିମାନ ୭୫୭ ଜେଟ୍‌କୁ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ବ୍ୟବହାର କରୁଛନ୍ତି। ଏହା ୧୯୯୦ ମସିହାର। ୨୦୧୧ରେ ଏହାକୁ କିଣା ଯାଇଥିଲା। କାତାର ଦେବାକୁ ଥିବା ଏହି ବିମାନ ଟ୍ରମ୍ପଙ୍କ ଫୋର୍ସ ୱାନଠାରୁ ଅଧିକ ଉନ୍ନତ ଏବଂ ଆଧୁନିକ। ତେବେ କାତାର ଏ ଯାଏଁ ବିମାନ ଦେବା କଥା କହିନାହିଁ। ବିମାନ ହସ୍ତାନ୍ତରକୁ ନେଇ ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି। ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।

## ଆଦାମପୁର ଏୟାରବେସ୍‌ରୁ ପାକିସ୍ତାନକୁ ମୋଦୀଙ୍କ ଚେତାବନୀ

# ଏବେ ଘରେ ପଶି ମାରିବୁ



ନୂଆଦିଲ୍ଲୀ,୧୩।୫(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ପଞ୍ଜାବର ଆଦାମପୁର ଏୟାରବେସ୍‌ରେ ପୁଣିଥରେ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି। ଯଦି ପାକିସ୍ତାନ ଆତଙ୍କବାଦକୁ ନେଇ ପୁଣି ହରକତ୍ କରେ ତେବେ ଭାରତ ଘରେ ପଶି ମାରିବ ଏବଂ ପାକିସ୍ତାନକୁ ମାଟିରେ ମିଶାଇ ଦିଆଯିବ ବୋଲି କହିଛନ୍ତି। କେବଳ ଆତଙ୍କବାଦୀ ନୁହନ୍ତି, ପରୋକ୍ଷରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନୀ ସେନାକୁ ମଧ୍ୟ ମୋଦୀ ଏଭଳି ଚେତାବନୀ ଦେଇଛନ୍ତି ମୋଦୀ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପରେ ପ୍ରଥମଥର ଲାଗି ପ୍ରଧାନମନ୍ତ୍ରୀ ମୋଦୀ ମଙ୍ଗଳବାର ପଞ୍ଜାବର ଆଦମପୁର ଏୟାରବେସ୍ ଗସ୍ତ କରି ଭାରତୀୟ ଯବାନଙ୍କୁ ସମ୍ବୋଧନ କରିବା ସହିତ ପାକିସ୍ତାନ ବିରୋଧରେ ଭାରତର ଅପରେସନ ସିନ୍ଦୂରର ସଫଳତାକୁ ନେଇ ଅନେକ କଥା କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, 'ଆମ କ୍ଷେପଣାସ୍ତ୍ର ମାଡ଼ରେ ଶତ୍ରୁ ଥରହର ହେବାକୁ ବାଧ୍ୟ ହୋଇଛି। ଆଗାମୀ ଦଶନ୍ଧି ଯାଏ ଯେବେବି ଅପରେସନ ସିନ୍ଦୂର କଥା ଉଠିବ, ଭାରତୀୟସ୍ୱୋର ପରାକ୍ରମକୁ ପ୍ରଣାମ କରାଯିବ। ଭାରତୀୟ ସେନାର ଶୌର୍ଯ୍ୟ ଏବଂ ପରାକ୍ରମ ଯୋଗୁ ପାକିସ୍ତାନର ୯ରୁ ଅଧିକ ଆତଙ୍କବାଦୀ ଠିକଣା ଧ୍ୱଂସ ପାଇବା ସହିତ ୧୦୦ ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଛନ୍ତି। ଭାରତ ଶତ୍ରୁ ପକ୍ଷର ଘରେ ପଶି ଦମନ କରିପାରିବ ଏହାକୁ ଆମ ସେନା ପ୍ରମାଣିତ କରି ଦେଇଛି। ଭାରତରେ ନିର୍ଦ୍ଦୋଷ ଲୋକଙ୍କ ଉପରେ ରକ୍ତ ବୁହାଇଲେ ଆତଙ୍କବାଦୀଙ୍କ ଅବସ୍ଥା କ'ଣ ହେବ ତାହାକୁ ଭାରତୀୟ ସେନା ପ୍ରମାଣ କରି ଦେଖାଇଛି ବୋଲି ମୋଦୀ କହିଛନ୍ତି।

**ବିଶ୍ୱ ଦେଖିଲା ଭାରତୀୟ ବାୟୁସେନାର ପରାକ୍ରମ**

ପାକିସ୍ତାନରେ ଆତଙ୍କବାଦୀଙ୍କୁ ଆମେ ସୁରକ୍ଷିତ ରଖିବାକୁ ଦେବୁ ନାହିଁ। ଅପରେସନ ସିନ୍ଦୂରରେ ଭାରତୀୟ ସେନା ଯେଭଳି ପରାକ୍ରମ ଦେଖାଇଛି ତଦ୍ୱାରା ଭାରତ ପ୍ରତି ନଜର ଉଠାଇଲେ ସ୍ଥିତି କ'ଣ ହେବ ତାହା ଆତଙ୍କବାଦୀମାନେ ଭଲ ଭାବେ ବୁଝି ସାରିଛନ୍ତି। ନିର୍ଦ୍ଦୋଷ ଲୋକଙ୍କ ରକ୍ତ ବୁହାଇଲେ ପରିଣତି ମହାବିନାଶ ଛଡ଼ା ଆଉ କିଛି ହେବ ନାହିଁ ବୋଲି ସେମାନେ ହୃଦୟଙ୍ଗମ କରିଛନ୍ତି। ମୋଦୀ କହିଛନ୍ତି, 'ଆମ ବାୟୁସେନା ମାତ୍ର ୨୦ରୁ ୨୫ ମିନିଟ୍ ଭିତରେ ହିଁ ସୀମା ଆରପଟେ ଲକ୍ଷ୍ୟଭେଦ କରିଥିଲା। ଆତଙ୍କବାଦୀଙ୍କୁ ସଠିକ୍ ଟାର୍ଗେଟ୍ ଆକ୍ରମଣ କରିବା ଏବଂ ନିପାତ କରିବା ଏକ ଦକ୍ଷ ସେନା ହିଁ କରିପାରିବ। ଯାହାକି ବିଶ୍ୱର ଅନ୍ୟ ଯେକୌଣସି ଶକ୍ତିଶାଳୀ ସେନା ତୁଳନାରେ କିଛି କମ୍ ନୁହେଁ। ଭାରତୀୟ ସେନାରେ ପରାକ୍ରମରେ ଶତ୍ରୁ ଛାତି କିଭଳି ରକ୍ତାକ୍ତ ହୋଇଗଲା ତାହା କାହାକୁ ଅଛପା ନାହିଁ। ମୋଦୀ କହିଥିଲେ ଯେ, 'ଆମ ଲକ୍ଷ୍ୟ କେବଳ ଆତଙ୍କବାଦୀ ଥିଲେ। କିନ୍ତୁ ଭାରତକୁ ବଦନାମ କରିବା ପାଇଁ ପାକିସ୍ତାନ ତାହାର ବେସାମରିକ ବିମାନ ଚଳାଚଳ କ୍ଷେତ୍ରକୁ ଢାଲ କରି ଷଡ଼ଯନ୍ତ୍ର କରିଥିଲା। ଏଭଳି ସ୍ଥିତି ଭାରତୀୟ ସେନା ପାଇଁ ଶତ୍ରୁପକ୍ଷକୁ ନିଶାଣ କରିବା ଲାଗି ଅତ୍ୟନ୍ତ କଠିନ ସ୍ଥିତି ଉତ୍ପନ୍ନ କରିଥିଲା। ଏହାସତ୍ତ୍ୱେ ସାଧାରଣ ଲୋକଙ୍କୁ କୌଣସି କ୍ଷତି ନ ପହଞ୍ଚାଇ ଭାରତୀୟ ସେନା ଯେଭଳି ଆତଙ୍କବାଦୀଙ୍କୁ ନିପାତ କରିଛି ତାହା ଏକ କୀର୍ତ୍ତିମାନ ସ୍ଥାପନ କରିଛି ବୋଲି ମୋଦୀ କହିଥିଲେ। ପଞ୍ଜାବର ଏହି ଏୟାରବେସ୍‌କୁ ପାକିସ୍ତାନ ସେନା ବରବାଦ କରିବା ସହିତ ଏଠାରେ ମୁତୟନ ହୋଇଥିବା ଭାରତର ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମକୁ ଧ୍ୱଂସ କରିଦେଇଛି ବୋଲି ଦାବି କରିଥିଲା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ଏସ-୪୦୦ ଏୟାର ଡିଫେନ୍ସ ସିଷ୍ଟମ ସାମ୍ନାରେ ରହି ଭାରତୀୟ ବାୟୁସେନା ଯବାନମାନଙ୍କୁ ସମ୍ବୋଧିତ କରି ଏହା ସୁରକ୍ଷିତ ରହିଛି ବୋଲି ପରୋକ୍ଷରେ ପାକିସ୍ତାନ ପ୍ରତି ବାର୍ତ୍ତା ଦେଇଥିଲେ।

## ୨ କୋଟି ପାକିସ୍ତାନୀଙ୍କ ଘୋଷଣା: ଭାରତ ସହ ଯୁଦ୍ଧରେ ସେନାକୁ ସମର୍ଥନ ଦେବୁନି

ଇସଲାମାବାଦ, ୧୩।୫ (ଏଜେନ୍ସି): ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଗତ ୭ ତାରିଖରେ ପାକିସ୍ତାନରେ ଥିବା ଆତଙ୍କବାଦୀ ଠିକଣାକୁ ନିଶାଣ କରି ଜୋରଦାର ଆକ୍ରମଣ କରିଥିଲା। ଏହାକୁ ନେଇ ଦୁଇ ଦେଶ ମୁହାଁମୁହିଁ ହୋଇଥିଲେ। ଯୁଦ୍ଧ ଭଳି ସ୍ଥିତି ଲାଗି ରହିଥିଲା। ତେବେ ଭାରତ ସହ ଯୁଦ୍ଧ ହେଲେ ପାକିସ୍ତାନର ଦୁଇ କୋଟି ଲୋକ ନିଜ ସେନାକୁ ସମର୍ଥନ କରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଗ୍ୟାଲପ ପାକିସ୍ତାନ ପକ୍ଷରୁ କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ଭାରତର ଆକ୍ରମଣ ପରେ ଗତ ୭ ତାରିଖରେ ଏହି ସର୍ଭେ କରାଯାଇଥିଲା। ଏହାକୁ ନେଇ ପାକିସ୍ତାନ ସେନା ଭାରତ ବିରୋଧରେ ମିଥ୍ୟା ପ୍ରଚାରପ୍ରସାର କରି ସୋସିଆଲ ମିଡିଆରେ ଯୁଦ୍ଧ ଆରମ୍ଭ କରିଦେଇଥିଲା। ନେତାଠୁ ମନ୍ତ୍ରୀ ଯାଏଁ ସମସ୍ତେ ବାହାସ୍ଫୋଟ ମାରିଥିଲେ। ଏହାସତ୍ତ୍ୱେ ବି ୨କୋଟି ଲୋକେ ପାକିସ୍ତାନ ସେନାକୁ ସମର୍ଥନ ଦେବାକୁ ପ୍ରସ୍ତୁତ ନାହାନ୍ତି। କାରଣ ସେମାନେ ସେନାର ସତ ଜାଣି ସାରିଛନ୍ତି।

ପାକିସ୍ତାନ ଯୁଦ୍ଧ କରିବା ଅନୁଚିତ ବୋଲି ସେମାନେ ମତ ଦେଇଛନ୍ତି। ଭାରତ ଭଳି ଦେଶ ସହ ଯୁଦ୍ଧ କରିବା ଅର୍ଥ ନିଜ ପାଦରେ କୁରାଢି ମାରିବା। ଏବେ ପାକିସ୍ତାନ ଯେଉଁ ସ୍ଥିତି ଦେଇ ଗତି କରୁଛି ତାହା ସାରା ବିଶ୍ୱ ଜାଣିଛି। ଜିଡିପିଠାରୁ ନେଇ ପାକିସ୍ତାନୀ ଅର୍ଥନୀତି ବି ରସାତଳଗାମୀ ହୋଇଛି। ତେଣୁ ଜନତା ଯୁଦ୍ଧ ନୁହେଁ,



ଆର୍ଥିକ ସ୍ଥିରତା ଏବଂ ଶାନ୍ତି ଚାହୁଁଛନ୍ତି। ଏହା ସହିତ ସେନା ଅନେକ ଅଞ୍ଚଳର ଦମନ ଚଳାଇଛି। ତେଣୁ ଲୋକେ ପାକ୍ ସେନାକୁ ସମର୍ଥନ ଦେବାକୁ ଚାହୁଁନାହାନ୍ତି।

ବ୍ରହ୍ମୋସ୍‌ର ସଫଳତାକୁ ନେଇ ସାରା ବିଶ୍ୱ ଚକିତ

## କ୍ଷେପଣାସ୍ତ୍ର କିଣିବାକୁ ୧୭ ରାଷ୍ଟ୍ରଙ୍କ ଧାଡ଼ି

ନୂଆଦିଲ୍ଲୀ,୧୩।୫(ଏଜେନ୍ସି): ପାକିସ୍ତାନ ବିରୋଧରେ ଭାରତର ଅପରେସନ ସିନ୍ଦୂର ସମୟରେ ଭାରତୀୟ ସେନାର ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ସଫଳତା ବିଶ୍ୱର ବହୁ ଦେଶକୁ ଚକିତ କରିଦେଇଛି। ଏହି ଅପରେସନରେ ଭାରତୀୟ ସେନା ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଉପଯୋଗ କରି ପାକିସ୍ତାନର ସାଧାରଣ ଲୋକ କିମ୍ବା କୌଣସି ପ୍ରତିଷ୍ଠାନକୁ କ୍ଷତି ପହଞ୍ଚାଇବା ବିନା କେବଳ ଆତଙ୍କବାଦୀଙ୍କୁ ନିଶାଣ କରି କରି ଯେଭଳି ସଫଳତା ହାସଲ କରିଛି ତାହା ବହୁ ଦେଶକୁ ସ୍ତବ୍ଧ କରିଦେଇଛି। ନିର୍ଭୁଲ ଏବଂ ପୂର୍ଣ୍ଣ ସଠିକତା ସହ ବ୍ରହ୍ମୋସ୍ ପାକିସ୍ତାନର ବହୁ ଆତଙ୍କବାଦୀ ଆଡ୍ଡାକୁ ଧୂଳିସାତ୍ କରିବା ସହିତ ଆକ୍ରମଣରେ ଶତାଧିକ ଆତଙ୍କବାଦୀଙ୍କୁ ନିପାତ କରିବା ଘଟଣା ଏହି କ୍ଷେପଣାସ୍ତ୍ର ପ୍ରତି ଚାହିଦା ବୃଦ୍ଧି କରିଛି। ରୁଷିଆ ସହଯୋଗରେ ଭାରତର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ(ଡିଆରଡିଓ) ବିକାଶ କରିଥିବା ବ୍ରହ୍ମୋସ୍‌କୁ କ୍ଷେପଣାସ୍ତ୍ର ଜଳ, ସ୍ଥଳ ଏବଂ ଆକାଶ ମାର୍ଗରୁ ନିକ୍ଷେପ କରାଯାଇପାରିବା ସହିତ ଏହାର ସୁପରସୋନିକ ଗତି ଏବଂ ଲକ୍ଷ୍ୟସ୍ଥଳକୁ ଭେଦ କରିବା କ୍ଷମତା ଅତୁଳନୀୟ ରହିଛି। ଯାହାକୁ ଭାରତୀୟସ୍ୱୋ ଅପରେସନ ସିନ୍ଦୂରରେ ପ୍ରମାଣିତ କରିଛି। ଏହାକୁ ଦୃଷ୍ଟିରେ ରଖି ଏବେ ଫିଲିପାଇନ୍ସ ଠାରୁ ଆରମ୍ଭ କରି ଇଣ୍ଡୋନେସିଆ, ମାଲେସିଆ,ଭିଏତନାମ,ଥାଇଲାଣ୍ଡ, ସିଙ୍ଗାପୁର,ବ୍ରୁନେଇ ଭଳି ବହୁ ଏସୀୟ ରାଷ୍ଟ୍ର ଭାରତରୁ ବ୍ରହ୍ମୋସ୍ କିଣିବାକୁ ଧାଡ଼ି ଲଗାଇଛନ୍ତି। ସେହିପରି ଦକ୍ଷିଣ ଆମେରିକାର ବ୍ରାଜିଲ,ଚିଲି,ଆର୍ଜେଣ୍ଟିନା ଏବଂ ଭେନେଜୁଏଲା ଭଳି ରାଷ୍ଟ୍ର ଭାରତରୁ ଏହି କ୍ଷେପଣାସ୍ତ୍ର କିଣିବାକୁ ଆଗ୍ରହ ପ୍ରକାଶ କରିଥିଲା ବେଳେ ଇଜିପ୍ଟ, ସାଉଦି ଆରବ, ୟୁଏଇ,





କାତାର ଏବଂ ଓମାନ ଭଳି ବହୁ ମଧ୍ୟପ୍ରାଚ୍ୟ ରାଷ୍ଟ୍ର ମଧ୍ୟ ବ୍ରହ୍ମୋସ୍ କିଣିବାକୁ ଭାରତ ସହ କଥାବାର୍ତ୍ତା ଆରମ୍ଭ କରିଦେଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତର ଅତ୍ୟନ୍ତ ଦ୍ରୁତଗାମୀ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ଭାବେ ବ୍ରହ୍ମୋସ୍‌ର ପ୍ରଥମ ପରୀକ୍ଷଣ ୨୦୦୧ରେ କରାଯାଇଥିଲା। ଏହାର ଗତି କରିବାର କ୍ଷମତା ଶବ୍ଦ ଗତି ଠାରୁ ତିନିଗୁଣ ଅଧିକ ରହିଛି।

## ରାତି ଅଧରେ ଲୁଙ୍ଗି ପିନ୍ଧି ଥାଇଲାଣ୍ଡ ପଳାଇଲେ ପୂର୍ବତନ ରାଷ୍ଟ୍ରପତି

ଢାକା, ୧୩।୫ (ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଦେଶ ଛାଡ଼ିବା ପରଠାରୁ ବାଂଲାଦେଶ ଅଶାନ୍ତ ରହିଛି। ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ କରାଯାଉଥିବାବେଳେ ପୂର୍ବତନ ସରକାରକୁ ସମର୍ଥନ ଦେଉଥିବା ଲୋକଙ୍କୁ ଆକ୍ରମଣ କରାଯାଉଛି। ଦେଶରେ ଅରାଜକତା ସ୍ଥିତି ଲାଗି ରହିଛି। ଏପରି ସ୍ଥଳେ ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ଅବଦୁଲ ହମିଦ (୮୧) ୮ ତାରିଖ ରାତି ଅଧରେ ଲୁଙ୍ଗି ପିନ୍ଧି ଦେଶ ଛାଡ଼ି ବିଦେଶ ପଳାଇଛନ୍ତି। ବାଂଲାଦେଶର ଏକ ଖବରକାଗଜ ଏଭଳି ଦାବି କରିଛି। ପୁଲିସ କାର୍ଯ୍ୟାନୁଷ୍ଠାରୁ ବର୍ତ୍ତିବା ଲାଗି ସେ ଗତ ଗୁରୁବାର ଭୋର ତିନିଟାରେ ଦେଶ ଛାଡ଼ିଥିଲେ। ଏବେ ସେ ଥାଇଲାଣ୍ଡରେ ଅଛନ୍ତି।

■ ବାଂଲାଦେଶରେ ଅରାଜକତା

ରିପୋର୍ଟ ଅନୁଯାୟୀ ମହମ୍ମଦ ୟୁନୁସଙ୍କ ସରକାର ପୂର୍ବତନ ରାଷ୍ଟ୍ରପତି ଫେରାର ହେବା ଘଟଣାର ଯାଞ୍ଚ ଆରମ୍ଭ କରି ଦେଇଛନ୍ତି। ଏହି ମାମଲାକୁ ନେଇ ସ୍ଥାନୀୟ ପୁଲିସ ଅଧିକାରୀଙ୍କୁ ନିଲମ୍ବନ ଏବଂ ବଦଳି କରାଯାଇଛି। ତେବେ ପୂର୍ବତନ ରାଷ୍ଟ୍ରପତିଙ୍କ ପରିବାର ସଦସ୍ୟ କହିଛନ୍ତି ଯେ ଅବଦୁଲ ଚିକିତ୍ସା ପାଇଁ ଭାଇ ଏବଂ ଭିଣୋଇଙ୍କ ସହ ଯାଇଛନ୍ତି। ତେବେ ରାଜନୈତିକ ବିରୋଧୀଙ୍କ ସୂଚନା ଅନୁଯାୟୀ ମାମଲାରୁ ବର୍ତ୍ତିବା ଲାଗି ଅବଦୁଲ ଏପରି ପଦକ୍ଷେପ ନେଇଛନ୍ତି। ତାଙ୍କ ବିରୋଧରେ ହତ୍ୟା ମାମଲା ଚାଲିଛି। ଶେଖ ହସିନାଙ୍କ ସରକାର ଭୁଶୁଡ଼ିବା ପରେ ଅନେକ ନେତାଙ୍କ ଜେଲ୍ ପଠାଇ ଦିଆଯାଇଛି। ଆଉ କିଛି ଭୟରେ ବିଦେଶ ଚାଲି ଯାଇଛନ୍ତି। ଅନ୍ୟମାନେ ଫେରାର ଅଛନ୍ତି। ସରକାର ଆକ୍ରୋଶମୂଳକ ପଦକ୍ଷେପ ନେଇ ଅନେକ ନେତାଙ୍କ ବିରୋଧରେ ସଙ୍ଗୀନ ମାମଲା ରୁଜୁ କରିଛନ୍ତି।



## ୩ ଲସ୍କର ଆତଙ୍କବାଦୀ ନିହତ; ଆତଙ୍କୀଙ୍କୁ ଧରାଇଦେବାକୁ ୨୦ ଲକ୍ଷ ପୁରସ୍କାର

ଶ୍ରୀନଗର, ୧୩।୫ (ଏଜେନ୍ସି): ପାକିସ୍ତାନ ସହ ଅସ୍ତ୍ରବିରତି ପରେ ଜମ୍ମୁ-କଶ୍ମୀର ସୋପିଆନର ସୋକେଲା କେଲର ଅଞ୍ଚଳରେ ମଙ୍ଗଳବାର ଏନକାଉଣ୍ଟର ହୋଇଛି। ଏଠାରେ ଲସ୍କର-ଇ-ତୋଏବା (ଏଲଇଟି)ର ତିନି ଆତଙ୍କବାଦୀଙ୍କୁ ସୁରକ୍ଷାବାହିନୀ ନିପାତ କରିଛି। ଏହି ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୁଇନ୍ଦା ସୂଚନା ମିଳିବା ପରେ ରାଷ୍ଟ୍ରୀୟ ରାଇଫଲ ଟିମ୍ ସହ ମିଶି ଭାରତୀୟ ସେନା ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଏହି ସମୟରେ ଆତଙ୍କବାଦୀ ସୁରକ୍ଷାବାହିନୀ ଉପରେ ପ୍ରବଳ ଗୁଳିଗୋଳା ମାଡ଼ କରିଥିଲା। ପରେ ଭାରତୀୟ ସେନା ଆତଙ୍କବାଦୀଙ୍କୁ ଜବାବ ଦେଇଥିଲା। ସେନା ଏହି ଅଭିଯାନର ନାମ 'ଅପରେସନ କିଲର' ଦେଇଛି।

ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀର ପୁଲିସ ମଙ୍ଗଳବାର ପହଲଗାମ ଆକ୍ରମଣରେ ସାମିଲ ତିନି ଆତଙ୍କବାଦୀଙ୍କ ଫଟୋ ଜାରି କରିଛି। ଏମାନଙ୍କ ସୂଚନା ଦେଲେ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି। ଏହା ପୂର୍ବରୁ ପୁଲିସ ତିନି ସନ୍ଦିଗ୍ଧ ଆତଙ୍କବାଦୀଙ୍କ ସ୍କେଚ ଜାରି କରିଥିଲା। ଏମାନଙ୍କ ମଧ୍ୟରେ ଅନନ୍ତନାଗର ଆଦିଲ ହୁସେନ ଠୋକର, ପାକିସ୍ତାନର ଅଲି ଭାଇ ଓରଫ ତଲ୍ଲା ଭାଇ ଏବଂ ହସାମିଲ ମୁସା ଓରଫ ସୁଲେମାନି ରହିଥିଲା। ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ନାଗରିକ ପ୍ରାଣ ହରାଇ ଥିଲେ। ଏହି ଆକ୍ରମଣ ପାଇଁ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବାର ଶାଖା ଟିଆରଏଫ ନିଜକୁ ଦାୟୀ କରିଥିଲା। ଏହାର ଜବାବ ଦେବାକୁ ଯାଇ ଭାରତ ଗତ ୭ ତାରିଖରେ ପାକିସ୍ତାନରେ କ୍ଷେପଣାସ୍ତ୍ର ମାଡ଼ କରିଥିଲା।

## ପଦ୍ମଶ୍ରୀ ବୈଜ୍ଞାନିକ ସୁବନ୍ନାଙ୍କ ସନ୍ଦେହଜନକ ମୃତ୍ୟୁ



ବେଙ୍ଗାଲୁରୁ, ୧୩।୫ (ଏଜେନ୍ସି): ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର)ର ପୂର୍ବତନ ଡିଜି ତଥା ନୀଳ ବିପ୍ଳବର ପ୍ରମୁଖ ବିନ୍ଧାଣୀ ପଦ୍ମଶ୍ରୀ ବୈଜ୍ଞାନିକ ଡ. ସୁବନ୍ନା ଅୟପାନଙ୍କ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ହୋଇଛି। ସେ ଗତ ୭ ତାରିଖରୁ ନିଖୋଜ ଥିଲାବେଳେ ଶନିବାର ଶ୍ରୀରଙ୍ଗପାଟନାର ସାଇ ଆଶ୍ରମ ନିକଟସ୍ଥ କାବେରୀ ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ନଦୀକୂଳରୁ ମଧ୍ୟ ତାଙ୍କ ସ୍କୁଟର ଠାବ କରାଯାଇଛି। ଏବେ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଅଧିକ ଗଭୀର ହେବାରେ ଲାଗିଛି। ଏବେ ପୁଲିସ ମାମଲାର ତଦନ୍ତ କରୁଛି। ସୂଚନା ଅନୁଯାୟୀ ଡ. ଅୟପାନ ମହୀଶୂରରେ ପତ୍ନୀଙ୍କ ସହ ରହୁଥିଲେ। ସେ ନିଖୋଜ ଥିବା ଅଭିଯୋଗ ହେବା ପରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଥିଲା।

ଡ. ଅୟପାନ ଭାରତର ନୀଳ ବିପ୍ଳବର ପ୍ରମୁଖ ବିନ୍ଧାଣୀ ଥିଲେ। ସେ ମାଛ ଚାଷ ପାଇଁ ନୂଆ ଉପାୟ ଉଦ୍ଭାବନ କରିଥିଲେ। ଏହା ଭାରତର ସ୍ଥିତି ପରିବର୍ତ୍ତନ କରିଦେଇଥିଲା। ତାଙ୍କ କାର୍ଯ୍ୟ ପାଇଁ ଗ୍ରାମୀଣ କ୍ଷେତ୍ରରେ ଲୋକଙ୍କୁ ଜୀବନଶୈଳୀ ବଦଳି ଯାଇଥିଲା। ନୂଆ କୌଶଳ ଯୋଗୁଁ ଖାଦ୍ୟ ବ୍ୟବସ୍ଥାକୁ ସୁଦୃଢ଼ ହୋଇଥିଲା ଏବଂ ଉପକୂଳ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ମାଛ ଉତ୍ପାଦନ ବୃଦ୍ଧି ପାଇଥିଲା। ଏହି ଅବଦାନ ପାଇଁ ତାଙ୍କୁ ୨୦୨୨ରେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା।

## ଚଟଗାଁଓ ପାଲଟିବ ବାଂଲାଦେଶର ବେଲୁଚିସ୍ତାନ !

ଢାକା,୧୩।୫(ଏଜେନ୍ସି) : ବାଂଲାଦେଶର ୟୁନୁସ୍ ସରକାରଙ୍କ ପାଇଁ ଏବେ ବିପଦ ବଢିବାର ଆଶଙ୍କା ଉପୁଜିଛି। ବାଂଲାଦେଶର ଦକ୍ଷିଣ-ପୂର୍ବାଞ୍ଚଳରେ ଥିବା ଚଟଗାଁଓ ହିଲ ଟ୍ରାକ୍ଟସ(ସିଏଚଟି) ଏବେ ପାକିସ୍ତାନର ବେଲୁଚିସ୍ତାନ ହେବ ବୋଲି ଆଶଙ୍କା ବଢିଛି। ପାକିସ୍ତାନ ସରକାର ବେଲୁଚିସ୍ତାନର ବିକାଶ ଏବଂ ଉନ୍ନତି ପ୍ରତି ଆଖି ବୁଜିଦେଇ ସେଠାରୁ କେବଳ ଶୋଷଣ କରୁଥିବାରୁ ଏବେ ବେଲୁଚିସ୍ତାନ ସ୍ୱତନ୍ତ୍ରତା ସଂଗ୍ରାମ ଚଳାଇଛି। ବାଂଲାଦେଶରେ ମଧ୍ୟ ଚିଟାଗଙ୍ଗ ହିଲ୍ସକୁ ନେଇ ସମାନ ପରିସ୍ଥିତି ଉପୁଜିଛି। ଏହି ଅଞ୍ଚଳର ସ୍ୱତନ୍ତ୍ରତା ପାଇଁ ଉଠୁଥିବା ସ୍ୱର ବେଳକୁ ବେଳ ତୀବ୍ର ହେବା ସହିତ ଏବେ ୟୁନୁସ୍ ସରକାର ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ମୁହମ୍ମଦ ୟୁନୁସଙ୍କ ସରକାର ଏକ ରିପୋର୍ଟ ଏବଂ ସାମ୍ପ୍ରତିକ ଘଟଣାକ୍ରମ ଯୋଗୁଁ ଗଭୀର ସଙ୍କଟରେ ଥିବା ଦେଖାଯାଉଛି। ଗତ ୧୦ ତାରିଖରେ ବାଂଲାଦେଶ ଏଲଡି ହଲ୍‌ରେ ୟୁନାଇଟେଡ ପିପୁଲ୍ସ ଡେମୋକ୍ରାଟିକ ଫ୍ରଣ୍ଟ (ୟୁପିଡିଏଫ) ଏବଂ ନ୍ୟାସନାଲ କନସେନସସ କମିସନର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମିକେଲ ଚକମା ଚଟଗାଁଓ ହିଲ ଟ୍ରାକ୍ଟସ ପାଇଁ ସ୍ୱାୟତ୍ତଶାସନର ଦାବିକୁ ପୁନର୍ବାର ଉଠାଇଥିଲେ। ଏହି ଦାବି ଦଶନ୍ଧି ଧରି ଉଠି ଆସୁଥିଲେ ମଧ୍ୟ ବାଂଲାଦେଶ ସରକାର ଏହାକୁ ଗମ୍ଭୀରତାର ସହ ଗ୍ରହଣ କରିନାହିଁ। ଏହି ଅବହେଳା ପାଇଁ ଚଟଗାଁଓ ଏକ ବିଦ୍ରୋହୀ ଅଞ୍ଚଳରେ ପରିଣତ ହେବା ସହ ପାକିସ୍ତାନର ବେଲୁଚିସ୍ତାନ ରୂପ ନେବାକୁ ଯାଉଛି ବୋଲି ଆଶଙ୍କା ବଢୁଛି।

## ଆତଙ୍କବାଦୀ ମାସୁଦ ଆଝାରକୁ ୧୪ କୋଟି ଦେବେ ପାକିସ୍ତାନ ସରକାର !

ନୂଆଦିଲ୍ଲୀ,୧୩।୫(ଏଜେନ୍ସି): ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବା ପରେ ଆତଙ୍କବାଦୀଙ୍କ ପ୍ରତି ପାକିସ୍ତାନ ସରକାର ପୁଣି ସମ୍ବେଦନଶୀଳ ହୋଇପଡ଼ିଛନ୍ତି। ଭାରତୀୟ ସେନାରେ ଆକ୍ରମଣରେ ନିହତ ହୋଇଥିବା ଆତଙ୍କବାଦୀଙ୍କ ପରିବାର ସମେତ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ମାସୁଦ ଆଝାରକୁ ୧୪ କୋଟି ଟଙ୍କା ଦେବାକୁ ପାକିସ୍ତାନ ସରକାର ସୁହାଦ ନାମରେ ଏକ ପ୍ୟାକେଜ୍ ଘୋଷଣା କରିଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେବାରେ ଲାଗିଛି। ପାକିସ୍ତାନ ସରକାରଙ୍କ ଘୋଷଣା ଅନୁଯାୟୀ ଅପରେସନ ସିନ୍ଦୂରରେ ନିହତ ସମସ୍ତ ଆତଙ୍କବାଦୀଙ୍କ ପରିବାରକୁ ୧ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯିବ। ଶାହବାଜ ସରିଫଙ୍କ ସରକାର ଏଥିପାଇଁ ସୁହାଦ ପ୍ୟାକେଜ ଘୋଷଣା କରିଛନ୍ତି।ଅପରେସନ ସିନ୍ଦୂର ସମୟରେ ଜୈସ୍-ଇ-ମହମ୍ମଦ ମୁଖ୍ୟ ମାସୁଦ ଆଝାର ବାହାୱଲପୁରସ୍ଥିତ ଘର ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା। ଏଥିରେ ମାସୁଦ ପରିବାରର ୧୪ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି କାରଣରୁ ପାକିସ୍ତାନ ସରକାର ସୁହାଦ ପ୍ୟାକେଜରେ ମାସୁଦ୍‌କୁ ୧୪ କୋଟି ଟଙ୍କା ଦେବାକୁ ପ୍ରସ୍ତୁତ ହେଉଥିବା କୁହାଯାଇଛି।

## ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ଘରେ ନିଆଁ

ଲଣ୍ଡନ, ୧୩।୫ (ଏଜେନ୍ସି): ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମରଙ୍କ ଉତ୍ତର ଲଣ୍ଡନ ସ୍ଥିତ ଘରେ ନିଆଁ ଲାଗିଯାଇଛି। ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଏହି ନିଆଁକୁ ଲିଭାଇଛି। ଏହି ମାମଲାରେ ପୁଲିସ ଜଣେ ୨୧ ବର୍ଷୀୟ ଯୁବକକୁ ଗିରଫ କରିଛି। ଆତଙ୍କବାଦୀ ଆକ୍ରମଣକୁ ଆଶଙ୍କା କରି ପୁଲିସ ମାମଲାର ତଦନ୍ତ କରୁଛି। ତେବେ ନିଆଁ କେମିତି ଲାଗିଲା ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ପୁଲିସ ପକ୍ଷରୁ କୌଣସି ସୂଚନା ମଧ୍ୟ ଦିଆଯାଇ ନାହିଁ। ଏଥିରେ କେହି ମୃତାହତ ମଧ୍ୟ ହୋଇନାହାନ୍ତି। ଜୁଲାଇରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଷ୍ଟାର୍ମର ସରକାରୀ କାର୍ଯ୍ୟାଳୟ ଡାଉନିଂ ଷ୍ଟ୍ରିଟକୁ ଆସି ଯାଇଥିଲେ। ସେ ଏହି ଘରକୁ ଭଡ଼ାରେ ଦେଇଥିଲେ।

## ୨୪ ଘଣ୍ଟା ଭିତରେ ଭାରତ ଛାଡ଼ିବାକୁ ପାକିସ୍ତାନୀ କୁଟନୀତିଜ୍ଞଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୩।୫(ଏଜେନ୍ସି): ୨୪ ଘଣ୍ଟା ମଧ୍ୟରେ ଭାରତ ଛାଡି ଚାଲିଯିବାକୁ ନୂଆଦିଲ୍ଲୀ ଠାରେ ଅବସ୍ଥାପିତ ପାକିସ୍ତାନୀ ଗୂଟନୀତିଜ୍ଞମାନଙ୍କୁ ଭାରତ ସରକାର ନିର୍ଦ୍ଦେଶ ଦେଇଛନ୍ତି। କୂଟନୀତି କାର୍ଯ୍ୟ ବଦଳରେ ପାକିସ୍ତାନୀ କୂଟନୀତିଜ୍ଞମାନେ ଯେଉଁ କାର୍ଯ୍ୟ କରୁଛନ୍ତି ତାହାକୁ ଭାରତ ସରକାର ଅନୈତିକ ବୋଲି ଦର୍ଶାଇବା ସହିତ ସେମାନଙ୍କୁ ' ପର୍ସନା ନନ୍ ଗ୍ରାଟା' ବୋଲି ଘୋଷଣା କରି ଭାରତ ଛାଡି ଚାଲି ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତ ସରକାରଙ୍କ ଏହି ନିର୍ଦ୍ଦେଶନାମା ପାକିସ୍ତାନ ହାଇକମିସନଙ୍କ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଛି।

# ଏଥର ଖରିଫ ଧାନ ବିହନ ସଂକଟ !

■ ଚଳିତ ବର୍ଷ ଅଢ଼େଇ ହଜାର କ୍ୱିଣ୍ଟାଲ କମ ବିହନ ସଂଗ୍ରହ
■ କଟକରେ ବିହନ ପ୍ରକ୍ରିୟାକରଣ କେନ୍ଦ୍ର ନଥିବାରୁ ଖର୍ଚ୍ଚାନ୍ତ ଚାଷୀ

**କଟକ, ୧୩।୫(ସମିସ):** ଏଥର ଖରିଫ ଚାଷ ପାଇଁ ସ୍ଥିରୀକୃତ ଚାଷୀମାନଙ୍କଠାରୁ ଯେତିକି ପରିମାଣରେ ବିହନ ସଂଗ୍ରହ କରାଯିବା କଥା, ତାହା ସମ୍ଭବ ହୋଇପାରିନାହିଁ। କୃଷି ପ୍ରଧାନ କଟକ ଜିଲ୍ଲାରେ ଚଳିତଥର ଅଢ଼େଇ ହଜାର କ୍ୱିଣ୍ଟାଲ କମ ଧାନ ସଂଗ୍ରହ ହୋଇଛି। ଜିଲ୍ଲାର ପ୍ରାୟ ୨୦୦ରୁ ଅଧିକ ଚାଷୀଙ୍କୁ ଫାଉଣ୍ଡେସନ୍ ବିହନ ଯୋଗାଯାଇ ସେମାନଙ୍କଠାରୁ ଏଥର ବିଭିନ୍ନ କିସମର ୭ ହଜାର ୫୦୦ କ୍ୱିଣ୍ଟାଲ ଧାନ ବିହନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ମାତ୍ର ୫ହଜାର କ୍ୱିଣ୍ଟାଲ ସଂଗୃହୀତ ହୋଇପାରିଛି। ଫଳରେ ଚାଷୀଙ୍କ ଚାହିଦା ମେଣ୍ଟାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ କଟକ ଜିଲ୍ଲା ନୁହେଁ, ରାଜ୍ୟରେ ଏଭଳି ସ୍ଥିତି ଉପୁଜିଛି।

ରାଜ୍ୟ ସରକାର ଏଥର ନିର୍ବାଚନ ପ୍ରତିଶ୍ରୁତି ପାଳନ ପୂର୍ବକ ଧାନ କ୍ୱିଣ୍ଟାଲ ପ୍ରତି ବୋନସ୍ ସହ ୩୧୨୦ଟଙ୍କା ପ୍ରଦାନ କରିଥିଲେ। ଯାହା ପୂର୍ବରୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ରହିଥିଲା। ଧାନ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩୦୦ ଟଙ୍କା ଥିବା ବେଳେ ବିହନ ଯୋଗାଉଥିବା ଚାଷୀଙ୍କୁ କ୍ୱିଣ୍ଟାଲ ପ୍ରତି ୨୯୦୦ ଟଙ୍କା ମିଳୁଥିବାରୁ ଅନେକ ଚାଷୀ ବିହନ ଦେବା ପାଇଁ ଆଗ୍ରହ ପ୍ରକାଶ କରୁଥିଲେ। ହେଲେ ଏଥର ଖରିଫ ଧାନ ବିକ୍ରି କରି ଏହାଠାରୁ ଅଧିକ ମୂଲ୍ୟ ପାଇବାରୁ ଚାଷୀମାନେ ଆବଶ୍ୟକ ମୁତାବକ ବିହନ ଯୋଗାଇ ପାରିନାହାନ୍ତି। ଅନ୍ୟପଟରେ ବିଭିନ୍ନ ଜିଲ୍ଲାରେ ବିହନ ଯୋଗାଉଥିବା ଚାଷୀମାନଙ୍କ ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମର ବିହନ ପ୍ରକ୍ରିୟାକରଣ କେନ୍ଦ୍ରଗୁଡ଼ିକ ରହିଛି।

ହେଲେ କଟକ ଜିଲ୍ଲାରେ ଏହି କେନ୍ଦ୍ର ନଥିବାରୁ ବିହନ ପ୍ରକ୍ରିୟାକରଣ ପରେ ଏହାକୁ ପ୍ରମାଣୀକୃତ କରିବା ପାଇଁ କଟକ ଜିଲ୍ଲାର ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି। ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ୪ବର୍ଷ ତଳୁ କଟକ ଜିଲ୍ଲାର ଚାଷୀମାନଙ୍କ ପାଇଁ ରାଣୀହାଟ ନିକଟରେ ଥିବା ବିହନ ପ୍ରକ୍ରିୟାକରଣ କେନ୍ଦ୍ରଟି ଭଙ୍ଗାଯାଇଥିଲା। ଅଦ୍ୟାବଧି ନୂତନ ସ୍ଥାନରେ ଏହି ପ୍ରକ୍ରିୟାକରଣ କେନ୍ଦ୍ର ନିର୍ମାଣ ହୋଇପାରିନାହିଁ। ଫଳରେ ବିହନ ପ୍ରକ୍ରିୟାକରଣ କରିବା ପାଇଁ ସେମାନଙ୍କୁ ନିଜ ଖର୍ଚ୍ଚରେ ପଡ଼ୋଶୀ ଜିଲ୍ଲାମାନଙ୍କରେ ରହିଥିବା ପ୍ରକ୍ରିୟାକରଣ ୟୁନିଟ୍‌କୁ ନେବାକୁ ପଡୁଛି।

କଟକ ରାଣୀହାଟରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଏହି ପ୍ରକ୍ରିୟାକରଣ ୟୁନିଟ କରାଯାଇଥିଲା। ଏସ୍‌ସିବି ମେଡିକାଲ ପ୍ରକଳ୍ପ ପାଇଁ ତାଳଦଣ୍ଡା କେନାଲ ରାସ୍ତା ସମ୍ପ୍ରସାରଣ ହେବା ପୂର୍ବରୁ ଏହା ହଟାଯାଇଥିଲା। ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ, ପ୍ରତାପନଗରୀର ଜାତୀୟ ରାଜପଥ କଡ଼ରେ ଏହି ପ୍ରକ୍ରିୟାକରଣ କେନ୍ଦ୍ର ପାଇଁ ୩ ଏକର ପରିମିତ ଏକ ଜାଗା ଚିହ୍ନଟ ହୋଇଥିଲା। ଯାହା ଆଗକୁ ଆଉ ଅଗ୍ରଗତି କରିପାରିନାହିଁ। ୪ବର୍ଷ ଧରି ଆଠଗଡ଼, ବଡ଼ମ୍ବା ଅଞ୍ଚଳର ଚାଷୀ ଢେଙ୍କାନାଳ ଜିଲ୍ଲା ପ୍ରକ୍ରିୟାକରଣ କେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ବାଙ୍କୀ, ବାରଙ୍ଗ, ନିଆଳି ଅଞ୍ଚଳର ଚାଷୀ ଭୁବନେଶ୍ୱର ଉପରେ, ନିଶ୍ଚିନ୍ତକୋଇଲି, ମାହାଙ୍ଗା ଅଞ୍ଚଳର ଚାଷୀ କେନ୍ଦ୍ରାପଡ଼ା ଉପରେ ଓ ସଦର ଅଞ୍ଚଳର ଚାଷୀ ଜଗତସିଂହପୁର ଜିଲ୍ଲା ଉପରେ ନିର୍ଭର କରୁଛନ୍ତି। ନିଜ ଜିଲ୍ଲାର ଚାଷୀଙ୍କୁ ମଧ୍ୟ ପ୍ରକ୍ରିୟାକରଣରେ ପ୍ରାଥମିକତା ଦିଆଯାଉଥିବାରୁ କଟକ ଚାଷୀମାନଙ୍କ ଆବଶ୍ୟକ ବିହନ ଗୁଡିକର ପ୍ରକ୍ରିୟାକରଣ ବିଳମ୍ବିତ ହେଉଥିବା ଜଣାପଡ଼ିଛି। ଏଣୁ, ଏଥର ଚାହିଦା ମୁତାବକ ବିହନ ଯୋଗାଣରେ ବିହନ ନିଗମ ଏକପ୍ରକାର ଅସମର୍ଥ ହେବ ବୋଲି କୁହାଯାଉଛି।

## ମିହିର ପ୍ରସାଦ ମିଶ୍ର, ଉଦୟ ନାରାୟଣ ଦାସ ଓପିଏସ୍‌ସି ସଦସ୍ୟ ନିଯୁକ୍ତ

ସୁଧାକର ବୁର୍ଗି ଓ ଶ୍ରୁତି ଦାସ ଓଏସ୍‌ଏସ୍‌ସିରେ ସଦସ୍ୟ

**ଭୁବନେଶ୍ୱର,୧୩।୫(ସମିସ):** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଓ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି)ରେ ଦୁଇଜଣ ଲେଖାଏଁ ସଦସ୍ୟଙ୍କୁ ସାମିଲ କରାଯାଇଛି। ଜଣଗଣନା ନିର୍ଦ୍ଦେଶକ ତଥା ଆଇଏଏସ୍ ଉଦୟ ନାରାୟଣ ଦାସ ଓ ପୁରୀସ୍ଥିତ ଏସ୍‌ସିଏସ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମିହିର ପ୍ରସାଦ ମିଶ୍ରଙ୍କୁ ଓପିଏସ୍‌ସି ସଦସ୍ୟ ଭାବେ ନୂତନ ନିଯୁକ୍ତି ଦିଆଯାଇଛି। ତାଙ୍କର କାର୍ଯ୍ୟକାଳ ୬ ବର୍ଷ ବା ସେମାନଙ୍କୁ ୬୨ ବର୍ଷ ହେବା ଯାଏଁ ରହିବ ବୋଲି ଦର୍ଶାଯାଇଛି। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ପ୍ରଫେସର ଥିବା ଡ. ଶୃତି ଦାସ୍ ଏବଂ ଅବସରପ୍ରାପ୍ତ ଆଇଏସ୍ ଅଧିକାରୀ ସୁଧାକର ବୁର୍ଗିଙ୍କୁ ଓଏସ୍‌ଏସ୍‌ସିର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ସେମାନଙ୍କ କାର୍ଯ୍ୟକାଳ ୫ ବର୍ଷ ବା ୬୫ ବର୍ଷ ହେବା ପର୍ଯ୍ୟନ୍ତ ରହିବ। ଏନେଇ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଚାରାରୋପଣ ଦୁର୍ନୀତି

## ୫ ବନ କର୍ମଚାରୀଙ୍କୁ ବାନ୍ଧିଲା ଭିଜିଲାନ୍ସ



**ଜୟପାଟଣା,୧୩।୫(ସମିସ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅଧୀନ ଜୟପାଟଣା ରେଞ୍ଜରେ ଚାରାରୋପଣ ଦୁର୍ନୀତି ଅଭିଯୋଗରେ କଳାହାଣ୍ଡି ଭିଜିଲାନ୍ସ ୪ ରେଞ୍ଜରେ କାର୍ଯ୍ୟରତ ୫ ବନ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ଡେପୁଟି ରେଞ୍ଜର ଶୈଳେନ୍ଦ୍ରୀ ବାଗ, ଫରେଷ୍ଟରଉମେଶ ରାଉତ, ଦେବରାଜ ସୁନାନୀ, ଫରେଷ୍ଟ ଗାର୍ଡ ଅଶୋକ ସାହୁ ଓ ଲଳିତ ନାଏକ। କ୍ଷତିପୂରଣ ବନୀକରଣ (କାମ୍ପା) ଯୋଜନାରେ ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ପକ୍ଷରୁ ୨୫ଜଣିଆ ଏକ ଦଳ ଅନୁସନ୍ଧାନ କରିଥିଲେ। ଚାରାରୋପଣ ସ୍ଥାନଗୁଡ଼ିକରେ ଯାଞ୍ଚ କରାଯାଇଥିଲା। ତଦନ୍ତ ବେଳେ ସରକାରୀ ଅର୍ଥ ତୋଷରପାତ ହୋଇଥିବା ସାମ୍ନାକୁ ଆସିଥିଲା। ଚାରାରୋପଣ ପାଣ୍ଠିର ଟଙ୍କାକୁ ବେନାମୀ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇ ପରବର୍ତ୍ତୀ ସମୟରେ ସେଇ ଟଙ୍କା ଉଠାଣ କରାଯାଇଛି ବୋଲି ଜଣାପଡ଼ିଥିଲା। ୨୦୨୩-୨୪ରେ ଚମ୍ପାଟୁଆ -୧ରେ ୧୬ ଶହ ଗଛର ୪୩ ଲକ୍ଷ ୭୫ ହଜାର ୬୩୪ ଟଙ୍କା, ଚମ୍ପାଟୁଆ-୨ରେ ୧୬ଶହ ଗଛର ୬ ଲକ୍ଷ ୬୭ ହଜାର ୪୪୬ ଟଙ୍କା, ଖମାରପଦର ବଡ଼ହିଲରେ ୮ଶହ ଗଛର ୧୨ ଲକ୍ଷ ୭୬ ହଜାର ୨୯୧ ଟଙ୍କା, ଖମାରପଦର ଏଏନଆରରେ ୪ ଶହ ଗଛର ୫ ଲକ୍ଷ ୧୨ ହଜାର ୫୧୯ ଟଙ୍କାକୁ ମିଶାଇ ୭୯, ଲକ୍ଷ ୫୪ ହଜାର ୬୩୫ ଟଙ୍କା ଅପବ୍ୟବହାର ହୋଇଥିବା ଜଣାପଡ଼ିଛି।

## ବଜ୍ରପାତରେ ବାପ-ପୁଅ ସମେତ ୩ ମୃତ

### ଚନ୍ଦାହାଣ୍ଡିରେ ମା' ଆଗରେ ଟଳି ପଡ଼ିଲା ପୁଅ

**କିଶୋରନଗର/ଚନ୍ଦାହାଣ୍ଡି, ୧୩।୫ (ସମିସ):** ବଜ୍ରପାତ ଆଜି ୩ଜଣଙ୍କ ଜୀବନ ନେଇଛି। ଅନୁଗୋଳ ଜିଲ୍ଲାରେ ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଅନୁଗୋଳ ଜିଲ୍ଲା ନାକଚି ପଞ୍ଚାୟତର ବାଲିଖମଣ ଗାଁର ପ୍ରଫୁଲ୍ଲ ମାଝି (୪୫) ଓ ତାଙ୍କ ପୁଅ ପ୍ରବୀଣ ମାଝି (୨୩) ଏବଂ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ଚିଲିଗାଁ ଗ୍ରାମର ହୁକୁମତ ଶଗଡ଼ିଆ (୨୬)।

ସୂଚନାନୁଯାୟୀ, ଆଜି ଅପରାହ୍ଣରେ ବାଲିଖମଣ ଗାଁର ପ୍ରଫୁଲ୍ଲ ଓ ତାଙ୍କ ପୁଅ ପ୍ରବୀଣଙ୍କ ସମେତ ଅନ୍ୟ ୨ଜଣ ଟକବା ଗାଁର ବିରଞ୍ଚି ସେଠୀ ଓ ରାଣୀଭୂଇଁ ଗାଁର ଅରୁଣ ବେହେରା ବିଲରେ କାମ କରୁଥିଲେ। ଏହି ସମୟରେ ହଠାତ୍ କାଳବୈଶାଖୀ ଜନିତ ବର୍ଷା-ପବନ ହେବା ସହ ଘନଘନ ବଜ୍ରପାତ ହୋଇଥିଲା। ସମସ୍ତେ ନିକଟରେ ଥିବା ଆମ୍ବଗଛ ତଳେ ଆଶ୍ରୟ ନେଇଥିବା ବେଳେ ସେଠାରେ ବଜ୍ରପାତ ହୋଇଥିଲା। ଏଥିରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ଏକ ଆମ୍ବୁଲାନ୍ସରେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ବାପ-ପୁଅଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ବିରଞ୍ଚିଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସେହିପରି, ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଅଧୀନ ଚିଲିଗାଁ ଗ୍ରାମର ହୁକୁମତ ଶଗଡ଼ିଆଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ମା' ଭାନୁମତୀ ଶଗଡ଼ିଆ (୫୪) ଗୁରୁତର ଆହତ ହୋଇଛନ୍ତି। ଆଜି ମଧ୍ୟାହ୍ନରେ ପ୍ରବଳ ବେଗରେ ପବନ ବହିବା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ମା'-ପୁଅ ବଲରେ ଧାନ ଅମଳ କରୁଥିଲେ। ବର୍ଷା ପବନ ଦାଉରୁ ରକ୍ଷା ପାଇବା ପାଇଁ ସେମାନେ ଏକ ଗଛ ତଳେ ଆଶ୍ରୟ ନେଇଥିବା ବେଳେ ସେମାନଙ୍କ ଉପରେ ବଜ୍ରପାତ ହୋଇଥିଲା। ପରିବାରଲୋକ ତୁରନ୍ତ ସେମାନଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ସେଠାରେ ହୁକମତକୁ ମୃତ ଘୋଷଣା କରିଥିଲେ।

■ ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲା

## ମୂଳ ରେକର୍ଡପତ୍ର ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୩।୫ (ସମିସ):** ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଧାନସଭା ଆସନରେ ବିଜୟୀ ବିଜେପି ବିଧାୟକ କେ.ଅନୀଲ କୁମାରଙ୍କ ନିର୍ବାଚନକୁ ଚାଲେଞ୍ଜ କରି ଦାୟର ନିର୍ବାଚନୀ ମକଦ୍ଦମାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଗଞ୍ଜାମ ଜିଲ୍ଲାପାଳଙ୍କ ପକ୍ଷରୁ ମୁଦା ଲଫାପାରେ ଦାଖଲ ହୋଇଥିବା ଦସ୍ତାବିଜ ଯଥା ନାମାଙ୍କନପତ୍ର ଓ ଅନ୍ୟ ରେକର୍ଡପତ୍ର ଉପସ୍ଥାପନ କରାଯାଇଥିଲା। ତେବେ ଅସଲ ନାମାଙ୍କନପତ୍ର ଦିଆନଯାଇ ଏହାର ନକଲ ବା ଜେରକ୍ସ କପି ଦିଆଯାଇଥିବା ନେଇ ଆବେଦନକାରୀଙ୍କ ଓକିଲ ଆପତ୍ତି ଉଠାଇବାରୁ ହାଇକୋର୍ଟ ମୂଳ ରେକର୍ଡ ପତ୍ର ଦାଖଲ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମନୋଜ କୁମାର ପଣ୍ଡା ନାମକ ଜଣେ ଭୋଟରଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ଦାଖଲ ହୋଇଥିବା ଦସ୍ତାବିଜ୍‌ଗୁଡ଼ିକ ରେଜିଷ୍ଟ୍ରାରଙ୍କ ଉପସ୍ଥିତିରେ ଯାଞ୍ଚ କରିବାକୁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବିଧାୟକଙ୍କ ପକ୍ଷରୁ ଏଥିପାଇଁ ସମୟ ଲୋଡ଼ାଯାଇ ଏକ ଆବେଦନ କରାଯାଇଥିଲା। ବିଧାୟକ ଅସୁସ୍ଥତା ଦର୍ଶାଇ ସମୟ ଲୋଡ଼ିଥିବା ଉକ୍ତ ଆବେଦନରେ ଦର୍ଶାଇଥିବା ବେଳେ ବିଭିନ୍ନ ସଭା ସମିତିରେ ଯୋଗଦେଉଥିବା ନେଇ ଆବେଦନକାରୀଙ୍କ ଓକିଲ ଅଭିଯୋଗ ଆଣିଥିଲେ। ତେବେ ବିଧାୟକଙ୍କ ପକ୍ଷରୁ ଏହି ଆବେଦନକୁ ପ୍ରତ୍ୟାହାର କରି ନିଆଯାଇଥିବା ବେଳେ ହାଇକୋର୍ଟ ମୂଳ ନିର୍ବାଚନୀ ମକଦ୍ଦମାର ଶୁଣାଣି ଆସନ୍ତା ଜୁଲାଇ ୭କୁ ଧାର୍ଯ୍ୟ କରିଛନ୍ତି।

ପ୍ରକାଶଥାଉକି ବିଜେପି ପ୍ରାର୍ଥୀ କେ.ଅନୀଲ କୁମାର ବ୍ରହ୍ମପୁର ଆସନରୁ ୫୪୯୯୭ ଖଣ୍ଡ ଭୋଟ ପାଇ ବିଧାୟକ ନିର୍ବାଚିତ ହୋଇଥିବା ବେଳେ ୩୬୨୮୮ ଖଣ୍ଡ ଭୋଟ ପାଇ ବିଜେଡି ପ୍ରାର୍ଥୀ ଡା. ରମେଶ ଚନ୍ଦ୍ର ଚାଉପଟ୍ଟନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ।

## ସାଂସଦ ଓ ବିଧାୟକଙ୍କ ହାତରେ ଶିକ୍ଷକ ବଦଳି!

■ ଜଣେ ସାଂସଦ ଓ ବିଧାୟକଙ୍କୁ ୧୫ ସୁପାରିସ କ୍ଷମତା
■ ବଦଳି ସୁପାରିସ ନ କରିବାକୁ ତାଗିଦ କରିଥିଲେ ମୁଖ୍ୟ ସଚିବ

**ଭୁବନେଶ୍ୱର,୧୩।୫(ସମିସ):** ପୂର୍ବରୁ ଶିକ୍ଷକଙ୍କ ବଦଳି ନିମନ୍ତେ ନିର୍ଦ୍ଦିଷ୍ଟ ନିୟମ ରହିଥିଲା। ଏଥିପାଇଁ ରହିଥିବା ପୋର୍ଟାଲରେ ସମ୍ପୃକ୍ତ ଶିକ୍ଷକ ଆବେଦନ କରିବା ପରେ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଏ ସଂକ୍ରାନ୍ତରେ ଆବଶ୍ୟକତା ଆଧାରରେ ନିଷ୍ପତ୍ତି ନେଉଥିଲେ । ସେହିପରି ବଦଳି ଓ ନିଯୁକ୍ତି ସଂକ୍ରାନ୍ତ କୌଣସି ସୁପାରିସ ନ କରିବା ପାଇଁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେବା ସହ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଦୂରର କଥା; ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବଦଳି ପାଇଁ ବିଧିବଦ୍ଧ ସୁପାରିସ ପରମ୍ପରା ଆରମ୍ଭ କରିଛି । ଶିକ୍ଷକମାନଙ୍କ ବଦଳି ଓ ନିଯୁକ୍ତି ପାଇଁ ସାଂସଦ ଓ ବିଧାୟକମାନଙ୍କୁ କ୍ଷମତା ଦେଇଛି ଗଣଶିକ୍ଷା ବିଭାଗ । ବିଧାୟକ ବା ସାଂସଦ ବର୍ଷକରେ ୧୫ ଜଣଙ୍କୁ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରିଛି ।

ସୂଚନା ନୁସାରେ ନିଜ ନିର୍ବାଚନ ମଣ୍ଡଳୀର ସର୍ବାଧିକ ୧୫ଜଣ ଲେଖାଏଁ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ସାଂସଦ ଓ ବିଧାୟକ ସୁପାରିଶ୍ କରିପାରିବେ। ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ସର୍ବାଧିକ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ଆଗ୍ରାଧିକାର ଦେଇ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେବେ। ଯଦି ଲୋକସଭା କ୍ଷେତ୍ର ଦୁଇଟି ଜିଲ୍ଲା ଅନ୍ତର୍ଗତ ହୋଇଥାଏ, ତେବେ ବଦଳି ପାଇଁ ନୋଡାଲ୍ କଲେକ୍ଟର ବା ଲୋକସଭାର ରିଟର୍ଣ୍ଣିଂ ଅଫିସରଙ୍କୁ ପ୍ରସ୍ତାବ ଦେବେ। ରାଜ୍ୟସଭା ସାଂସଦମାନେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରସ୍ତାବ ଦେବେ। ସମସ୍ତ ପ୍ରସ୍ତାବ ମେ ୧୫ ତାରିଖରୁ ଜୁନ୍ ୧୫ ମଧ୍ୟରେ ଦିଆଯିବ। ବଦଳି ଋତୁରେ ସମସ୍ତ ସୁପାରିଶଗୁଡ଼ିକ ଜିଲ୍ଲା ସ୍ତରୀୟ ବଦଳି କମିଟି ଦ୍ୱାରା କାର୍ଯ୍ୟକାରୀ କରାଯିବ। ସେହିପରି ବଦଳି ସମୟରେ କିଛି ନିୟମ ପାଳନ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏହି ନିୟମ କେବଳ ଚଳିତ ଶିକ୍ଷାବର୍ଷ ପାଇଁ ଲାଗୁ ହେବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଗଣଶିକ୍ଷା ବିଭାଗର ଏହି ବିବାଦୀୟ ବିଜ୍ଞପ୍ତି ପରେ ରାଜ୍ୟରେ ଶିକ୍ଷକ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି । ଏହାଦ୍ୱାରା ଶିକ୍ଷା ବିଭାଗରେ ଭାରସାମ୍ୟ ଭଙ୍ଗ ହେବା ଓ ବିଧାୟକ ବା ସାଂସଦଙ୍କ ନିକଟତମ କୁହାଯାଉଥିବା ବ୍ୟକ୍ତିମାନେ ଅନୁଗୃହୀତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ବଦଳି ପାଇଁ ଯୋଗ୍ୟତା ସତ୍ତ୍ୱେ ଯେଉଁମାନେ ରାଜନୈତିକ ବ୍ୟକ୍ତିମାନଙ୍କଠାରୁ ଦୂରତା ଅବଲମ୍ବନ କରୁଥିବେ, ସେମାନେ ଏହାଦ୍ୱାରା କ୍ଷତିଗ୍ରସ୍ତ ହେବେ ଏବଂ ଏହା ସହିତ କିଛି ଶିକ୍ଷକ ରାଜନୈତିକ ଅସୂୟାର ଶିକାର ହେବାର ଆଶଙ୍କା ରହିଛି ।

## ସରକାରଙ୍କୁ ଏସ୍‌ଟି କମିସନଙ୍କ ତଲବ

### ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

■ କୋରାପୁଟ ଆବାସିକ ବିଦ୍ୟାଳୟରେ ନାବାଳିକାକୁ ଦୁଷ୍କର୍ମ
■ ଜୁଲାଇ ପରଠାରୁ ୨୬ ଜଣ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,୧୩।୫(ସମିସ):** କୋରାପୁଟ ଲମତାପୁଟର ଗୁନେଇପଡ଼ା ଛାତ୍ରାବାସରେ ଜଣେ ଆଦିବାସୀ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣାରେ ଜାତୀୟ ଅନୁସୂଚିତ ଜନଜାତି କମିଶନ ହସ୍ତକ୍ଷେପ କରିଛନ୍ତି। ବିଜେଡି ନେତ୍ରୀ ଟୁକୁନି ସାହୁ ଏବଂ ଅନ୍ୟମାନେ ଏନେଇ ଦୃଷ୍ଟି ଆକର୍ଷଣ କରିଥିବା ବେଳେ କମିଶନ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଘଟଣାର ସତ୍ୟାସତ୍ୟ ଏବଂ କାର୍ଯ୍ୟାନୁଷ୍ଠାନ ନେଇ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କମିଶନ।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୩ ତାରିଖରେ ଲମତାପୁଟ ବ୍ଲକ୍, ଗୁନେଇପଡ଼ା ପଞ୍ଚାୟତ ଅଞ୍ଚଳର ଜଣେ ୮ବର୍ଷୀୟ ଆଦିବାସୀ ଝିଅକୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ପଦାକୁ ଆସିଥିଲା। ବିଜେଡିର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଘଟଣାର ଅନୁସନ୍ଧାନ କରିଥିଲେ। ପରେ, ଗତ ୫ ତାରିଖରେ ପୂର୍ବତନ ବିଜେଡି ବିଧାୟିକା ଟୁକୁନି ସାହୁ ଏନେଇ ଏସ୍‌ଟି କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କମିଶନଙ୍କ ପକ୍ଷରୁ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ଏସ୍‌ସି, ଏସ୍‌ଟି ବିଭାଗର ପ୍ରମୁଖ ସଚିବ ଏବଂ ପୁଲିସ୍ ଡିଜିଙ୍କୁ ନୋଟିସ୍ ଜାରି କରାଯାଇଛି। ନୋଟିସ୍‌ରେ ଘଟଣା ସମ୍ପର୍କରେ ୭ଦିନ ମଧ୍ୟରେ ଉତ୍ତର ଦେବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଯଦି ଧାର୍ଯ୍ୟ ସମୟ ମଧ୍ୟରେ କମିଶନଙ୍କ ନିକଟରେ କୌଣସି ରିପୋର୍ଟ ରଖାନଯାଏ, ଧାରା ୩୩୮ଏ ଅନୁଯାୟୀ ସିଭିଲ କୋର୍ଟର କ୍ଷମତା ଉପଯୋଗ କରି ସମନ ଜାରି କରାଯିବ। ସମନରେ କମିଶନଙ୍କ ନିକଟରେ ବ୍ୟକ୍ତିଗତ କିମ୍ବା ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହେବା ପାଇଁ କୁହାଯିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ଜୁଲାଇ ପରଠାରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଏହି ଛାତ୍ରାବାସଗୁଡ଼ିକରେ ସନ୍ଦେହଜନକ ପରିସ୍ଥିତିରେ ଅତି କମରେ ୨୬ ଜଣ ଛାତ୍ରୀ ସନ୍ଦେହଜନକ ମୃତ୍ୟୁବରଣ କରିଛନ୍ତି, ଯେଉଁଥିରେ ୬ଟି ଦୁଃଖଦ ଆତ୍ମହତ୍ୟା ଅନ୍ତର୍ଭୁକ୍ତ ରହିଛି। ସେହିପରି ନିକଟ ଅତୀତରେ କେତେକ ସ୍ଥାନରେ ନାବାଳିକାଙ୍କୁ ଦୁଷ୍କର୍ମ, ନାବାଳିକା ପ୍ରସବ କରିବା ପରି ଏକାଧିକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଏପରି ଘଟଣାର ପ୍ରତିକାର ପାଇଁ ଯେପରି ସରକାରୀ ସ୍ତରରେ ଉଦ୍ୟମ ହେବା କଥା, ତାହା କରାଯାଉନାହିଁ। ଏନେଇ ପ୍ରମୁଖ ବିରୋଧୀ ଦଳ ବିଜେଡି ମଧ୍ୟ କ୍ଷୋଭ ପ୍ରକାଶ କରିଆସୁଛି। ୧୭୬୦ଟି ରାଜ୍ୟ ପରିଚାଳିତ ଆବାସିକ ବିଦ୍ୟାଳୟ ଏବଂ ଛାତ୍ରାବାସରେ ରହୁଥିବା ୫.୭ ଲକ୍ଷରୁ ଅଧିକ ଛାତ୍ରୀଙ୍କ ସୁରକ୍ଷା ଏବଂ ମର୍ଯ୍ୟାଦା ସହ ସାଲିସ୍ କରାଯାଇପାରିବ ନାହିଁ। ବିଜେପି ସରକାର କ୍ଷମତାସୀନ ହେବା ପରେ, ରାଜ୍ୟରେ ଗତ ଦଶ ମାସରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ବିଶେଷକରି ଶିଶୁ ଓ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ରାଜ୍ୟରେ ଦୁଷ୍କର୍ମ ଓ ହତ୍ୟା ଘଟଣା ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ରାଜ୍ୟରେ ଥିବା ଏହି ପ୍ରତିଷ୍ଠାନଗୁଡ଼ିକ ଶିକ୍ଷା ଏବଂ ସଶକ୍ତୀକରଣର କେନ୍ଦ୍ର ହେବା ଉଚିତ, ଭୟ, ଅବହେଳା ଏବଂ ଆଘାତ ନୁହେଁ ବୋଲି ଦଳ ପକ୍ଷରୁ ମତ ପ୍ରକାଶ ପାଇଛି। କଂଗ୍ରେସ ମଧ୍ୟ ମହିଳା ଏବଂ ଶିଶୁ ନିର୍ଯାତନା ଏବଂ ନିଖୋଜ ଘଟଣାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ କରିଛି। ଅତଏବ୍, ଏଭଳି ଘଟଣାରେ ସରକାର ତୁରନ୍ତ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।



# ଗଣ୍ଡଗୋଳ ଅଭିଯୋଗରେ ଜଣେ ଗିରଫ

**ଉମରକୋଟ,୧୩ା୫(ସମିସ):** ଗଣ୍ଡଗୋଳ ଓ ମାରପିଟ ଅଭିଯୋଗରେ ଜଣେ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ଅମିତ ହରିଜନ। ସୂଚନାନୁଯାୟୀ, ଗତ ଶୁକ୍ରବାର ରାତିରେ ଉମରକୋଟ ସହର ନିକଟସ୍ଥ ନୂଆଗୁଡ଼ା (ଯୁଭି ୭) ଗ୍ରାମର ମିଥୁନ ମିତ୍ର ଓ ସଞ୍ଜୟ ମିତ୍ର ବାଇକରେ ବାହାଘରରେ ଯୋଗଦେବାକୁ ଚାଟିଗୁଡ଼ା ଗ୍ରାମକୁ ଯାଉଥିବା ବେଳେ ନୂଆବସ୍‌ଷ୍ଟାଣ୍ଡରେ କୌଣସି ଘଟଣାକୁ ନେଇ ଅମିତ ହରିଜନ ଓ ତାର ୨ସହଯୋଗୀଙ୍କସହ ଯୁକ୍ତିତର୍କ ହୋଇଥିଲା। ଅମିତ ରିଭଲଭର ବାହାର କରି ଭୟଭୀତ କରିବା ସହିତ ମାଡ଼ ମାରିବାସହ ହତ୍ୟା ଧମକ ଦେଇଥିଲେ। ଗ୍ରାମର କିଛି ବ୍ୟକ୍ତି ଛଡ଼େଇବାକୁ ଆସିବା ବେଳେ ସେମାନଙ୍କୁ ମଧ୍ୟ ମାଡ଼ ମାରିଥିଲେ ବୋଲି ମିଥୁନ ମିତ୍ର ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ସେହିଦିନରୁ ଅମିତ ଫେରାର ହୋଇଯାଇଥିବା ବେଳେ ସୋମବାର ବିଳମ୍ବିତ ରାତିରେ ଭାଲୁଗୁଡ଼ାରୁ ଉମରକୋଟ ପୁଲିସ କାବୁ କରିଥିଲା। ଅମିତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ତା ବିରୁଦ୍ଧରେ ମାମଲା ରୁଜୁ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ପୁଲିସ ପକ୍ଷରୁ ତାପାଖରୁ ରିଭଲବର ଜବତ କରାଯାଇ ନାହିଁ। ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏଙ୍କ ନିର୍ଦ୍ଦେଶ କ୍ରମେ ଘଟଣାର ତଦନ୍ତ ଅଧିକାରୀ ପୁଲିସ ସବ ଇନ୍ସପେକ୍ଟର ସୌମେନ୍ଦ୍ର ସେଠ, ସବ ଇନ୍ସପେକ୍ଟର ଶିବାଜୀ ପଣ୍ଡା ଓ ପୁଷ୍ପଲତା ସୁନାନି ଓ କନେଷ୍ଟବଲ ନରେନ୍ଦ୍ର ନାୟକ ଭାଲୁଗୁଡ଼ାରୁ ଅମିତକୁ ଗିରଫ କରିଥିଲେ। ଅନ୍ୟପଟେ ଗଣ୍ଡଗୋଳରେ ଆଉ କିଏ କିଏ ଅଛନ୍ତି ତାହା ତଦନ୍ତ କରୁଛି ପୁଲିସ।

# ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ବିଡିଓଙ୍କୁ ଦାବିପତ୍ର



**ବୈପାରୀଗୁଡ଼ା,୧୩ା୫(ସମିସ):** ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ଆଗେଇବା ନିମନ୍ତେ ମଙ୍ଗଳବାର ବୈପାରୀଗୁଡ଼ା ବ୍ଲକ ଅଧୀନ ମାଠପୋଡ଼ାସ୍ଥିତ ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟରେ ବିଡିଓ ଅଭିମନ୍ୟୁ କବି ଶତପଥିଙ୍କୁ ପଞ୍ଚାୟତବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ମାଠପୋଡ଼ା ପଞ୍ଚାୟତବାସୀଙ୍କ ପାଇଁ ଗୋଟିଏ ମିଶନ ଶକ୍ତି ନୂତନ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ହେଲେ ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏହି ଗୃହ ନିର୍ମାଣ ହେଲେ ପଞ୍ଚାୟତର ସମସ୍ତେ ଗାଁ ଲୋକେ ଉପକୃତ ହେବେ। କେବଳ ଗୋଟିଏ ୱାର୍ଡବାସୀ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଥିବା ବେଳେ ଅତିଶୀଘ୍ର ନିର୍ମାଣ କାର୍ଯ୍ୟ ଆଗେଇବା ପାଇଁ ପଞ୍ଚାୟତର ୧୨ଟି ୱାର୍ଡରୁ ୧୧ଜଣ ୱାର୍ଡ ସଭ୍ୟସଭ୍ୟା ଏବଂ ସରପଞ୍ଚ ଗଙ୍ଗାଧର ମସିହା ଓ ସମିତି ସଭ୍ୟ ଲକ୍ଷ୍ମଣ ଚନ୍ଦ୍ର ପଡ଼ିଆ ପ୍ରମୁଖ ଦାବି କରିଛନ୍ତି।

# ଆଦିତ୍ୟ ବିର୍ଲା ପକ୍ଷରୁ ଜଳଛତ୍ର



**ଲକ୍ଷ୍ମୀପୁର,୧୩ା୫(ସମିସ):** ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରିରହିଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଞ୍ଚଳରେ ତାତିର ପ୍ରଭାବକୁ ଦେଖି କଂସାରିଗୁଡ଼ାରେ ନିର୍ମାଣାଧୀନ କାରଖାନା ଆଦିତ୍ୟ ବିର୍ଲା କମ୍ପାନୀ କର୍ତ୍ତୃପକ୍ଷ ତଥା ଅଧ୍ୟକ୍ଷ ମେଜର ବେଇଗ୍ ବିରିଗୁଡା କଲୋନୀ ଛକରେ ଜଳଛତ୍ର ଖୋଲିଛନ୍ତି। ଓଆରଏସ ଓ ଲେମ୍ବୁଚିନି ମିଶ୍ରିତ ପାଣି ଯାତାୟାତ କରୁଥିବା ଲୋକଙ୍କୁ ଦିଆଯାଉଛି। ଜଳଛତ୍ରରେ ଜଣଙ୍କୁ ମାସିକ ପାରିଶ୍ରମିକ ମଧ୍ୟ କର୍ତ୍ତୃପକ୍ଷ ପ୍ରଦାନ କରୁଥିବା ନିୟୋଜିତ ବ୍ୟକ୍ତି ଜଣକ କହିଛନ୍ତି। ସଂସ୍ଥାର ଏପରି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

■ କାମରେ ଲାଗୁନି ଆବର୍ଜନା ପୃଥକୀକରଣ ଗୃହ

# ୨୬ ପଞ୍ଚାୟତକୁ ବିଡିଓଙ୍କ ଚିଠି

‘ସକାଳ’ ପ୍ରଭାବ

**କୋଷାଗୁମୁଡ଼ା,୧୩ା୫(ସମିସ):** କୋଷାଗୁମୁଡ଼ା ବ୍ଲକର ୨୬ଟି ପଞ୍ଚାୟତରେ ଆବର୍ଜନା ପୃଥକୀକରଣ ଗୃହ ସାଧାରଣରେ କାର୍ଯ୍ୟରେ ନଲାଗିବା ଏବଂ ବିଭିନ୍ନ ସମସ୍ୟା ଆଧାରିତ ଖବର ଦୈନିକ ‘ସକାଳ’ରେ ପ୍ରକାଶ ହେବାପରେ ବିଡିଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ କୋଷାଗୁମୁଡା ବିଡିଓ ଆଶିଷ ତ୍ରିପାଠୀ ତତ୍ପରତାସହ ଚିଠି ନମ୍ବର ୧୨୯୮/୨୫ରେ ୧୦ତାରିଖରେ ସମସ୍ତ ୨୬ଟି ପଞ୍ଚାୟତର ପିଇଓ ଏବଂ ସରପଞ୍ଚଙ୍କୁ ଏକ ଜରୁରୀକାଳୀନ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଚିଠି ପ୍ରେରଣ କରିଛନ୍ତି। ସୂଚନାନୁଯାୟୀ, ବ୍ଲକର ୨୬ଟି ପଞ୍ଚାୟତରେ ଆବର୍ଜନା ପୃଥକୀକରଣ ଗୃହ ସାଧାରଣରେ କାର୍ଯ୍ୟରେ ନଲାଗିବା ଏବଂ ଗୃହର ଛାତ ଉଡ଼ିବା ତଥା ଆବର୍ଜନା କୁଢ଼କୁଢ଼ ହୋଇଥିବା ଲୋକଙ୍କ ଅଭିଯୋଗ ଭିତ୍ତିକ ଖବର ଗତ ୯ ତାରିଖରେ ପ୍ରକାଶ ପାଇଥିଲା। ତେବେ ଏହି ବିଷୟକୁନେଇ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ “ସକାଳ’କୁ କୃତଜ୍ଞତା ଓ ସାଧୁବାଦ ଜଣାଇଛନ୍ତି।

# ସର୍ଟସର୍କିଟରୁ ବିଦ୍ୟୁତ୍ ଖୁଣ୍ଟରେ ଅଗ୍ନିକାଣ୍ଡ



**ସେମିଳିଗୁଡ଼ା, ୧୩ା୫ (ସମିସ) :** କୋରାପୁଟ ଜିଲ୍ଲା ସେମିଳିଗୁଡା ସହର ନନ୍ଦପୁର ରୋଡ-ରିଲିଆନ୍ସ ମଲ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ଯାହାଫଳରେ ଦୀର୍ଘସମୟ ଧରି ଲୋକେ ହଇରାଣ ହୋଇଥିଲେ। ପରେ ସୂଚନା ପାଇ ବିଦ୍ୟୁତ୍ ବିଭାଗର ଅଧିକାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ସମସ୍ୟା ଯୋଗୁଁ ସହରରେ ବିଦ୍ୟୁତ୍ ଯୋଗାଣରେ ବାଧା ସୃଷ୍ଟି ହୋଇଥିଲା।

## ଧାନ କିଣାରେ ବ୍ୟାପକ ଦୁର୍ନୀତି : ବିଜେଡି

# ୨୫ ଲକ୍ଷ କ୍ୱିଣ୍ଟାଲ୍ ଧାନ କେଉଁଠି?

**ନବରଙ୍ଗପୁର:୧୩ା୫ (ସମିସ):** ନବରଙ୍ଗପୁର ଜିଲ୍ଲାରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଲା ବିଜୁ ଜନତା ଦଳ। ନବରଙ୍ଗପୁର ବିଜୁ ଜନତା ଦଳ ଜିଲ୍ଲା ସଭାପତି ମନୋହର ରନ୍ଧାରୀଙ୍କ ନେତୃତ୍ୱରେ ଜିଲ୍ଲାର ବରିଷ୍ଠ ନେତୃ ମଣ୍ଡଳୀ ମାନଙ୍କୁ ନେଇ ଗଠିତ ଏକ ଟିମ୍ ଜିଲ୍ଲାପାଳ ଡଃ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଜିଲ୍ଲାରେ ଧାନ କିଣାରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ କରିବାକୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ଲ୍ୟାମ୍ପସ ଦ୍ୱାରା ଏହି ଦୁର୍ନୀତି ହୋଇଥିବା ଜିଲ୍ଲାପାଳଙ୍କୁ ବିଜେଡି ଟିମ୍ ପକ୍ଷରୁ ଅବଗତ କରାଯାଇଛି। ନବରଙ୍ଗପୁର ଜିଲ୍ଲାର ରାଇଘର, କୋଡିଙ୍ଗା, ପାପଡାହାଣ୍ଡି ଓ ମୈଦଲପୁର ଲ୍ୟାମ୍ପସ୍‌ରେ ଧାନ କିଣାରେ ଅନିୟମିତତା ହୋଇଥିବା ଏହି ଟିମ୍ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଲ୍ୟାମ୍ପସରେ କେବଳ କାଗଜ କଲମରେ ୪୦ ରୁ ୫୦ ପ୍ରତିଶତ ଧାନ କିଣାଯାଇଛି। ସଂପୃକ୍ତ ୪ଟି ଲ୍ୟାମ୍ପସର ଏମ୍‌ଡି ମାନେ ମିଲରସଙ୍କ ସହ ମଧୁଚନ୍ଦ୍ରିକା କରି ନିଜ ନିଜ ଆତ୍ମୀୟସ୍ୱଜନ ମାନଙ୍କ ନାମରେ ପଞ୍ଜିକରଣ କରି ମଣ୍ଡିରେ କଳାବଜାର କରି ହଜାର ହଜାର କ୍ୱିଣ୍ଟାଲ୍ ଧାନ ବିକ୍ରୟ କରି ଲାଭବାନ ହେଉଛନ୍ତି। ତେଣୁ ସଂପୃକ୍ତ ଲ୍ୟାମ୍ପସ ଗୁଡିକରୁ ଧାନ ଉଠେଇଥିବା ମିଲ ଗୁଡିକର ଷ୍ଟକ୍ ଯାଞ୍ଚ କରିବାକୁ ଦଳ ଦାବି କରିଛି। ଏହି ମଧୁ ଚନ୍ଦ୍ରିକାରେ ଲ୍ୟାମ୍ପସର ଏମ୍‌ଡିଙ୍କ ଠାରୁ ଆରମ୍ଭ କରି ଏଆରସିଏସ ଓ ଡିଆରସିଏସ୍ ସଂପୃକ୍ତି ରହିଥିବା ବିଜେଡି ଟିମ୍ ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସଂପାଦକ ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ କହିଛନ୍ତି ଯେ, ୨୫ ଲକ୍ଷ କ୍ୱିଣ୍ଟାଲ କିଣା ଯାଇଥିବା ଧାନ ବର୍ତ୍ତମାନ କେଉଁଠାରେ ରଖାଯାଇଛି ତାହାର ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଚାଷୀମାନଙ୍କ ନାମରେ ଫେକ୍ ଏଣ୍ଟ୍ରି ହୋଇଛି। ପାଖାପାଖି ୫ ଲକ୍ଷ କ୍ୱିଣ୍ଟାଲ୍ ଧାନ ହେରଫେର କରାଯାଇଥିବା ଅଭିଯୋଗ କରିଛନ୍ତି ପୂର୍ବତନ ସାଂସଦ ଶ୍ରୀ ମାଝୀ। ସେହିଭଳି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଅନୁରୂପ ଅଭିଯୋଗ କରି ନବରଙ୍ଗପୁର ଜିଲ୍ଲାରେ ୨୫ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ଯାଇଥିବା ବେଳେ ଏତେ ପରିମାଣ ଧାନ ଗଚ୍ଛିତ ରଖାଯିବା ପାଇଁ ଜିଲ୍ଲାରେ କୌଣସି ସ୍ଥାନରେ ଗୋଦାମ ଉପଲବ୍ଧ ନାହିଁ, ଏତେ ପରିମାଣର ଧାନ କୁଆଡେ ଗଲା ବୋଲି ସେ ପ୍ରଶ୍ନ ଉଠେଇବା ସହ ତୁରନ୍ତ ମିଲ ଗୁଡିକର ଷ୍ଟକ୍ ଯାଞ୍ଚ କରିବାକୁ ଦାବି କରିଛନ୍ତି। ଯଥାଶୀଘ୍ର ମିଲ୍ ଗୁଡିକୁ ଯାଞ୍ଚ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ନଚେତ ଆଗାମୀ ଦିନରେ ବିଶାଳ ଚାଷୀ ଆନ୍ଦୋଳନ ହେବା ସହିତ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଟିମରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ନଗର ସଭାପତି ପ୍ରମୋଦ କୁମାର ରଥ, କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ମିଟୁ ପାତ୍ର, ଉତ୍ତମ ତ୍ରିପାଠୀ, ସଞ୍ଜୟ ନାୟକ ପ୍ରମୁଖ ସାମିଲ ହୋଇ ଆଲୋଚନାରେ ଭାଗ ନେଇଥଲେ।



➤ ମିଲ ଷ୍ଟକ୍ ଯାଞ୍ଚ ହେଉ
➤ ଜିଲ୍ଲାପାଳଙ୍କୁ ଭେଟିଲା ବିଜେଡି ଟିମ୍

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ଜୟପୁର,୧୩ା୫(ସମିସ):** ଜୟପୁର ସଦରଥାନା ଅଧୀନ କୋଲାବ ସତିଗୁଡ଼ା ଡ୍ୟାମ ନିକଟରେ ଦୁଇ ବାଇକ ମଧ୍ୟରେ ଗତକାଲି ଅପରାହ୍ନରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଜଣେ ବାଇକ୍ ଚାଳକ ଗୁରୁତର ଭାବେ ଆହତ ହୋଇ କୋରାପୁଟ ସହିଦ ମେଡିକାଲ କଲେଜରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ଜୟପୁର ସଦରଥାନା ପୋଡ଼ାପଦର ଗ୍ରାମର ଲବ ଜାନି (୨୭)। ସୋମବାର ପୂର୍ବାହ୍ନରେ ସେ ବାଇକ (ଓଡି ୧୦ ଟି ୮୦୨୦)ରେ ଘରକୁ ଫେରୁଥିବା ବେଳେ ସ୍ଥାନୀୟସତିଗୁଡ଼ାଡ୍ୟାମ(ୟେଲୋଡ୍ୟାମ) ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ (ଓଡି ୧୦ ଡି ୮୯୦୮) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉକ୍ତ ବାଇକ ଚାଳକ ମଧ୍ୟ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଏନେଇ ମୃତକଙ୍କ ସାନଭାଇଙ୍କ ଏତଲାକୁ ଭିତ୍ତି କରାଯାଇ ମାମଲା ରୁଜୁ କରାଯାଇଛି। ତଦନ୍ତ ଆରମ୍ଭ ହୋଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକକୁ ଜବତ କରାଯାଇଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

■ ଜିଲ୍ଲାରେ ୨୫ରୁ ରବିଧାନ ମଣ୍ଡି ଶୁଭାରମ୍ଭ

# ବୈଠକରେ ମାତ୍ର ୫ଚାଷୀ, ବିଗିଡ଼ିଲେ ବାହିନୀପତି

**କୋରାପୁଟ,୧୩ା୫ (ସମିସ):** ଆସନ୍ତା ୨୫ ତାରିଖରୁ ୭୩ଟି ମଣ୍ଡିରୁ ରବି ଋତୁ ଧାନକ୍ରୟ ହେବ। ଆଜି ଏ ନେଇ ପ୍ରଶାସନ ଓ ମିଲର୍ସ ସଂଘ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅଫିସ ମିନି କନଫରେନ୍ସ ହଲରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ରବି ଋତୁରେ ୮ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବିଷୟ ଆଲୋଚନା ହୋଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜୟପୁର ଉପଜିଲ୍ଲାପାଳ ଏ, ଶସ୍ୟା ରେଡ୍ଡୀ, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କ ସମେତ ବିଭାଗୀୟ ଅଧିକାରୀ, ମିଲର୍ସ ଓ ଚାଷୀ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକକୁ ମାତ୍ର ୫ ଜଣ ଚାଷୀଙ୍କୁ ଡକାଯାଇଥିବା ଜୟପୁର ବିଧାୟକ ଅଭିଯୋଗ କରି ଅଧିକାରୀ ମାନେ ଚାଷୀ ମାନଙ୍କୁ ଦଳୀୟ ଭିତ୍ତିରେ ବିଭାଜନ କରୁଥିବା କହି ବର୍ଷିଥିଲେ। ଏଥିରେ ଜିଲ୍ଲାପାଳ ହସ୍ତକ୍ଷେପ କରି ଆସନ୍ତା ଦିନରେ ପ୍ରତି ବ୍ଲକରୁ ଜଣେ ଚାଷୀଙ୍କୁ ଡାକିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ପକ୍ଷରେ ବର୍ତ୍ତମାନ ଗୋଦାମ ଗୃହ ଅଭାବ ଯୋଗୁଁ ରବି ଧାନ କିଣିବାକୁ ମିଲର୍ସ ମାନେ ରାଜି ନହେବାରୁ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଗୋଦାମ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ମଣ୍ଡି ପାଇଁ ଆବଶ୍ୟକୀୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ତୁରନ୍ତ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘର ଅଧିବେଶନ

**ରାୟଗଡ଼ା,୧୩ା୫(ସମିସ):** ରାୟଗଡ଼ା ସହର ଉପକଣ୍ଠ ସିରିଗୁଡ଼ା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଗୁରୁ ଦ୍ରୋଣାଚାର୍ଯ୍ୟ ଇଣ୍ଡୋର ହଲରେ ରାଜ୍ୟସ୍ତରୀୟ ଆଦିବାସୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଦୁଇଦିନିଆ ଅଧିବେଶନରେ ୮ ଟି ଜିଲ୍ଲାର ବୁଦ୍ଧିଜିବୀ, ଶିକ୍ଷାବିତ୍, ସମାଜସେବୀ, ସରକାରୀ ଓ ବେସରକାରୀ କର୍ମଚାରୀ, କୃଷକ, ଯୁବଗୋଷ୍ଠୀ ଓ ଆଦିବାସୀ ସଂଗ୍ରାମୀ ଯୋଗ ଦେଇଥିଲେ। ଓଡ଼ିଶା ଆଦିବାସୀ ମହାସଂଘ (ଆମୋ) ଦ୍ୱାରା ଅନୁବନ୍ଧିତ ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ (ସୋଆମ୍) ପକ୍ଷରୁ ଆୟୋଜିତ ଏହି ଦୁଇ ଦିନିଆ ଅଧିବେଶନରେ ନୂତନ କମିଟି ଗଠନ କରାଯାଇଥିଲା। ରାଜ୍ୟ ସ୍ତରୀୟ ଚୟନ ମଣ୍ଡଳୀ ଦ୍ୱାରା ନୂତନ କମିଟିକୁ ଚୟନ, ନିଯୁକ୍ତି ଓ ସମ୍ବର୍ଦ୍ଧିତ କରିବା ପରେ ଆଦିବାସୀଙ୍କ ମୌଳିକ ଅଧିକାର, ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘର କାର୍ଯ୍ୟକାରିଣୀ କମିଟିରେ ଅବସରପ୍ରାପ୍ତ ଇଣ୍ଡିଆନ୍ ରେଭେନ୍ୟୁ ସର୍ଭିସ୍ ଅଧିକାରୀ ଗଙ୍ଗାଧର ମାଝୀଙ୍କୁ ସଭାପତି, ନରସିଂହ ମାଝୀଙ୍କୁ ଉପ ସଭାପତି, ତ୍ରିନାଥ ଭୁମିଆଙ୍କୁ ଉପ ସଭାପତି, ହେମଦର ମାଝୀଙ୍କୁ ଉପ ସଭାପତି, ବନମାଳୀ ମାଝୀଙ୍କୁ ଉପ ସଭାପତି, ରାଜ କିଶୋର ଭୂୟାଁଙ୍କୁ ଉପ ସଭାପତି, ଦିନବନ୍ଧୁ କହଁରଙ୍କୁ ଉପ ସଭାପତି ଭାବେ ଚୟନ ଓ ନିଯୁକ୍ତି କରାଯାଇଥିଲା ବେଳେ ଟିବୁ ସାରାକାଙ୍କୁ ସାଧାରଣ ସମ୍ପାଦକ, ନୀଳକଣ୍ଠ ଦୋରା, ନରସିଂହ ଜାନି, ବାଳକୃଷ୍ଣ ମାଝୀ, ପୁରୁଷୋତ୍ତମ ମାଝୀ, ରାମଚନ୍ଦ୍ର ନାୟକ ଓ ବିଶ୍ୱମ୍ବର ପ୍ରଧାନଙ୍କୁ ଯୁଗ୍ମ ସଂପାଦକ ଭାବେ ଚୟନ ଓ ନିଯୁକ୍ତି କରାଯାଇଥିଲା। ଏତଦ୍ ବ୍ୟତୀତ, ମହିଳା ମୋର୍ଚ୍ଚାର ସଭାନେତ୍ରୀ ଲକ୍ଷ୍ମୀ ପ୍ରାସ୍କା, ଯୁବ ମୋର୍ଚ୍ଚା ରାମମୂର୍ତ୍ତି କିର୍ଷାନି, ସୂଚନା ପ୍ରଯୁକ୍ତି ଓ ଗଣମାଧ୍ୟମର ମୁଖ୍ୟ ଭାବେ ବିଜୟ କୁମାର ମେଲାକାଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବେଣୁଧର ଚୌଧୁରୀ, ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଓଡ଼ିଶା ଆଦିବାସୀ ମହାସଂଘର କୋଷାଧ୍ୟକ୍ଷ ନବୀନ ଚନ୍ଦ୍ର ଗୁରୁ, କାଶୀପୁର ବ୍ଲକ୍ ଆଦିବାସୀ ସମାଜର ସଭାପତି ଶିବ ମାଝୀ, ଆଦିବାସୀ ମହାସଂଘ ଓଡ଼ିଶାର ସଦସ୍ୟ ଭଗବାନ୍ ମାଝୀ, ଓଡ଼ିଶା ଆଦିବାସୀ ମହାସଂଘର ରାୟଗଡ଼ ଶାଖା ସଭାପତିବସନ୍ତ କୁମାର ପେଦେଣ୍ଟି, ରାୟଗଡ଼ ଆଦିବାସୀ ମହାସଂଘ (ରାଆମ)ର ସମ୍ପାଦକ କାମେଶ୍ୱର ବିଡ଼ିକା ସହଯୋଗ କରିଥିବା ବେଳେ ଅଧିବେଶନର ମଞ୍ଚ ପରିଚାଳନା ଆଦିବାସୀ ମହାସଂଘ ଓଡ଼ିଶାର ରାଜ୍ୟ ସଂଯୋଜକ ତଥା ଆଇନଜୀବୀ ରବୀନ୍ଦ୍ରନାଥ ମାଢ ପ୍ରଥମ ଓ ଦ୍ୱିତୀୟ ଦିନର ଅଧିବେଶନରେ ମଞ୍ଚ ପରିଚାଳନା କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟର ଶତପ୍ରତିଶତ ସଫଳତା



**କୋରାପୁଟ,୧୩ା୫(ସମିସ):** ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। କୋରାପୁଟ ଜିଲ୍ଲା କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ ଓ ବାଣିଜ୍ୟ ) ଓ ଦଶମ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ଦ୍ୱାଦଶ ଶ୍ରେଣୀ ବାଣିଜ୍ୟରେ ୧୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଜାହ୍ନବୀ ଦାସ ୯୩.୮ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି ଏବଂ ବିଦ୍ୟାଳୟର ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ସେହିପରି ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ୩୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଶୀତିଲଗ୍ନା ଶତପଥୀ ୯୧.୮ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀରେ ୬୯ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହାସଲ କରିଛନ୍ତି। ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ଦାସ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ବିଦ୍ୟାଳୟର କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି।

# ଚିନ୍ମୟ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠ ଟପ୍ପର



**କୋରାପୁଟ,୧୩ା୫(ସମିସ):** ସିବିଏସଇ ଦ୍ୱାରା ପରିଚାଳିତ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ପରୀକ୍ଷାରେ ୯୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୩ଜଣ ପ୍ରଥମ ସ୍ଥାନ, ୧୪ଜଣ ଦ୍ୱିତୀୟ ଓ ୪୩ଜଣ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଛାତ୍ର ଚିନ୍ମୟ ସେଠୀ ୯୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସ୍ୱପ୍ନିଲ ମୁଣ୍ଡ ୯୪.୪ ପ୍ରତିଶତ, ସଞ୍ଜଳି ବେହେରା ୯୦.୮ ଏବଂ ସମ୍ପୂର୍ଣ୍ଣା ପଣ୍ଡା ୯୦.୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଅଧ୍ୟକ୍ଷା ଅତସି ସାହୁ, ସମ୍ପାଦକ ରାମପ୍ରସାଦ ସରାଫ, ସଭାପତି ଅମୂଲ୍ୟ ମହାପାତ୍ର ଏବଂ କମିଟି ସଦସ୍ୟ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ସିବିଏସ୍‌ଇ ଦଶମ ଓ ଦ୍ୱାଦଶରେ ଜୟପୁର ଛାତ୍ରଛାତ୍ରୀଙ୍କ ସଫଳତା



**ଜୟପୁର,୧୩ା୫(ସମିସ):** ସିବିଏସଇ ପରୀକ୍ଷାରେ ଜୟପୁର ସହରର ମଡର୍ଣ୍ଣ ଇଂଲିଶ ବିଦ୍ୟାଳୟରେ ଶତ ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଛନ୍ତି। ୧୬୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ୧୧ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ୍ କରିଛନ୍ତି। ସୌମ୍ୟା ମିଶ୍ର ସର୍ବାଧିକ ୯୭ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ସମେତ ଜୟପୁର ସହରର ଶ୍ରେଷ୍ଠ ଛାତ୍ରୀ ଭାବେ ଟପ୍ପର ହୋଇଛନ୍ତି। ସେହିପରି ଡିଏଭି ବିଦ୍ୟାଳୟର ୬୬ ପ୍ରତିଶତ ପାସ ହାର ରହିଛି। ୧୨୫ ଜଣଙ୍କ ମଧ୍ୟରୁ ୮୨ ଜଣ ପାସ୍ କରିଛନ୍ତି। ଛାତ୍ରୀ ପ୍ରଜ୍ଞାସ୍ମିତା ନାୟକ ୯୪.୪୦ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ଡିଏଭି ବିଦ୍ୟାଳୟର ୭୧ ପ୍ରତିଶତ ପାସହାର ରହିଛି। ୩୪ ଜଣଙ୍କ ମଧ୍ୟରୁ ୨୪ଜଣ ପାସ କରିଛନ୍ତି। ସର୍ବାଧିକ ହରଶିତ କୁରମଜୁ ସର୍ବାଧିକ ୮୯. ୬୦ ପ୍ରତିଶତ ରଖି ପ୍ରଥମ ହୋଇଛନ୍ତି। ସେହିପରି ସେଣ୍ଟ ଜେଭିଏର୍ସ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରାଛାତ୍ରୀ ପାସ କରିଥିବା ବେଳେ ସର୍ବାଧିକ ୯୬.୮ ପ୍ରତିଶତ ନମ୍ବର ରଖି ମୟଙ୍କ ମହାନ୍ତି ଟପର ହୋଇଛନ୍ତି।

# ସରପଞ୍ଚ ଓ ସମିତିସଭ୍ୟ ସଂଘର ଧାରଣା ପ୍ରତ୍ୟାହୃତ

**ଚନ୍ଦାହାଣ୍ଡି,୧୩ା୫(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଠାରେ ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ସଭ୍ୟା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ୭ ଦିନ ହେଲା ଆନ୍ଦୋଳନ କରୁଥିଲେ। ଦଶ ଦିନ ଭିତରେ ଦାବି ପୂରଣ ହେବା ନେଇ ସିଡିଓ ବିରଞ୍ଚି ନାରାୟଣ ଧାୱନ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ନିର୍ଧାରିତ ସମୟମଧ୍ୟରେ ଦାବି ପୂରଣ ନହେଲେ ଧାରଣା ଅବ୍ୟାହତ ରହିବ ବୋଲି କୁହାଯାଇଛି।

## ଦୁର୍ଗମ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ

# ରାସ୍ତା, ବିଜୁଳି, ପାନୀୟ ଜଳ ସମସ୍ୟା ଜଣାଇଲେ ଗ୍ରାମବାସୀ

**ତେନ୍ତୁଳିଖୁଣ୍ଟି,୧୩ା୫(ସମିସ):** ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅଧୀନରେ ଥିବା ଦୁର୍ଗମ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଦୁର୍ଗମ ଅଞ୍ଚଳ ମଧ୍ୟରେ ରହୁଥିବା ଅଧିବାସୀ ରାସ୍ତା, ପାନୀୟ ଜଳ ଓ ବିଜୁଳି ସମସ୍ୟା ନେଇ ଅଭିଯୋଗ କରିଛନ୍ତି। ସେହିପରି କମ ସଂଖ୍ୟକ ପିଲା ଯୋଗୁଁ ବରଡ଼ାଯୋଡ଼ି ବିଦ୍ୟାଳୟ ବନ୍ଦ ହୋଇ ପଡ଼ିଥିବା ବେଳେ ପୁନଶ୍ଚ ସ୍ଥାପନ ପାଇଁ ଦାବି ହୋଇଛି। ତେବେ ଲାଗି ରହିଥିବା ସମସ୍ତ ପ୍ରକାର ସମସ୍ୟାର ସମାଧାନ କରି ଦୁର୍ଗମ ଅଞ୍ଚଳବାସୀଙ୍କୁ ଉଚିତ ସେବା ଯୋଗେଇବାରେ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅଧୀନ ତଥା ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ବରଡ଼ାଯୋଡି, ଲଦପଦର, ମଦ ଗୁଲୁମି, ମୁଣ୍ଡାଗୁଡ଼ା ଓ ବିଜପଦର ଗ୍ରାମକୁ ବିଧାୟକ ମାଝି ଗସ୍ତ କରିଥିଲେ। ଲଦିପଦର ଓ ବରଡ଼ାଯୋଡ଼ି ଗ୍ରାମକୁ ଅଦ୍ୟାବଧି ପକ୍କା ରାସ୍ତାଟିଏ ନଥିବାରୁ ପାଦରେ ଚାଲିକି ଯିବାକୁ ପଡୁଛି। ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇପାରୁନଥିବାରୁ କାହାର ରୋଗବ୍ୟାଧି ହେଲେ ଡାକ୍ତରଖାନା ଯିବାରେ ଅନେକ ସମସ୍ୟା ହେଉଛି। ବିଜୁଳି ଓ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରିନି। ଫଳରେ ଜଙ୍ଗଲ ଘେରା ମଧ୍ୟରେ ବସତି ସ୍ଥାପନ କରିରହୁଥିବା ଉଭୟ ଗ୍ରାମବାସୀଙ୍କୁ ଦୁର୍ବିସହ ଜୀବନ ବିତେଇବାକୁ ପଡୁଛି। ଏଣୁ ସମସ୍ତ ସୁବିଧା କରିବାକୁ ଉଭୟ ଗ୍ରାମବାସୀ ବିଧାୟକଙ୍କ ନିକଟରେ ଗୁହାରି କରିଛନ୍ତି। ସେହିପରି ବିଜପଦରରୁ ମଦଗୁଲୁମି ପର୍ଯ୍ୟନ୍ତ ପକ୍କା ରାସ୍ତା ନାହିଁ। ପାନୀୟ ଜଳ ସଙ୍କଟ ଲାଗିରହିଛି ଏବଂ ମେଗା ପାଣି ଆସୁନି। ଅପରପକ୍ଷେ ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତରୁ ୧୪ କିମି ଦୂର ତଥା କଳାହାଣ୍ଡି ସୀମାନ୍ତକୁ ଲାଗି ଜଙ୍ଗଲ ଘେରା ମଧ୍ୟରେ ଥିବା ବରଡ଼ାଯୋଡ଼ି ଗ୍ରାମରେ ପୂର୍ବରୁ ଥିବା ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି। ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ଥିବା କାରଣରୁ ବନ୍ଦ ହୋଇଥିବା ବିଦ୍ୟାଳୟ ପୁନଃ ସ୍ଥାପନ କରିବାକୁ ଦାବି ହୋଇଛି। ବିଦ୍ୟାଳୟ ନଥିବା ଯୋଗୁଁ ବରଡ଼ାଯୋଡ଼ି ଗ୍ରାମର ଛୋଟ ପିଲା ପାଠପଢ଼ାରୁ ବଞ୍ଚିତ ରହୁଛନ୍ତି। ସମ୍ପୃକ୍ତ ଗ୍ରାମବାସୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ବନ୍ଦ ରହିଥିବା ବିଦ୍ୟାଳୟକୁ ପୁନଃ ସ୍ଥାପନ କରିବା ନେଇଁ ବିଧାୟକ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ବରଡ଼ାଯୋଡି, ଡାଇକ୍ ଏକଦେଇ କଳାହାଣ୍ଡି ଜିଲ୍ଲାକୁ ଖୁବ ଶୀଘ୍ର ସଂଯୋଗୀକରଣ ରାସ୍ତା ନିର୍ମାଣ କରି ଯାତାୟାତ ବ୍ୟବସ୍ଥାକୁ ସୁଗମ କରାଯିବ ବୋଲି ସୂଚନା ମିଳିଛି। ବିଧାୟକଙ୍କ ଗସ୍ତ ସମୟରେ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ, ସରପଞ୍ଚ ଟଙ୍କା ନାୟକ, ସମିତି ସଭ୍ୟା ମଧୁସ୍ମିତା ପାଣିଗ୍ରାହୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ ରୁଦ୍ର ଷଡ଼ଙ୍ଗୀ, ଯନ୍ତ୍ରୀ ଭରତ କୁମାର ତନ୍ତୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦେବର୍ଷି ନାୟକ, ଯନ୍ତ୍ରୀ ରାଜେଶ ସୋରେନ, ଆରଡବ୍ଲୁଏସ୍ଏସ ଏସଡିଓ, ଆଇଟିଡିଏ ଯନ୍ତ୍ରୀ, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ବିଏସଏସଓ ରବୀନ୍ଦ୍ର ସାହୁ, ସମାଜସେବୀ ଭୀମସେନ ପାଣିଗ୍ରାହୀ, ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଲଛମନ ମାଝି, ସୁବାଷ ନାୟକ ଓ ଅଭିମନ୍ୟୁ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।



ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ

ଶ୍ରୀଯୁକ୍ତ
ଶିବାନନ୍ଦ ରାୟ



ବିଶିଷ୍ଟ ରାଜନେତା, ସାମାଜିକ କର୍ମୀ ତଥା ଅଧିବକ୍ତା
ଶିବାନନ୍ଦ ରାୟଙ୍କ ଜନ୍ମଦିନରେ ମୋର ତାଙ୍କୁ
ଶୁଭେଚ୍ଛା ଅଭିନନ୍ଦନ ଓ ପ୍ରଣାମ।
ଓଡିଶାର ସେବା ପାଇଁ ମହାପ୍ରଭୁ ତାଙ୍କୁ
ଦୀର୍ଘାୟୁ କରନ୍ତୁ.. ମୋର ପ୍ରାର୍ଥନା

## ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା ସଚେତନତା ଶିବିର



କୋରାପୁଟ,୧୩।୫(ସମିସ): ସ୍ଥାନୀୟ ମ୍ୟୁନିସିପାଲଟି ଅଡିଟୋରିୟମରେ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା ୨.୦ ଶୁଭାରମ୍ଭସହ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଉପାଧ୍ୟକ୍ଷା ସବିତା ପଣ୍ଡା, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ, ନିର୍ବାହୀ ଅଧିକାରୀ ଦେବାଶିଷ ଗୌଡ଼, କାଉନସିଲର କାଦମ୍ବିନୀ ସେଠୀ, ପ୍ରଫୁଲ୍ଲ ମହାପାତ୍ର, ଚନ୍ଦ୍ରପ୍ରଭା ହିଆଲଙ୍କସହ ସମସ୍ତ କାଉନସିଲର ଯୋଗଦେଇ ଆବାସ ଯୋଜନାରେ ପକ୍କା ଗୃହ ନିର୍ମାଣ ପାଇଁ ଆବେଦନ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଗରିବ, ବସ୍ତି ବାସିନ୍ଦା, ନିରାଶ୍ରୟ ଓ ଭୂମିହୀନ ବ୍ୟକ୍ତିଙ୍କୁ କିପରି ପକ୍କାଗୃହ ଯୋଗାଇ ଦେବାକୁ ହେବ ପ୍ରଧାନମନ୍ତ୍ରୀ ଆବାସ-୨.୦ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ସହାୟତା ରାଶି ୨.୫ ଲକ୍ଷ ଟଙ୍କାସହ ୪ ମାସ ମଧ୍ୟରେ ଗୃହ ସମ୍ପୂର୍ଣ୍ଣ କରି ୨୦ ହଜାର ପ୍ରୋତ୍ସାହନ ରାଶି ଓ ୬ ମାସ ମଧ୍ୟରେ ୧୦ ହଜାର ପ୍ରୋତ୍ସାହନ ମିଳିପାରିବ ସେନେଇ ସଚେତନ କରାଯାଇଥିଲା। ଆବାସ ଯୋଜନାର କନିଷ୍ଠ ଯନ୍ତ୍ରୀ ସାମନ୍ତ ଚନ୍ଦ୍ରଶେଖର ଦାସ ଯୋଗଦେଇ ଗୃହ କିପରି ଆବେଦନ କରିପାରିବେ ସେନେଇ ଆଲୋକପାତ କରିଥିଲେ। ସହରର ବିଭିନ୍ନ ୱାର୍ଡବାସିନ୍ଦା ସଚେତନତା ଶିବିରରେ ଉପସ୍ଥିତ ଥିବାବେଳେ ଶଶିକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ

# ବିଶେଷଜ୍ଞ ଡାକ୍ତରଙ୍କ ଅଭାବ, ରୋଗୀ ହନ୍ତସନ୍ତ

ଉମରକୋଟ,୧୩।୫(ସମିସ): ନବରଙ୍ଗପୁର ଜିଲ୍ଲା ଅଧୀନ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତରଖାନାରେ ଶିଶୁ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଏଠାରେ ଥିବା ସରକାରୀ ଡାକ୍ତରଖାନାଗୁଡ଼ିକୁ ଆଧୁନିକୀକରଣ କରିବାସହ ଆବଶ୍ୟକ ଅନୁଯାୟୀ ସମସ୍ତ ପ୍ରକାର ଅତ୍ୟାଧୁନିକ ସରଞ୍ଜାମ ଯୋଗାଇ ଦେଇଛନ୍ତି ସରକାର। ହେଲେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବରୁ ଏବେ ଅବ୍ୟବସ୍ଥା ଘେରରେ ରହିଛି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ। ଏହି ଡାକ୍ତରଖାନା ଉପରେ ମୁଖ୍ୟତଃ ୪ଟି ବ୍ଲକବାସୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭରଶୀଳ, କିନ୍ତୁ ସ୍ୱାସ୍ଥ୍ୟସେବା ଏଠାରେ ଫେଲ୍‌ମାରିଛି। ରୋଗୀଙ୍କ ଚିକିତ୍ସା ପାଇଁ ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି ଭଳି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ମଧ୍ୟ ବିଶେଷଜ୍ଞ ଡାକ୍ତର ନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ବିଶେଷଜ୍ଞ ଡାକ୍ତର ଅଭାବରୁ ରୋଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରେଫର ହୋଇ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆସୁଥିବା ବେଳେ ଏଠାରେ ମଧ୍ୟ ସମାନ ଅବସ୍ଥା। ଏଠାରେ ଥିବା ଶିଶୁ ରୋଗ ବିଶେଷଜ୍ଞ ଡା. ସନ୍ତୋଷ କୁମାର ପଣ୍ଡା ପଦୋନ୍ନତି ପାଇ ବଦଳି ହୋଇ ଯିବାପରେ ଖାଲି ପଡ଼ିଥିବା ପଦବୀ ପୂରଣ ହୋଇପାରୁନାହିଁ। ଯାହାଫଳରେ ନବଜାତ ଶିଶୁ ଯତ୍ନକେନ୍ଦ୍ର ଓ ପୃଷ୍ଟି ପୁନର୍ବାସ କେନ୍ଦ୍ର ପରିଚାଳନାରେ ଅନେକାଂଶରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଅସ୍ଥିଶଲ୍ୟ ବିଶେଷଜ୍ଞ, ମେଡିସିନ, ସର୍ଜରୀ ବିଶେଷଜ୍ଞ ଡାକ୍ତର ପଦବୀ ମଧ୍ୟ ଖାଲିପଡ଼ିଛି। ବିଶେଷଜ୍ଞ ଡାକ୍ତର ଅଭାବରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରୋଗୀଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ପୁଣି ଏଠାରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ସେଠାରୁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ସେଠାରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ କିମ୍ବା ବିଶାଖାପାଟଣା ଘରୋଇ ମେଡିକାଲକୁ ରେଫର୍ କରାଯାଉଥିବା କିଛି ନୂଆ କଥା ନୁହେଁ। ଡାକ୍ତର ଅଭାବରୁ ଜରୁରୀକାଳୀନ ପରିସ୍ଥିତିରେ ରୋଗୀ ଓ ସମ୍ପର୍କୀୟ ଗୋଟିଏ ପରେ ଗୋଟିଏ ମେଡିକାଲ ବୁଲି ବୁଲି ସେବାରୁ ବଞ୍ଚିତ ହେଉଛନ୍ତି। ଅନେକ ଉପାନ୍ତ ଅଞ୍ଚଳର ଗରିବ ଲୋକେ ସ୍ୱାସ୍ଥ୍ୟସେବା ପାଇଁ ବାଧ୍ୟ ହୋଇ କ୍ୱାକ ଭରସାରେ ନିଜ ଜୀବନକୁ ବାଜି ଲଗାଉଛନ୍ତି। ନଚେତ୍ ଚିକିତ୍ସା ଅଭାବରୁ ଦୂର ଦୁରାନ୍ତକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ ଏପରିକି ଆଉ କିଏ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ତେବେ ନୂତନ ସରକାର ଗଠନର ବର୍ଷେ ବିତିଯାଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇପାରୁନାହିଁ ବୋଲି ସାଧାରଣରେ ଚର୍ଚ୍ଚା। ଘଟଣାକୁ ନେଇ ଉପଖଣ୍ଡ ଚିକିତ୍ସାଳୟ ଦାୟିତ୍ୱରେ ଥିବା ଇନଚାର୍ଜ ଡା. ଶରତ ଚନ୍ଦ୍ର ସେଠିଙ୍କୁ ପଚାରିବାରୁ ସେ କହିଛନ୍ତି ଜଣେ ବିଶେଷଜ୍ଞରେ ଚାଲିଛି ଏବଂ ଶିଶୁ ବିଶେଷଜ୍ଞଙ୍କ ବଦଳରେ କେହି ଆସିନାହାଁନ୍ତି। କିନ୍ତୁ ଦୁଇଜଣ ଡାକ୍ତର ସ୍ୱତନ୍ତ୍ର ଟ୍ରେନିଂ ନେଇ ଛୋଟଛୁଆଙ୍କୁ ଚିକିତ୍ସା କରୁଛନ୍ତି। ଘଟଣା ବିଷୟରେ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯାଇଛି ସେ ବୋଲି କହିଛନ୍ତି।




### କ୍ୱାକ୍ ଭରସାରେ ରୋଗୀ

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା



- ଦଶମରେ ଗ୍ରୀଷ୍ମ ସାହୁ ଟପ୍ପର
- ଯୁକ୍ତଦୁଇ ବିଜ୍ଞାନରେ ସୁଚିତ୍ରା ଟପ୍ପର

ନନ୍ଦପୁର,୧୩।୫(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସିବିଏସ୍‌ଇ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶିତ ହୋଇଛି। କୋରାପୁଟ ଜିଲ୍ଲା ନନ୍ଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରକାଶିତ ପରୀକ୍ଷା ଫଳରେ ଦଶମ ଶ୍ରେଣୀ ଛାତ୍ର ଗ୍ରୀଷ୍ମ ସାହୁ ୯୩ ପ୍ରତିଶତ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସତ୍ୟମ୍ ନାୟକ ୯୨.୨ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନ ରଖିଛନ୍ତି। ଉଭୟଙ୍କ ସଫଳତା ନେଇ ବିଦ୍ୟାଳୟର ଅଧ୍ୟକ୍ଷ ନନ୍ଦ ଖରା ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଥିବା ବେଳେ ସଦର ମହକୁମା ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ଚଳିତ ବର୍ଷ ମୋଟ ୬୬ ଜଣ ପରୀକ୍ଷା ଦେଇଥିବା ୧୮ ଜଣ ପ୍ରଥମ ସ୍ଥାନ ଏବଂ ୨୧ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତୃତୀୟ ସ୍ଥାନରେ ୫ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ମୋଟ ୪୪ ଜଣ ପାସ୍ କରିଛନ୍ତି। ଦଶମ ଶ୍ରେଣୀରେ ଗ୍ରୀଷ୍ମଙ୍କ ପ୍ରଥମ ସ୍ଥାନ, ସତ୍ୟମ୍ ଦ୍ୱିତୀୟ ହୋଇଥିବା ବେଳେ ଇପ୍ସିତା ଖରା ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଯୁକ୍ତଦୁଇ ବିଜ୍ଞାନରେ ମୋଟ ୧୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୮ଜଣ ପ୍ରଥମ ସ୍ଥାନ, ୨ଜଣ ଦ୍ୱିତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜଣେ ଛାତ୍ର ଫେଲ୍‌ସହ ୬ ଜଣ ଛାତ୍ରଛାତ୍ରୀଙ୍କ କମ୍ପାର୍ଟମେଣ୍ଟ ଲାଗିଥିବା ଜଣାପଡ଼ିଛି। ଯୁକ୍ତଦୁଇ ବିଜ୍ଞାନରେ ସୁଚିତ୍ରା କ୍ରିସାନି ଟପ୍ପର ହୋଇଥିବା ବେଳେ ଗାୟତ୍ରୀ କନ୍ତୀରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଜୟନଗରରେ ଜବରଦଖଲ ଉଚ୍ଛେଦ

ଜୟପୁର,୧୩।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଜବରଦଖଲ ଉଚ୍ଛେଦ କାମ ଜୋରଦାର ଚାଲିଛି। ମଙ୍ଗଳବାର ପୂର୍ବାହ୍ନରେ ପୌରସଂସ୍ଥା ଏବଂ ପ୍ରଶାସନ ପକ୍ଷରୁ ସହରର ୧ ନମ୍ବର ୱାର୍ଡ ଜୟନଗର-ଫାମ୍ପୁଣି ରାସ୍ତା ନିଟକରେ ଜବରଦଖଲ ଉଚ୍ଛେଦ କରାଯାଇଛି। ପୂର୍ବାହ୍ନରେ ଉପଜିଲ୍ଲାପାଳ ଏ.ସସ୍ୟା ରେଡ୍ଡିଙ୍କ ନିର୍ଦ୍ଦେଶକ୍ରମେ ପୌରସଂସ୍ଥା ଏବଂ ପ୍ରଶାସନ ପକ୍ଷରୁ ମିଳିତ ଭାବେ ପୁଲିସ ସହାୟତାରେ ଜୟନଗର ଛକରୁ ଭୁତନାଥ ମନ୍ଦିର ପର୍ଯ୍ୟନ୍ତ ୪ ଫୁଟିଆ ଓସାରର ରାସ୍ତା ନିର୍ମାଣ ନେଇ ଉଚ୍ଛେଦ କରାଯାଇଥିଲା। ଏହିପରି ଗତ ୧୦ଦିନ ପୂର୍ବରୁ ରାସ୍ତା ମଧ୍ୟବର୍ତ୍ତିରୁ ଉଭୟ ପଟେ ୨୦ ଫୁଟ ଲେଖାଏଁ ରାସ୍ତା ଓ ଡ୍ରେନ ନିର୍ମାଣ ନେଇ ମାପଚୂପ କରାଯାଇ ଚିହ୍ନଟ କରାଯାଇଥିଲା। ଏହିପରି ଜୟନଗର ଅଞ୍ଚଳ ଲୋକେ ଗତ ଏକ ସପ୍ତାହ ପୂର୍ବରୁ ଜବରଦଖଲ ଅଞ୍ଚଳ ନିଜ ପକ୍ଷରୁ ଭଙ୍ଗା କାର୍ଯ୍ୟ ଆରମ୍ଭ କରିଥିଲେ। ମଙ୍ଗଳବାର ପ୍ରଶାସନ ଓ ପୌରସଂସ୍ଥା ପକ୍ଷରୁ ଜୟନଗର ଅଞ୍ଚଳରେ ମାପଚୂପ କରିବା ପରେ ଅଧିକାଂଶ ଜବରଦଖଲରେ ରହିଥିବା ଘରଗୁଡ଼ିକୁ ନିଜ ପକ୍ଷରୁ ଭାଙ୍ଗିବା ଆରମ୍ଭ କରିଛନ୍ତି। ବର୍ତ୍ତମାନ ଜୟପୁରସ୍ଥିତ ଜିଲ୍ଲା କୋର୍ଟ ରାସ୍ତା ଉଭୟ ପାର୍ଶ୍ୱରେ ରହିଥିବା ଜବରଦଖଲ ଘରଗୁଡ଼ିକ ମାପଚୂପ ଶେଷ ହୋଇଥିବା ବେଳେ ଅତିଶୀଘ୍ର ଏହି ଅଞ୍ଚଳରେ ମଧ୍ୟ ପ୍ରଶାସନ ଓ ପୌରସଂସ୍ଥା ପକ୍ଷରୁ ଉଚ୍ଛେଦ ଏବଂ ଜବରଦଖଲକାରୀଙ୍କ ଘରଗୁଡ଼ିକ ଭାଙ୍ଗିବା ଆରମ୍ଭ କରାଯିବ। ପ୍ରଶାସନର ଓ ପୌରସଂସ୍ଥାର ଏହିପରି ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସହରବାସୀ ପ୍ରଶଂସା କରୁଛନ୍ତି। ଜବରଦଖଲ ଉଚ୍ଛେଦ ବେଳେ ଜୟପୁର ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ବେଳେ ପୌର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ, ରାଜସ୍ୱ ପରିଦର୍ଶକ ହରିହର ଶତପଥୀ, ଦିଲ୍ଲୀପ କୁମାର ପ୍ରଧାନ, ଆରଆଇ ଅଶୋକ ପ୍ରଧାନ, ସଦା ହନ୍ତାଳ, ପୌରସଂସ୍ଥା ପରିମଳ ନିରୀକ୍ଷକ ଭୁବନୀ ହାଲବା, ଅମିନ ଶୁଭସ୍ମିତା ଜେନା, ଅବିନାଶ ସାନ୍ତ୍ରାପାତ୍ର, ସତ୍ୟ ପାତ୍ର, ସଞ୍ଜୟ କୁମାର ମାର୍ଥା ପ୍ରମୁଖଙ୍କ ସମେତ ରାସ୍ତା, ଡ୍ରେନ ନିର୍ମାଣକାରୀ ଏବଂ ରାସ୍ତା, ଗୃହନିର୍ମାଣ ବିଭାଗର ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



### ଟାର୍ଗେଟରେ ଜିଲ୍ଲା କୋର୍ଟ ରାସ୍ତା

## କୋରାପୁଟ-ବବ୍ଲି ରେଳପଥ ନିର୍ମାଣ ଦାବି

### କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପତ୍ର ଲେଖିଲେ ବିଧାୟକ



ନନ୍ଦପୁର,୧୩।୫(ସମିସ): କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନୂତନ ରେଳ ପଥ ସଂଯୋଗ ନେଇ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି କଂଗ୍ରେସ ଦଳ ନେତା ତଥା ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ। କୋରାପୁଟରୁ ବବ୍ଲି ପର୍ଯ୍ୟନ୍ତ ନୂତନ ରେଳପଥ ସଂଯୋଗସହ ସେମିଳିଗୁଡ଼ା, ଦୁଧାରି, କୋଟିଆ, ଦାଣ୍ଡି ଗାଁ ସାଲୁର ଏବଂ କୋରାପୁଟରୁ ଆରୁକୁକୁ ଭାୟା ସେମିଳିଗୁଡା, କୁନ୍ଦଳି, ସାଡାମ ଓ ଚୌ ଗାଁକୁ ନୂତନ ରେଳ ପଥ ସଂଯୋଗ ନେଇ ପତ୍ର ମାଧ୍ୟମ ଦାବି କରିଛନ୍ତି। ସେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖି କୋରାପୁଟରୁ ବବ୍ଲି ରେଳପଥ ଭାୟା ସେମିଳିଗୁଡ଼ା ପାଇଁ ଦାବି ଜଣାଇଛନ୍ତି। ନୂତନ ଅଞ୍ଚଳରେ ରେଳ ଲାଇନ ସଂଯୋଗ ହେଲେ କୋରାପୁଟ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକେ ଯାତାୟାତର ସୁବିଧା ହୋଇପାରିବ ବୋଲି ପତ୍ରରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କୋଷାଗୁମୁଡ଼ା,୧୩।୫(ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ ଉପସ୍ଥିତିରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୋଷାଗୁମୁଡ଼ା ବ୍ଲକ୍‌ର ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଅଭିଯୋଗଗୁଡ଼ିକ ଯାଞ୍ଚକରିଥିବା ବେଳେ ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। କୋଷାଗୁମୁଡା ହେଉଛି ଉପାନ୍ତ ବ୍ଲକ, ଏଠାକାର ଲୋକ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଶିବିରରେ ମୋଟ ୩୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିରୁ ଗୋଷ୍ଠୀଗତ ୧୪ଟି ଓ ବ୍ୟକ୍ତିଗତ ସମସ୍ୟା ୨୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। କୋଷାଗୁମୁଡା ବ୍ଲକ ସଦର ମହକୁମାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି ହେଲେ ମରଶରୀର ରଖିବା ପାଇଁ କୌଣସି ଶବଗୃହ ତିଆରି କରାଯାଇନି। ତାଛଡ଼ା ବ୍ଲକରେ ଶବ ବ୍ୟବଚ୍ଛେଦ କରିବା ପାଇଁ କୌଣସି ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇ ନଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କୋଷାଗୁମୁଡ଼ାବାସୀ ଅଭିଯୋଗ କରିଛନ୍ତି। ସେହିପରି ଘାଷିଆଗୁଡ଼ା ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରାଯାଇନଥିବା ଯୋଗୁଁ ଦୀର୍ଘବର୍ଷ ହେବ ଗ୍ରାମବାସୀ ଅନ୍ଧାରରେ ଦିନ କାଟୁଥିବା ଅଭିଯୋଗ କରିଛନ୍ତି। ବୋରୱେଲ ଖନନ କରିବା ପାଇଁ ଚାଷୀମାନେ ଅଭିଯୋଗ କରିଥିବା ବେଳେ ରାସ୍ତା ମରାମତି ଓ ପାନୀୟ ଜଳ ସମସ୍ୟା ଆଦି ଅଭିଯୋଗ ଆଗତ କରାଯାଇଥିଲା। ଶିବିରରେ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ମିହୀର କୁମାର ପଣ୍ଡା, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ତୋଷ କୁମାର ପଣ୍ଡା, ଜିଲ୍ଲା ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାଜେଶ କୁମାର ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି. ଭି ରମନ ରାଓ, ଭାରପ୍ରାପ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ର, ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତୀକ କୁମାର ରାଉତ, ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦିଲ୍ଲୀପ କୁମାର କବିରାଜ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ, ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ତହସିଲଦାର କୋଡ଼ିଙ୍ଗା, ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, ଆରଡବ୍ଲୁଏସ ଏଇ ଅମରେଶ ନାୟକ, ବ୍ଲକ ଏଇ ଅଶ୍ୱିନୀ ପଟ୍ଟନାୟକ, ସିଡିପିଓ ଯମୁନା ଭତ୍ରା, ଆରଡ଼ି, ପିଡବ୍ଲୁ ଜେଇ ରଶ୍ମିରଞ୍ଜନ ସେଠୀ, ବିଇଓ ସୁପ୍ରିୟା ନାୟକ, ଏବିଇଓ ଦିଗାମ୍ବର ହରିଜନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଆଦିତ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଲାୟନ୍ସ କ୍ଲବ୍ ଜିଲ୍ଲା ଗଭର୍ଣ୍ଣରଙ୍କ ସେମିଳିଗୁଡ଼ା ଗସ୍ତ

ସେମିଳିଗୁଡ଼ା,୧୩।୫(ସମିସ): ଲାୟନ୍ସ କ୍ଲବ୍‌ର ଜିଲ୍ଲା ଗଭର୍ଣ୍ଣର ଲାୟନ୍ସ ସରସ୍ୱତୀ ପାତ୍ର ସେମିଳିଗୁଡ଼ା କ୍ଲବ ପରିଦର୍ଶନ କରିଛନ୍ତି। କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ, ସଭ୍ୟ ସଂଖ୍ୟା ବୃଦ୍ଧି ଉପରେ ଆଲୋଚନା କରିଥିଲେ। ଭବିଷ୍ୟତରେ ହେବାକୁ ଥିବା କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସଭାପତି ରାଜେନ୍ଦ୍ର କୁମାର ପାତ୍ର, ସମ୍ପାଦକ ସନତ କୁମାର ସାହୁ, କୋଷାଧ୍ୟକ୍ଷ ଅନନ୍ତ ସେନାପତି, କ୍ୟାବିନେଟ ମେମ୍ବର ଲକ୍ଷ୍ମଣ ରାଉତ, ପ୍ୟାଟ୍ରିକ ଡୁଂଗଡୁଂଗ, ମନୋରଞ୍ଜନ ବେହେରା, ଆନନ୍ଦ ପାଟୱାନିଆ, ସଦସ୍ୟ ନୀଳମାଧବ ପାତ୍ର, ଡ. ଚିତ୍ତରଞ୍ଜନ ମିଶ୍ର, ଟୁନା ପାତ୍ର, ଜ୍ୟୋତିରଞ୍ଜନ ମହାନ୍ତି ଓ ସୁକାନ୍ତ ସାମଲ ଯୋଗଦେଇଥିଲେ। ସନ୍ତୋଷ ମହାରଣା ନୂତନ ସଦସ୍ୟ ଭାବେ ଯୋଗଦେଇଥିଲେ। କୋରାପୁଟ ଲାୟନ୍ସ କ୍ଲବ ସଦସ୍ୟ ଆଶା ମିଶ୍ର, ଟି.କିରନ ଯୋଗଦେଇଥିଲେ। ଅବସରରେ ସୁନାବେଡ଼ା ପୌରପରିଷଦର ସଫେଇ କର୍ମଚାରୀଙ୍କୁ ଛତା ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା।




## ବିଜେପିର ବୈଠକ

ସେମିଳିଗୁଡ଼ା,୧୩।୫(ସମିସ): ବିଜେପିର ରାଜ୍ୟ ସାଂଗଠନିକ ମନ୍ତ୍ରୀ ମାନସ କୁମାର ମହାନ୍ତି କୋରାପୁଟ ଜିଲ୍ଲା ଗସ୍ତରେ ଆସିଥିବା ବେଳେ ସେମିଳିଗୁଡ଼ାର ଏକ ହୋଟେଲରେ କର୍ମକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଜିଲ୍ଲା ସଭାପତି ଶିବ ମୁଦୁଲୀ, ଏଡିଆର ତ୍ରିନାଥ ପଣ୍ଡା, କୋରାପୁଟ ବିଧାୟକ ରଘୁରାମ ମାଛ, ପଟାଙ୍ଗୀ ବିଧାୟକ ପ୍ରାର୍ଥୀ ଚୈତନ୍ୟ ନନ୍ଦିବାଲୀ, ପୂର୍ବତନ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ବିଜୟ ଖିଲ, ଦାସୀ ନନ୍ଦିବାଲୀ, ସ୍ନିଗ୍ଧାରାଣୀ ମିଶ୍ର, ଜୟରାମ ଗରଡା, ସୁନୀଲ ଅଗ୍ରୱାଲ, ରାଜକିଶୋର ନାୟକ, ଚୈତନ୍ୟ ହନ୍ତାଳ, ନିରଞ୍ଜନ ଖିଲ, ଅଶ୍ୱିନୀ ଜେନା, ଗଜେନ୍ଦ୍ର ପାଣିଗ୍ରାହୀ, ଟୁନା ଖରା, ଅମର ନାୟକ, ସ୍ୱସ୍ତିକ ମିଶ୍ର ଓ ଦେବେନ୍ଦ୍ର ଖିଲ ପ୍ରମୁଖ ଯୋଗଦେଇଥିଲେ।

### ହଜାର ବର୍ଷର ପରମ୍ପରା

# ହୀକିମପୁଟ ଗ୍ରାମର ଲିଆଖାଉଣି ପର୍ବ

ନନ୍ଦପୁର,୧୩।୫(ସମିସ): କୋରାପୁଟ ଜିଲ୍ଲାର ଆଦିବାସୀମାନଙ୍କ ନିଆରା ଉତ୍ସବ ଲିଆଖାଉଣି ହିକୀମପୁଟ ଗ୍ରାମରେ ଆନନ୍ଦ ଓ ଉଲ୍ଲାସରସହ ପାଳିତ ହୋଇଯାଇଛି। ଆଧୁନିକତା ଯୁଗ ଚାଲିଥିବା ବେଳେ ହଜାର ବର୍ଷର ପରମ୍ପରା ଏବେ ବି ଜୀବିତ। ପରମ୍ପରା ଅନୁଯାୟୀ ଏହି ପର୍ବ ବିଭିନ୍ନ ଗ୍ରାମରେ ଭିନ୍ନ ଭିନ୍ନ ମାସ ତଥା ବର୍ଷରେ ଅନୁଷ୍ଠିତ ହୋଇଥାଏ। ଏହି ଉତ୍ସବ ଗ୍ରାମର ପୁରୁଷମାନଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା ଦେବା ପାଇଁ ମହିଳାମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ। ଚୈତ୍ର ପର୍ବରେ ଗ୍ରାମର ପୁରୁଷମାନେ ବେଣ୍ଟ ଶିକାର ପାଇ ଜଙ୍ଗଲକୁ ଯାଇ ଆସିଥାନ୍ତି। ଏହି ବିରତ୍ୱ ପାଇଁ ମହିଳାମାନେ ପ୍ରତି ତିନିବର୍ଷରେ ଥରେ ଗ୍ରାମରେ ଆୟୋଜନ କରନ୍ତି ଲିଆଖଉଣି ଉତ୍ସବ। ସକାଳୁ ଗ୍ରାମଦେବୀଙ୍କ ପାଖରେ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ ବାଜା ବାଇଦ ଧରି ଘରଘର ପହଞ୍ଚି ପୁରୁଷମାନଙ୍କୁ ପାଛୋଟି ଆଣି ସଦରଦାଣ୍ଡରେ ବସାଇ ପଣାପାଣି ଦେଇ ସମ୍ମାନିତ କରିଥାନ୍ତି। ଉତ୍ସବ ଦେଖିବାକୁ ପାଖଆଖ ଗାଁରୁ ଅନେକ ଲୋକେ ଆସିଥାନ୍ତି। ନାଚ, ଗୀତ ଓ ଢ଼େମସାରେ ଫାଟିପଡୁଥାଏ ସଦରଦାଣ୍ଡ। ସେଠାରେ ଉପସ୍ଥିତ ସମସ୍ତଙ୍କୁ ମାଆମାନେ ଲିଆଖଇ ମୁଢ଼ି ଦେଇଥାନ୍ତି। ଏହିନିଆରା ଉତ୍ସବ କୋରାପୁଟ ଜିଲ୍ଲାରେ ଏବେ ମଧ୍ୟ ଜୀବିତ ରହିଛି। ତତ୍‌ସହିତ କୋରାପୁଟ ଜିଲ୍ଲା ଅନେକ ପର୍ବପର୍ବାଣୀ ଚାଷ ଓ ଫସଲସହ ଜଡ଼ିତ ରହିଛି।



## ଇଟିପିଏ ଫାଉଣ୍ଡେସନ୍ ନିର୍ଦ୍ଦେଶକଙ୍କ ନ୍ୟୁଟ୍ରିହୋପ୍ ପ୍ରକଳ୍ପ ପରିଦର୍ଶନ

ନବରଙ୍ଗପୁର,୧୩।୫(ସମିସ): ନ୍ୟୁଟ୍ରିହୋପ ପ୍ରକଳ୍ପଗୁଡ଼ିକର ତଦାରଖ ଏବଂ ମୂଲ୍ୟାଙ୍କନ ସୁନିଶ୍ଚିତ କରିବା ପାଇଁ ଚାଲିଥିବା ପଦକ୍ଷେପର ଏକ ଅଂଶ ଭାବରେ ଇଟିପିଏ ଫାଉଣ୍ଡେସନର ନିର୍ଦ୍ଦେଶକ ସଞ୍ଜୟ ପଣ୍ଡା କ୍ଷେତ୍ର କର୍ମଚାରୀ ସୁଲେଖା ସୁନା, ଦିଲୀପ କୁମାର ସୁନା ଏବଂ କେ ନୈନା ପାତ୍ରଙ୍କ ସହିତ ପ୍ରକଳ୍ପସ୍ଥଳକୁ ପରିଦର୍ଶନ କରିଛନ୍ତି। ନିର୍ଦ୍ଦେଶକ ଶ୍ରୀ ପଣ୍ଡା ଜିଲ୍ଲାର କିଛି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବାସହ କିଶୋରୀ ବାଳିକା, ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମାଆ, ଆଶା, ଅଙ୍ଗନବାଡ଼ି କର୍ମୀ, ଏସଏଚଜି ସଦସ୍ୟ ଏବଂ ୱାର୍ଡ ସଦସ୍ୟମାନଙ୍କୁ ନେଇ ବୈଠକ କରିଥିଲେ। ବର୍ତ୍ତମାନର ପ୍ରଗତି ମୂଲ୍ୟାଙ୍କନ କରିବା ଏବଂ ରହୁଥିବା ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିବା ପାଇଁ କିଛି ହିତାଧିକାରୀ ଏବଂ ସେମାନଙ୍କ ଅଭିଭାବକଙ୍କ ସହିତ ସିଧାସଳଖ ଯୋଗାଯୋଗ କରିବା ପାଇଁ ପ୍ରତ୍ୟେକ ଘର ପରିଦର୍ଶନ କରିଥିଲେ। ନିର୍ଦ୍ଦେଶକ ଶ୍ରୀ ପଣ୍ଡାଙ୍କ ଜିଲ୍ଲା ଗସ୍ତ ପ୍ରକଳ୍ପର ଉଦ୍ଦେଶ୍ୟମୂଳକ ଫଳାଫଳ ହାସଲ କରିବା ପାଇଁ ସକ୍ରିୟ ତଦାରଖ, ଉତ୍ତରଦାୟିତ୍ୱ ଏବଂ ପ୍ରମାଣ ଆଧାରିତ ନିଷ୍ପତ୍ତି ଗ୍ରହଣ ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଥିବା ଦେଖିବାକୁ ମିଳିଥିଲା।





ଶୃଙ୍ଖଳିତ ମନ ହିଁ ଜୀବନରେ ଆନନ୍ଦ ଆଣିପାରିବ।
-ଗୌତମ ବୁଦ୍ଧ

ସକାଳ THE SAKALA

# ସମ୍ପର୍କର ନୂଆ ଫର୍ଦ୍ଦ

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତର 'ଅପରେସନ୍ ସିନ୍ଦୂର'ର ପ୍ରତିକ୍ରିୟାରେ ଭାରତ ଉପରେ ପାକିସ୍ତାନର ଆକ୍ରମଣ ଏବଂ ତତ୍‌ପରବର୍ତ୍ତୀ ଅସ୍ତ୍ରବିରତି ପ୍ରେକ୍ଷାପଟରେ କୂଟନୈତିକ କସରତର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଏ ସମ୍ପୂର୍ଣ୍ଣ ଘଟଣାରେ ପାକିସ୍ତାନର ଭୂମିକାକୁ ଅନ୍ତତଃ ବିଶ୍ୱବ୍ୟାପୀ ନିନ୍ଦା କରାଯିବାର ଯଥାର୍ଥତା ଥିଲେ ମଧ୍ୟ ଆନ୍ତର୍ଜାତିକସ୍ତରରୁ ଆଶାନୁରୂପ ପ୍ରତିକ୍ରିୟା ପରିଲକ୍ଷିତ ହୋଇନାହିଁ। କିଏ ଏହାକୁ ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ପ୍ରସଙ୍ଗ କହି ଏଡ଼ାଇଗଲାଣି ତ ଅନ୍ୟ କିଏ ପୃଷ୍ଠଭୂମିରୁ ନିଜର ସ୍ୱାର୍ଥସାଧନ କରିବାର ସୁଯୋଗ ହାତଛଡ଼ା କରୁନାହିଁ। ଏ କ୍ଷେତ୍ରରେ ସାହାଯ୍ୟ ଓ ସମର୍ଥନ ଦୁଇଟି ଭିନ୍ନ ଦିଗ। ଭାରତ ସାହାଯ୍ୟ ଅପେକ୍ଷା ନିରଙ୍କୁଶ ସମର୍ଥନ ବିଭିନ୍ନ ବନ୍ଧୁ ରାଷ୍ଟ୍ରଙ୍କଠାରୁ ଆଶା କରିବା ସ୍ୱାଭାବିକ।

ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ପରିବର୍ତ୍ତିତ ରାଜନୈତିକ ଓ ବାଣିଜ୍ୟିକ ଦୃଶ୍ୟପଟରେ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସମସ୍ତେ ନିଜ ନିଜର ସ୍ୱାର୍ଥ ସୁରକ୍ଷିତ ରଖିବାରେ ବ୍ୟସ୍ତ। କୂଟନୈତିକ ସ୍ତରରେ ଯାହା ବି ବିଚାରବିମର୍ଶ ରହିଛି, ତାହା ସବୁ ଆମେରିକା କେନ୍ଦ୍ରିତ। ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତିର ଘନଘଟା ମଧ୍ୟରେ ବିଶ୍ୱର ଦୁଇଟି ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚିତ ନୂଆ ସରକାର କ୍ଷମତାସୀନ ହୋଇଥିବାର ଖବର ଗୌଣ ହୋଇଯାଇଛି। ଜର୍ମାନୀ ପରେ କାନାଡ଼ା ନିର୍ବାଚନ ଫଳ ପ୍ରକାଶ ପାଇଛି। କାନାଡ଼ାରେ ଜଷ୍ଟିନ ଟ୍ରୁଡୋଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଖାଲିସ୍ତାନ ଆତଙ୍କବାଦୀଙ୍କ ପ୍ରସଙ୍ଗ ନେଇ ଭାରତ ସହ ଯେଉଁ ବିବାଦ ଉପୁଜିଥିଲା, ତାହା କେବଳ ଦ୍ୱିପାକ୍ଷିକ ନୁହେଁ, କୂଟନୈତିକ ସମ୍ପର୍କକୁ ମଧ୍ୟ କ୍ଷୁର୍ଣ୍ଣ କରିଥିଲା। ସେଠାରେ ଲିବରାଲ୍ ପାର୍ଟି ପୁନର୍ବାର କ୍ଷମତାକୁ ଆସିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ସହ ସମ୍ପର୍କର ରଜ୍ଜୁ ସୁଦୃଢ଼ କରିବା ସକାଶେ ଭାରତ ପ୍ରତିପକ୍ଷ ନରେନ୍ଦ୍ର ମୋଦୀଙ୍କ କଥାବର୍ତ୍ତା ବେଶ ଉତ୍ସାହପ୍ରଦ।

ଗତ ଜାନୁଆରୀ ମାସରେ ଟ୍ରୁଡୋ କ୍ଷମତାରୁ ଓହରିଯିବାରୁ ଲିବରାଲ୍ ପାର୍ଟି ପକ୍ଷରୁ ମାର୍କ କାର୍ନେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ ହିଁ ଏପ୍ରିଲ ମାସରେ ହୋଇଥିବା ନିର୍ବାଚନ ଲିବରାଲ୍ ପାର୍ଟିକୁ ବହୁମତ ଦେଇ ନ ଥିଲେ ମଧ୍ୟ ପ୍ରତିନିଧି ସଭାର ବୃହତ୍ତମ ଦଳର ନେତା ଭାବେ ସେ ପୁନର୍ବାର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ କି ଲିବେରାଲ ପାର୍ଟି ୨୦୧୫ରୁ କ୍ରମାଗତ ଭାବେ କ୍ଷମତାରେ ରହିଆସିଛି। ପ୍ରତିନିଧି ସଭାର ମୋଟ ୩୪୩ ଆସନ ମଧ୍ୟରୁ କାର୍ନେଙ୍କ ଦଳ ୧୬୯ ଆସନରେ ବିଜୟୀ ହୋଇଛି। ସଂଖ୍ୟାଗରିଷ୍ଠତା ହାସଲ ପାଇଁ ନିଅଣ୍ଟ ପଡୁଥିବା ୩ଟି ଆସନ ସରକାର ପରିଚାଳନାରେ ସେଭଳି ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ। ଟ୍ରୁଡୋଙ୍କ ନେତୃତ୍ୱରେ ଗଠିତ ସରକାର ନୂତନ ଗଣତାନ୍ତ୍ରିକ ଦଳ (ଏନ୍‌ଡିପି)ର ସମର୍ଥନ ଉପରେ ନିର୍ଭର କରୁଥିବାରୁ ନୀତିଗତ ନିଷ୍ପତ୍ତିରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଗତ ସରକାରରେ ଅଂଶୀଦାରର ଭୂମିକା ନିର୍ବାହ କରୁଥିବା ଏହି ଦଳର ଆସନ ସଂଖ୍ୟା ୨୪ରୁ ଏବେ ୭କୁ ହ୍ରାସ ପାଇଛି। ଏନ୍‌ଡିପି ନେତା ଜଗମିତ ସିଂହ ମଧ୍ୟ ନିର୍ବାଚନରେ ପରାଜିତ ହୋଇଛନ୍ତି। କାନାଡ଼ା ନାଗରିକତ୍ୱ ହାସଲ କରିଥିବା ଖାଲିସ୍ତାନ ନେତା ହରଦୀପ ସିଂହ ନିଜ୍ଜାରଙ୍କ ହତ୍ୟା ଘଟଣାରେ ପ୍ରଧାନମନ୍ତ୍ରୀ ଟ୍ରୁଡୋ ଭାରତର ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ଉଲ୍ଲେଖ କରି ଦ୍ୱିପାକ୍ଷିକ ସମ୍ପର୍କକୁ ଅସଜଡ଼ା କରିଦେଇଥିଲେ। ଉଲ୍ଲେଖଯୋଗ୍ୟ କି ଖାଲିସ୍ତାନ ସଂଗଠନକୁ କାନାଡାରୁ ପୃଷ୍ଠପୋଷକତା ମିଳିବା ଏବଂ ସେଠାରେ ଆତଙ୍କବାଦୀଙ୍କୁ ନିରାପଦ ଆଶ୍ରୟ ପ୍ରଦାନ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଭାରତ କ୍ଷୁବ୍ଧ। ଏକଥା ସତ ଯେ ଏବେ ସ୍ଥିତି ବଦଳିଛି। କାନାଡ଼ାରେ ବସବାସ କରୁଥିବା ଶିଖ ସମ୍ପ୍ରଦାୟଙ୍କ ଏନ୍‌ଡିପିରେ ପ୍ରାଧାନ୍ୟ ଦୃଷ୍ଟିରୁ ଟ୍ରୁଡୋ ସରକାରରେ ସେମାନେ ସୁରକ୍ଷିତ ଥିଲେ।

ମାର୍କ କାର୍ନେ ବ୍ୟାଙ୍କ ଅଫ୍ ଇଂଲଣ୍ଡ ଓ ବ୍ୟାଙ୍କ ଅଫ୍ କାନାଡ଼ାର ମୁଖ୍ୟ ରୂପେ ଦାୟିତ୍ୱ ତୁଲାଇ ନିଜର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି। ଜଣେ ଅର୍ଥନୀତି ବିଶାରଦ ଓ ଦକ୍ଷ ନୀତି ନିର୍ଦ୍ଧାରକ ହୋଇଥିବାରୁ ଟ୍ରମ୍ପଙ୍କ ଆହ୍ୱାନର ସେ ଉଚିତ ମୁକାବିଲା କରିପାରିବେ। ଏହି ଆଶା ରଖି କାନାଡ଼ାବାସୀ ତାଙ୍କ ଲିବରାଲ ପାର୍ଟିକୁ ଚଳିତ ନିର୍ବାଚନରେ ସମର୍ଥନ ଦେଇଛନ୍ତି। ଅଥଚ ପ୍ରାକ୍‌ନିର୍ବାଚନ ସର୍ଭେ ରିପୋର୍ଟ କନ୍‌ଜରଭେଟିଭ୍ (ରକ୍ଷଣଶୀଳ) ପାର୍ଟି ନେତା ପିଏରେ ପୋଲେଭେରେଙ୍କ ନେତୃତ୍ୱ ସଫଳତା ହାସଲ କରିବ ବୋଲି ଆଗୁଆ ସୂଚନା ଦେଇଥିଲା। ପରିବର୍ତ୍ତନ ପ୍ରୟାସୀଙ୍କ ପାଇଁ ସେ ହିଁ ଥିଲେ ପ୍ରଥମ ପସନ୍ଦ। ଟ୍ରମ୍ପଙ୍କ ବାଣିଜ୍ୟ ଶୁଳ୍କ ଚଢ଼ଉ, ଏପରିକି କାନାଡ଼ାକୁ ଆମେରିକାର ୫୧ତମ ପ୍ରଦେଶର ମାନ୍ୟତା ଦିଆଯିବା ଘୋଷଣା ରାଷ୍ଟ୍ରର ସାର୍ବଭୌମତା ଏବଂ ଆର୍ଥିକ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିଲା। ଏହି ଅସୁରକ୍ଷିତ ବାତାବରଣ ମଧ୍ୟରେ କାର୍ନେଙ୍କ ଯୋଗ୍ୟତାକୁ କାନାଡ଼ାବାସୀ ପ୍ରାଧାନ୍ୟ ଦେଲେ। ଏସବୁ ସତ୍ତ୍ୱେ କନ୍‌ଜରଭେଟିଭ୍ ପାର୍ଟି ୧୪୪ ଆସନ ହାସଲ କରିଛି। ଦଳର ନେତା ମଧ୍ୟ ନିଜ ପ୍ରୟାସରୁ ପରାଜିତ ହୋଇଛନ୍ତି।

ଭାରତ ଓ କାନାଡ଼ା ମଧ୍ୟରେ ସମ୍ପର୍କ ତିକ୍ତ ହୋଇଥିଲେ ମଧ୍ୟ ଦ୍ୱିପାକ୍ଷିକ ବାଣିଜ୍ୟ ଅତୁଟ ରହିଥିଲା। ଖାଲିସ୍ତାନ ପ୍ରସଙ୍ଗ ଆଭ୍ୟନ୍ତରୀଣ ନିରାପତ୍ତା ଓ ପ୍ରବାସୀଙ୍କୁ ନେଇ ସୃଷ୍ଟ ବିବାଦ ଓ ମତଭେଦ କୂଟନୈତିକ ସମ୍ପର୍କକୁ ପ୍ରଭାବିତ କରିଥିଲା। ନିଜାର ହତ୍ୟା ଘଟଣାରେ ଦୁଇପକ୍ଷ ଯେଉଁ ଆରୋପ ଓ ପ୍ରତ୍ୟାରୋପ କରିଥିଲେ, ସେ ନେଇ କିଛି ତୁରନ୍ତ ନିଷ୍ପତ୍ତି ନୂଆ ପ୍ରଧାନମନ୍ତ୍ରୀ କାର୍ନେ ନେଇନଥିଲେ ମଧ୍ୟ ପାରସ୍ପରିକ ସମ୍ମାନ ଓ ମର୍ଯ୍ୟାଦା ରକ୍ଷା କରି ସମ୍ପର୍କକୁ ସୁଧାରିବାର ପ୍ରତିଶ୍ରୁତି ଦେଇଛନ୍ତି। ଛାତ୍ରଙ୍କ ସମେତ ୩୦ ଲକ୍ଷ ଭାରତୀୟ କାନାଡ଼ାରେ ବସବାସ କରୁଥିବାରୁ ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ନେଇ ଭାରତ ଚିନ୍ତାପ୍ରକଟ କରିବା ସ୍ୱାଭାବିକ। ୨୦୨୭ ସୁଦ୍ଧା ପ୍ରବାସୀଙ୍କ ସଂଖ୍ୟା କାନାଡ଼ା ମୂଳ ଅଧିବାସୀଙ୍କ ୫ ପ୍ରତିଶତରୁ ଅଧିକ ହେବାକୁ ଦିଆଯିବ ନାହିଁ ବୋଲି ଲିବେରାଲ ପାର୍ଟି ଇସ୍ତାହାରରେ ଘୋଷଣା କରାଯାଇଥିଲେ ମଧ୍ୟ ରାଷ୍ଟ୍ରର ଆର୍ଥିକ ପ୍ରଗତିରେ ବହିରାଗତ ଛାତ୍ର ଓ ସୁଦକ୍ଷ ପେସାଦାରଙ୍କ ଅବଦାନକୁ ଅଗ୍ରାହ୍ୟ କରିହେବ ନାହିଁ। ତେଣୁ ସମୟର ଆବଶ୍ୟକତା ଦୃଷ୍ଟିରୁ ଅର୍ଥନୀତିଜ୍ଞ ପ୍ରଧାନମନ୍ତ୍ରୀ କାର୍ନେ ଏହି ଦିଗପ୍ରତି ନିଶ୍ଚୟ ଦୃଷ୍ଟି ଦେବେ।

ଆମେରିକାକୁ ବାଦ ଦେଇ ଅନ୍ୟ ରାଷ୍ଟ୍ର ସହ କାନାଡ଼ା ଆଗକୁ ସମ୍ପର୍କ ସୁଦୃଢ଼ କରିବ। ପରିବର୍ତ୍ତିତ ଭୂ-ରାଜନୈତିକ ପରିସ୍ଥିତି ଦୃଷ୍ଟିରୁ କାର୍ନେ ଭାରତ ସହ ସମ୍ପର୍କ ସୁଦୃଢ଼ କରିବାର ସୂଚନା ଦେଇଛନ୍ତି। ଆମ ପ୍ରଧାନମନ୍ତ୍ରୀ ମଧ୍ୟ ଦୁଇରାଷ୍ଟ୍ର ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ଦୃଷ୍ଟିରୁ ଆଇନର ଶାସନ ଓ ପାରସ୍ପରିକ ବୁଝାମଣା ସକାଶେ ପରାମର୍ଶ ଦେଇଛନ୍ତି। ତେଣୁ ଆଗାମୀ ଦିନରେ ଟ୍ରୁଡ଼ୋଙ୍କ ସମୟରେ ସୃଷ୍ଟି ହୋଇଥିବା ଅବିଶ୍ୱାସ ଓ ଅବୁଝାମଣା ଦୂର ହେବ ବୋଲି ଆଶା କରାଯାଇପାରେ।

# ଅନଲାଇନ ଗେମିଂ ଓ ସକ୍ଷମ ସମାଜ ଗଠନର ମାର୍ଗ

**ଡ.ବିମଳ ଷଡ଼ଙ୍ଗୀ**

ପ୍ରତ୍ୟେକ ପିତାମାତାଙ୍କ ଇଚ୍ଛା ଥାଏ ତାଙ୍କ ସନ୍ତାନଟି ଭଲ ପାଠପଢ଼ି ସମାଜରେ ପ୍ରତିଷ୍ଠିତ ହେଉ। ଯେତେବେଳେ ସେ ସନ୍ତାନଟିର ଅକାଳମୃତ୍ୟୁ ଘଟେ ସେତେବେଳେ ପାଦତଳୁ ମାଟି ଖସିଯାଏ। ଘଟୁଥିବା ଏହି ଦୁଃଖଦ ଘଟଣା ମଧ୍ୟରୁ ଅନଲାଇନ ଗେମ ଏବେ ଅଧିକ ଘାତକ ସାଜିଛି। ମଣିଷ ଜୀବନକୁ ଆନନ୍ଦ ଦେବା ସହିତ ଚଳଚଞ୍ଚଳ ଓ ସୁସ୍ଥ ରଖିବାର ମାର୍ଗ ଖେଳ। ମାତ୍ର ଅନଲାଇନ ଗେମ ଯୋଗୁଁ ଯୁବପିଢ଼ି ବିପଥଗାମୀ ହେବା ସହିତ ମୃତ୍ୟୁକୁ ଆବୋରି ନେଉଥିବା ଆମ ଦେଶ ପାଇଁ ଏକ ଆହ୍ୱାନ ନିଶ୍ଚୟ।

ଏହି ଅନଲାଇନ ଗେମର ନିଶା ଆମ ଯୁବପିଢ଼ିଙ୍କୁ ଏପରି ଗ୍ରାସିଛି ଯେ ଏଥିପାଇଁ ବାରଣ କରିବା କାରଣରୁ ଗତ ଫେବୃଆରୀ ମାସରେ ହରିୟାଣାର ଜଣେ ୧୫ ବର୍ଷର ବାଳକ ଆତ୍ମହତ୍ୟା କରିଥିଲେ। ଗତ ବର୍ଷ ଡିସେମ୍ବର ମାସରେ ଭୁବନେଶ୍ୱରର ୨୨ ବର୍ଷୀୟ ଯୁବକ ଅନଲାଇନ୍ ଗେମିଂରେ ପ୍ରାୟ ୪ ଲକ୍ଷ ଟଙ୍କାର କ୍ଷତି ସହିବା ପରେ ଆତ୍ମହତ୍ୟା କରିଥିଲେ ଏବଂ ଅନଲାଇନ୍ ଗେମିଂ ପ୍ଲାଟଫର୍ମରୁ ୪ ଲକ୍ଷ ଟଙ୍କା ଜିତି ନପାରିବାରୁ ରାୟଗଡ଼ାର ଜନୈକା ୧୬ ବର୍ଷୀୟ ଝିଅ ଆତ୍ମହତ୍ୟା କରିଥିଲେ। ଏହା କେତୋଟି ଉଦାହରଣ ମାତ୍ର। ପ୍ରତିଦିନ ଅନଲାଇନ ଗେମର କୁପ୍ରଭାବରେ କିଛି ନା କିଛି ଅଘଟଣର ଖବର ଆମେ ଗଣମାଧ୍ୟମରୁ ପଢ଼ି ବା ଶୁଣି କ୍ଷଣିକ ପାଇଁ ମନସ୍ତାପ କରୁ; କିନ୍ତୁ ପରିବର୍ତ୍ତୀ ସମୟରେ ଏହାର ଦୀର୍ଘ ପ୍ରଭାବ ସମ୍ପର୍କରେ ଚିନ୍ତା କରିବାକୁ ଭୁଲି ଯାଉ। ଯଦି ଏହି ଧାରା ଜାରି ରହେ ତେବେ ଉନ୍ନତ ଭାରତର ସ୍ୱପ୍ନ କେବଳ ସ୍ୱପ୍ନରେ ରହିଯାଇପାରେ।

ଅନଲାଇନ୍ ଜୁଆ ବା ଗେମିଂର ପ୍ରଭାବ ୧୯୯୦-୨୦୦୦ ଦଶକରେ ଇଣ୍ଟରନେଟ ଦ୍ୱାରା ଲୋକଲୋଚନକୁ ଆସିଥିଲା। ୧୯୯୪ମସିହାରେ ପ୍ରଥମ ଅନଲାଇନ୍ କାସିନୋ ଏବଂ ପରେପରେ ଖେଳ ଓ ଲଟେରୀକୁ ନେଇ ଅନଲାଇନରେ ବାଜି ପ୍ରଚଳନ ଆରମ୍ଭ ହୋଇଥିଲା। ୨୦୧୦ରୁ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ମାର୍ଟଫୋନ ଏବଂ ବିଭିନ୍ନ ଆପ୍ସ ଦ୍ୱାରା ମୋବାଇଲ ଗେମିଂ ବା ଅନଲାଇନ ଜୁଆ ଖେଳ ବୃଦ୍ଧି ପାଇବା ସହିତ ଏକ ବଡ଼ ବେପାରରେ ପରିଣତ ହୋଇ କୋଟି କୋଟି ନିରୀହ ଯୁବକଙ୍କୁ ଶିକାର କରିଚାଲିଛି। ପବ୍‌ଜି, ଫ୍ରିଫାୟାର, ଫୋର୍ନାଇଟ, କଲଅଫଡ୍ୟୁଟି, ଡ୍ରିମ୧୧, ଏମପିଏଲ୍, ୮ବଲପୁଲ, ଲୁଡୁ, କ୍ରିକେଟ, ରେସିଂ, ରମିସର୍କଲ, ୱାର୍ଲ୍ଡ ଅଫ ୱାରକ୍ରାଫ୍ଟ, ରୋବଲୋକ୍ସ ଇତ୍ୟାଦି ନାମରେ ଟଙ୍କାର ବାଜି ଲଗାଇ ଖେଳାଯାଏ। ଅନେକ ଯୁବକ/ଯୁବତୀ ପ୍ରତିଦିନ ଘଣ୍ଟା ଘଣ୍ଟା ଏହି ଖେଳରେ ମାତିଥା'ନ୍ତି ଏବଂ ନଖେଳି ପାରିଲେ ଅସ୍ଥିର କିମ୍ବା ଚିଡ଼ଚିଡ଼ା ଅନୁଭବ କରନ୍ତି।

ଅନଲାଇନ୍ ଗେମ୍ ଯୋଗୁଁ ଅଧ୍ୟୟନ କିମ୍ବା ବାସ୍ତବ ଜୀବନର କାର୍ଯ୍ୟରେ ଧ୍ୟାନ ଦେବା କଷ୍ଟକର ହୋଇଥାଏ। ବିଶେଷକରି ମନ ଭିତରେ ହିଂସାତ୍ମକ ଖେଳ, ହତାଶା, କ୍ରୋଧ କିମ୍ବା ଆକ୍ରମଣାତ୍ମକ ଆଚରଣ ବୃଦ୍ଧି ପାଏ। ଖେଳଗୁଡ଼ିକ ଅନଲାଇନରେ ଖେଳାଯାଉଥିବାରୁ ପରସ୍ପର ମଧ୍ୟରେ ପ୍ରକୃତ ଭାବବିନିମୟ ହୋଇ ନଥାଏ। ଅତ୍ୟଧିକ ସମୟ ଖେଳରେ ବିତିବା ଯୋଗୁଁ ପିତାମାତା, ଶିକ୍ଷକ କିମ୍ବା ବନ୍ଧୁମାନଙ୍କ ସହିତ ମିଶିବା, ପାଠପଢ଼ା, ଘରପାଇଁ କର୍ତ୍ତବ୍ୟ ଓ ଆତ୍ମଯତ୍ନ ପାଇଁ ଠିକ ସମୟ ମିଳିନଥାଏ। ମୋବାଇଲ ବା କମ୍ପ୍ୟୁଟର ପାଖରେ ବହୁତ ସମୟ ଧରି ବସି ରହିଲେ ଦୃଷ୍ଟିଶକ୍ତି ପ୍ରଭାବିତ ହୁଏ। ଓଜନ, ଥକ୍କା ପଣ ବୃଦ୍ଧିପାଇବା ସହିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ଅନଲାଇନ ଖେଳ ଅନାବଶ୍ୟକ ଖର୍ଚ୍ଚାନ୍ତ କିମ୍ବା ଋଣଗ୍ରସ୍ତ କରାଇଥାଏ। ଫଳରେ ଯୁବକ/ଯୁବତୀ ନିଜ ଉପରୁ ନିୟନ୍ତ୍ରଣ ହରାଇ ଆତ୍ମହତ୍ୟା, ହତ୍ୟା, ଚୋରୀ ଇତ୍ୟାଦି ଦ୍ୱାରା ନିଜର ସୁନ୍ଦର ଭବିଷ୍ୟତଟିକୁ ଜାଳିପୋଡ଼ି ନଷ୍ଟ କରିଥା'ନ୍ତି।

ଅନଲାଇନ ଗେମର କୁପ୍ରଭାବକୁ ଜାଣି ମଧ୍ୟ ଆମର ଯୁବ ସମାଜ ଏଥିରୁ ନିବୃତ୍ତ ନହେବାର ବହୁତଗୁଡ଼ିଏ କାରଣ ରହିଛି। ଖବର କାଗଜ, ଟିଭି, ଇଣ୍ଟରନେଟ ମାଧ୍ୟମରେ ଏହି ଖେଳ ଦ୍ୱାରା ଉପକୃତ ହେଉଥିବା କିଛି ବ୍ୟକ୍ତିଙ୍କ ଫଟୋ, ସାକ୍ଷାତକାର ଇତ୍ୟାଦି ଅତି ଉତ୍କୃଷ୍ଟ ଢଙ୍ଗରେ ପ୍ରକାଶିତ ହୁଏ। ବସ୍ତୁବାଦୀ ଦୁନିଆରେ ସାମାଜିକ ଚାପ, ଚାକିରି ଅଭାବ, ଅସୁରକ୍ଷିତ ଭବିଷ୍ୟତ, ପ୍ରକୃତ ଶିକ୍ଷାର ଅଭାବ, ଦରଦାମ ବୃଦ୍ଧି, ସୌଖିନ ବସ୍ତୁପ୍ରତି ଲୋଭ, ବିଳାସପ୍ରିୟ ଜୀବନର ଇଚ୍ଛା, ବିନା କାମ ବା କମ କାମରେ ଅଧିକ ରୋଜଗାରର ମନୋବୃତ୍ତି ଇତ୍ୟାଦି ଦ୍ୱାରା ଯୁବକ/ଯୁବତୀମାନେ ନିଜ ଦାୟିତ୍ୱରୁ ଦୂରେଇ ଯାଆନ୍ତି। କମ ପରିଶ୍ରମ, ରାତାରାତି ବହୁତ ଅର୍ଥର ମାଲିକ ହେବାର ପ୍ରବଳ ଆଶାର ବଶବର୍ତ୍ତୀ ହୋଇ ଅନଲାଇନ ଗେମିଂ ନିୟନ୍ତ୍ରଣରେ ରହିଯାଇ ନିଜର ଦାୟିତ୍ୱବୋଧତାରୁ ଖସିଯିବାର ଏକ ସହଜ ଉପାୟ ବୋଲି ଭାବିନେଇଥା'ନ୍ତି। ଖେଳଗୁଡ଼ିକ ଏପରି ପ୍ରସ୍ତୁତ କରାଯାଇଥାଏ ଯେପରି ସବୁ ସମୟରେ ଜଣେ ଅନୁଭବ କରିବ ଯେ ଆଉଥରେ ଖେଳିଲେ ସେ ଜିତିଯିବ।

ଏବେ ପ୍ରଶ୍ନଉଠେ ଏହି ଭୟଙ୍କର ଅନଲାଇନ ଗେମର କୁପ୍ରଭାବରୁ ଆମେ କିପରି ନିବୃତ୍ତ ରହିବା ବା ଯୁବସମାଜକୁ କିପରି ରକ୍ଷାକରିବା। ପ୍ରତ୍ୟେକ ବ୍ୟକ୍ତିର ଜୀବନଗଠନର ଦାୟିତ୍ୱ ତା' ନିଜ ହାତରେ ଥାଏ। ପିତାମାତା, ସମାଜ ସଂସ୍କାରକ, ଶିକ୍ଷକ, ସରକାର ବା ଅନ୍ୟମାନେ କେବଳ ପଥପ୍ରଦର୍ଶକ। ଯୁବ ସମାଜ ଯେତେବେଳ ସ୍ୱୟଂ ପରିବର୍ତ୍ତନକୁ ଆପଣେଇ ନପାରିବ ସେତେବେଳ ପର୍ଯ୍ୟନ୍ତ କେହି ଚାହିଁଲେ ବା ଲେଖିଲେ ବା ନିୟମ କଲେ କିଛି ଲାଭ ହେବନାହିଁ। ନିଜ ଭିତରେ ପରିବର୍ତ୍ତନ ପାଇଁ ଜାତିର ଜନକ ମହାତ୍ମା ଗାନ୍ଧୀ ସର୍ବଦା ବ୍ୟକ୍ତିଗତ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରୁଥିଲେ। ମନୋବିଜ୍ଞାନୀ ୱିଲିୟମ୍ ଜେମ୍ସଙ୍କ ଭାଷାରେ 'ମୋ ପିଢ଼ିର ସର୍ବଶ୍ରେଷ୍ଠ ଆବିଷ୍କାର ହେଉଛି ଜଣେ ମଣିଷ ତା'ର ମନୋଭାବର ପରିବର୍ତ୍ତନ କଲେ ହିଁ ତା'ର ଜୀବନକୁ ପରିବର୍ତ୍ତନ କରିପାରିବ।'

ତେବେ ଆମର କେତେଗୋଟି ଛୋଟ ଛୋଟ ପରାମର୍ଶ ହୁଏତ ଯୁବ ସମାଜକୁ କିଛିଟା ମାର୍ଗଦର୍ଶନ ଦେଇପାରି ଏକ ବୃହତ ପରିବର୍ତ୍ତନର ପଥପ୍ରଦର୍ଶକ ହୋଇପାରିବ। ପ୍ରଥମତଃ, ଅନଲାଇନ ଗେମ ଖେଳିବାକୁ ସମୟ ସୀମିତ କରିବା ପାଇଁ ଆଲାର୍ମ, ଟାଇମର୍, କିମ୍ବା ବିଲ୍ଟ-ଇନ୍ ଫୋନ୍ ବା ଗେମ୍ ସେଟିଂସର ବ୍ୟବହାର କରିବା ସହିତ କୌଣସି ସ୍ଥାନୀୟ କ୍ଲବରେ ଯୋଗଦାନ, ସ୍ୱେଚ୍ଛାସେବା କିମ୍ବା ଗୋଷ୍ଠୀ କାର୍ଯ୍ୟକଳାପ ଭାଗନେଇ ଖେଳପଡ଼ିଆରେ ଖେଳିବା, କଳା, ସଙ୍ଗୀତ, ପଠନ କିମ୍ବା ବାହ୍ୟ କାର୍ଯ୍ୟକଳାପ ଉପରେ ଧ୍ୟାନ ଦିଆଯାଇପାରିବ। ପରିବାର ଏବଂ ବନ୍ଧୁମାନଙ୍କ ସହିତ ବ୍ୟକ୍ତିଗତ ଭାବରେ ସମୟ ବିତାଇବାର ଅଭ୍ୟାସ କରି ରୁଟିନ ମାଧ୍ୟମରେ ଅଧ୍ୟୟନ, ବ୍ୟାୟାମ, ଖାଦ୍ୟ, ଅଭ୍ୟାସ ଓ ବିଶ୍ରାମର ଏକ ସନ୍ତୁଳିତ ଦୈନିକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଜରୁରୀ। ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଗେମିଂର ନକାରାତ୍ମକ ପ୍ରଭାବ ବିଷୟରେ ଅବଗତ ହେବା ସହିତ ତା'ଠାରୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ଯିବା ଉଚିତ। ଯଦି କେହି ନିଶାଗ୍ରସ୍ତ ଅନୁଭବ କରନ୍ତି, ତେବେ ବିନା ସଂକୋଚରେ ପିତାମାତା, ଶିକ୍ଷକ, ପରାମର୍ଶଦାତା କିମ୍ବା ହେଲ୍ପଲାଇନର ସାହାଯ୍ୟ ମାଗନ୍ତୁ।

ଆଇଟି ଆଇନର ଧାରା ୬୯କ ଅନୁଯାୟୀ କୌଣସି ଆପ୍ସ ବା ୱେବସାଇଟ୍ ଯଦି କ୍ଷତିକାରକ କିମ୍ବା ଅବୈଧ ତାକୁ ଆମେ ଅବରୋଧ କରି ପାରିବା। ତଦନୁସାରେ ଏଫଆଇଆର୍ ଦାଖଲ କରିପାରିବା। ଅନଲାଇନ୍ ଠକେଇ ପାଇଁ ଆଇଟି ଆଇନର ଧାରା ୬୬ଘ ଏବଂ ଗ୍ରାହକ ସୁରକ୍ଷା ଆଇନ ୨୦୧୯ ଇତ୍ୟାଦି ଦ୍ୱାରା ଆମେ ଭ୍ରମାତ୍ମକ କିମ୍ବା କ୍ଷତିକାରକ ଖେଳ ପ୍ଲାଟଫର୍ମ ବିରୁଦ୍ଧରେ ଅଭିଯୋଗ ଦାଖଲ କରିପାରିବା। ଏ କ୍ଷେତ୍ରରେ ପିତାମାତା, ବିଦ୍ୟାଳୟ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯଦିଓ ଏହା ଏକ ସିଧାସଳଖ 'ଆଇନଗତ' ପ୍ରକ୍ରିୟା ନୁହେଁ, ତଥାପି ଏହି କାର୍ଯ୍ୟଗୁଡ଼ିକ ଆଇନଗତ କାର୍ଯ୍ୟକୁ ସହାୟତା ଦେଇପାରିବ। ସ୍ୱେଚ୍ଛାସେବୀ ସଂଗଠନ ଏବଂ ନାଗରିକ ଗୋଷ୍ଠୀଗୁଡ଼ିକ ବିପଦପୂର୍ଣ୍ଣ ଖେଳଗୁଡ଼ିକୁ ନିଷେଧ କିମ୍ବା ନିୟନ୍ତ୍ରଣ କରିବା ପାଇଁ ଜନସ୍ୱାର୍ଥ ମାମଲା ଦାଖଲ ସହିତ ସାଇବର କ୍ରାଇମ୍ ପୋର୍ଟାଲରେ ସୂଚିତ କରିପାରିବେ। ଅନଲାଇନ୍ ଗେମିଂ ବନ୍ଦ କରିବା ସମସ୍ତ ଖେଳକୁ ନିଷେଧ କରିବା ଆମର କାମ ନୁହେଁ ବରଂ କ୍ଷତିକାରକ ଏବଂ ନିଶାକର କର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଆମର କର୍ତ୍ତବ୍ୟ ହେବା ଜରୁରୀ।

ଭାରତରେ ଏହାର ସମାଧାନ କରିବା ପାଇଁ ଆଇନ, ନିୟମ ଏବଂ ଜନସାଧାରଣଙ୍କ ସହଯୋଗ, ବିଭିନ୍ନ ସଂସ୍ଥାର ସମୂହ ଯୋଗଦାନ ହେଉଛି ସବୁଠାରୁ ପ୍ରଭାବଶାଳୀ ମାର୍ଗ। ଏଗୁଡ଼ିକର ସମ୍ମିଶ୍ରଣରେ ଆମେ ଏକ ସୁସ୍ଥ ସମାଜର ପରିକଳ୍ପନା କରିପାରିବା। ଏଠାରେ ଜୋଏଲ୍ ଓଷ୍ଟିନଙ୍କ ମତକୁ ସ୍ମରଣ କରାଯାଇପାରେ 'ଆପଣଙ୍କୁ କେବେ ବି ହତାଶ, ନିଶାଗ୍ରସ୍ତ, ଲଜ୍ଜିତ କିମ୍ବା ଅଯୋଗ୍ୟ ଜୀବନଯାପନ ପାଇଁ ସୃଷ୍ଟି କରାଯାଇ ନଥିଲା। ଆପଣଙ୍କୁ ବିଜୟୀ ହେବା ପାଇଁ ସୃଷ୍ଟି କରାଯାଇଥିଲା।' ପ୍ରତ୍ୟେକ ଜୀବନ ମୂଲ୍ୟବାନ - ଏହି ମନ୍ତ୍ରଟିକୁ ଯୁବପ୍ରାଣରେ ଭରିଦେଲେ ଆମେ ସେମାନଙ୍କ ସୁରକ୍ଷା ସହିତ ଏକ ସୁନ୍ଦର ସକ୍ଷମ ରାଷ୍ଟ୍ରର ପରିକଳ୍ପନା କରିପାରିବା।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

# ଦ୍ୱନ୍ଦ୍ୱ ସଦା ପରିହରି

**ଗଣେଶ୍ୱର ନାୟକ**

ଦ୍ୱନ୍ଦ୍ୱ ପ୍ରଗତିର ବାଧକ। ଦ୍ୱନ୍ଦ୍ୱ ମଣିଷର ବ୍ୟକ୍ତିଗତ ଜୀବନକୁ ଦୁର୍ବିସହ କରିବା ସହିତ ସମାଜର ବି ଅନେକ କ୍ଷତିସାଧନ କରିଥାଏ। ବ୍ୟକ୍ତିଗତ ଜୀବନରେ ଦ୍ୱନ୍ଦ୍ୱ ପାରିବାରିକ ହିଂସା ସୃଷ୍ଟି କରେ, ବ୍ୟକ୍ତିକୁ ଆତ୍ମହତ୍ୟା ଭଳି ନିକୃଷ୍ଟ କାର୍ଯ୍ୟକୁ ପ୍ରବର୍ତ୍ତାଇଥାଏ। ଦ୍ୱନ୍ଦ୍ୱ ଯୋଗୁଁ ମାନସିକ ସନ୍ତୁଳନ ହରାଇ ମଣିଷ ହୁଏ ମାନସିକ ବିକୃତ ବା ଆମେ ଯାହାକୁ କହିଥାଉ ପାଗଳ। ଏହି ଦ୍ୱନ୍ଦ୍ୱ ସମାଜରେ ଭିଡ଼ ହିଂସା, ଦଙ୍ଗା ଆଦି ସୃଷ୍ଟି କରିଥାଏ। ଦ୍ୱନ୍ଦ୍ୱ ସମାଜର ପ୍ରଗତିର ବାର୍ତ୍ତାକୁ ମଣିଷ ଗ୍ରହଣ କରିବାକୁ ବାଧକ ଅଟେ।

ବୋଧହୁଏ ଆମ ସମାଜରେ ପ୍ରଚଳିତ ବସ୍ତ୍ର ଅଭାବେ ସୂତ୍ର ଦାନ ବାକ୍ୟ ଅନେକ ମନରେ ଦ୍ୱନ୍ଦ୍ୱର ମୂଳଦୁଆ ପକାଇଥାଇପାରେ। ଯେଉଁଠି ଲୁଗା ଦରକାର ସେଠି ସୂତାଟିଏରେ କିପରି କାର୍ଯ୍ୟ ସମାହିତ ହୋଇପାରିବ ସତେ। ହୁଏତ ଜ୍ଞାନୀଗୁଣୀ ସମାଜରେ ମାନସିକ ସନ୍ତୁଳନ ପାଇଁ ଏହି କଥା କହିଛନ୍ତି, କିନ୍ତୁ ପ୍ରକୃତ କାର୍ଯ୍ୟରେ ଏହାର କୌଣସି ଉପଯୋଗ ନାହିଁ। ସମାଜ ବାସ୍ତବତାକୁ ଆଧାର କରି କୌଣସି ସମସ୍ୟାର ସମାଧାନ କରିଥାଏ।

ଦ୍ୱନ୍ଦ୍ୱରେ ରହିଲେ ମଣିଷ ଅଜାଣତରେ ନିଜର ଅନେକ କ୍ଷତି ସାଧନ କରିଥାଏ। ମଣିଷ ମନର ପ୍ରକୃତି ସବୁବେଳେ ଦ୍ୱନ୍ଦ୍ୱ ସୃଷ୍ଟି କରିବା। ଆହା! ଏହି କାର୍ଯ୍ୟ କରିଥିଲେ ଭଲ ହୋଇଥା'ନ୍ତା, ଅମୁକ କାର୍ଯ୍ୟ କରି ନ ଥିଲେ ଭଲ ହୋଇଥା'ନ୍ତା। ଏମିତି ଆମେ ଅନେକ ଭାବୁ ଭାବୁ, ଅନେକ ସୁଯୋଗ ହାତଛଡ଼ା କରିଥାଉ। ଏମିତି ଭାବୁ ଭାବୁ ଆମେ ଅନେକ ସମୟ ଅପଚୟ କରିଥାଉ। ଅର୍ଥାତ୍ କେତେବେଳେ ଆମର ଆୟୁଷ ନିଅଣ୍ଟ ହୋଇଥାଏ, ତାହା ଆମେ ଜାଣି ପାରି ନ ଥାଉ। କୌଣସି କାର୍ଯ୍ୟରେ ନିଷ୍ପତ୍ତି ନେଇ ନପାରିଲେ, ଯାହାର



ସେହି କାର୍ଯ୍ୟରେ ଅଭିଜ୍ଞତା ଅଛି ବୋଲି ମନେ ହୁଏ, ସେହିଭଳି ଜଣେ ବ୍ୟକ୍ତିର ଉପଦେଶ ଗ୍ରହଣ କରିବା ଉଚିତ। ଅଧିକ ଭଲ ନହେଲେ ମଧ୍ୟ କାର୍ଯ୍ୟ ଭଲ ହେଉ କି ମନ୍ଦ ହେଉ ପୂର୍ଣ୍ଣାଙ୍ଗ ହେବା ସମ୍ଭାବନା ଅଧିକ। କୌଣସି କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେଲେ ଅନେକ ଅଭିଜ୍ଞତା ଆଣିଦେଇଥାଏ, ତାହା ଭଲରୁ ହେଉ ବା ମନ୍ଦ ହେଉ। ଅନେକ ବିଜ୍ଞ ହୋଇପାରନ୍ତି, କିନ୍ତୁ ଅନେକଙ୍କ ଉପଦେଶ ଗ୍ରହଣ କଲେ କାର୍ଯ୍ୟ ସିଦ୍ଧି ହେବା କଷ୍ଟକର ହୋଇଥାଏ, ଯାହା ଅନେକ ଦ୍ୱନ୍ଦ୍ୱ ମନରେ ଆଣିଥାଏ।

ମୋବାଇଲ ବ୍ୟବହାର ଯୋଗୁଁ ସାରାବିଶ୍ୱ ଆଜି ହାତମୁଠାରେ ପରି ପ୍ରତୀତ ହେଉଛି। ଆଜିର ଯୁଗ ସାମାଜିକ ଗଣମାଧ୍ୟମର ଯୁଗ। ଯାହା ସମାଜରେ ଭଲ ପ୍ରଭାବ ପକାଇ ପାରୁଛି। ଏହା ମଧ୍ୟ ଦେଖାଯାଉଛି, ସାମାଜିକ ଗଣମାଧ୍ୟମ ଯୋଗୁଁ ମଣିଷ ନିଜର ଦ୍ୱନ୍ଦ୍ୱ ଦୂର ହେବା ବଦଳରେ ଅଧିକ ଦ୍ୱନ୍ଦ୍ୱରେ ପଡୁଛି। କିଛି ଖଳ ପ୍ରକୃତିଙ୍କ ପାଇଁ ସମାଜରେ ଅନେକ ଅଘଟଣ ଘଟୁଛି। ପ୍ରତ୍ୟେକ କୌଣସି କଥା ଗ୍ରହଣ କରିବା ପୂର୍ବରୁ ନିଜର ବୁଦ୍ଧି ଖଟାଇ ତାହାକୁ ପରିକ୍ଷୀତ କରିବା ଉଚିତ୍।

ଗତବର୍ଷ ରଥଯାତ୍ରାରେ ବଡ଼ ଠାକୁରଙ୍କ ସେନାପଟା ଲାଗୁଥିବା ପାଟ ଡୋର ଖସି ଯିବାରୁ ଠାକୁର ରଥ ଉପରୁ ତଳେ ପଡ଼ିଗଲେ। କିନ୍ତୁ ନିଜର ଦୋଷ ଲୁଚାଇବାକୁ ଯାଇ ଅନେକ ଏହାକୁ ଠାକୁରଙ୍କ ଇଚ୍ଛା କହି ଟାଳିବାକୁ ଚେଷ୍ଟା କଲେ। କିନ୍ତୁ ଯେତେବେଳେ ଦକ୍ଷିଣ ଦ୍ୱାର ପାର୍ଶ୍ୱ ପେଜ ନଳା ଜାମ୍ ହେବାରୁ ଶ୍ରୀମନ୍ଦିର ସିଂହଦ୍ୱାରରେ ରୋଷଶାଳାର ପେଜ ଭାସିଲା, ସେତେବେଳେ କେହି ତା'କୁ ଠାକୁରଙ୍କ ଇଚ୍ଛା ବୋଲି କହିଲେ ନାହିଁ, ତାହାର କାରଣ ଖୋଜି ନିରାକରଣ କଲେ। ସତରେ କ'ଣ ଆମେ ସବୁ ଠାକୁରଙ୍କ ଇଚ୍ଛା କହି ଉତ୍ତରଦାୟିତ୍ୱ ଭୁଲିଯିବା?

ଦେଖାଯାଉଛି ଭୋଟ୍ ପାଇଁ କତିପୟ ସ୍ୱାର୍ଥାନ୍ୱେଷୀ ରାଜନୈତିକ ବ୍ୟକ୍ତିବିଶେଷ ସର୍ବଦା ସମାଜରେ ଦ୍ୱନ୍ଦ୍ୱ ଭରି ମଣିଷ-ମଣିଷ ମଧ୍ୟରେ ବିଭେଦ ସୃଷ୍ଟି କରୁଛନ୍ତି। ଏହାକୁ ବୁଝି ନ ପାରି ଅନେକ ଆମେ ଏଥିରେ ଲିପ୍ତ ହୋଇଯାଉଛେ। ଯାହାଦ୍ୱାରା ପ୍ରକୃତ ସମସ୍ୟା ପ୍ରତି ଆମର ନଜର ହଟିଯାଉଛି।

ବୌଦ୍ଧିକ ଦୃଷ୍ଟିକୋଣରୁ ଦେଖିଲେ ମନର ପ୍ରକୃତି ସବୁବେଳେ ଦ୍ୱନ୍ଦ୍ୱକୁ ଆପଣେଇବା। ମନ କୌଣସି କଥାରେ ସନ୍ତୁଷ୍ଟ ନୁହେଁ। ଅଳ୍ପରେ ସନ୍ତୁଷ୍ଟ ହେବା ଏକ ସାଧନା। ମନକୁ କେବଳ ବିବେକ ହିଁ ନିୟନ୍ତ୍ରଣ କରେ। ବିବେକର ଉନ୍ମେଷ ହୁଏ ସତ୍ ଚିନ୍ତନରେ। ଦ୍ୱନ୍ଦ୍ୱକୁ ଧ୍ୱଂସ କରେ ସତ୍‌ଚିନ୍ତନ।

ଦ୍ୱନ୍ଦ୍ୱରେ ପ୍ରଭାବିତ ମନ ଅନେକ ଯନ୍ତ୍ରଣା ଦେଇଥାଏ। ଅନେକ ସତ୍‌କାର୍ଯ୍ୟରୁ ନିବୃତ୍ତ କରିଥାଏ। ସମାଜର ଅନେକ କ୍ଷତି କରିଥାଏ। କୃତ୍ରିମ ବୁଦ୍ଧିମତ୍ତାର ଯୁଗରେ ଦ୍ୱନ୍ଦ୍ୱ ପ୍ରତି ସଜାଗ ରହିବା ଜରୁରୀ। କୌଣସି ଘଟଣା ବା କାର୍ଯ୍ୟକୁ ତତ୍‌କ୍ଷଣାତ୍ ନୁହେଁ, ଧୈର୍ଯ୍ୟର ସହ ଅନୁଶୀଳନ କରିବା ଉଚିତ୍। ଅର୍ଥାତ୍ ସର୍ବଦା ଦ୍ୱନ୍ଦ୍ୱକୁ ପରିହର କରିବା ଉଚିତ୍। ଦ୍ୱନ୍ଦ୍ୱବିହୀନ ନିଷ୍ପତ୍ତି ହିଁ ସବୁ କାର୍ଯ୍ୟର ସଫଳତାର ମୁଖ୍ୟ ଚାବିକାଠି।

ଗୋଗଲ(ଯାଜପୁର), ମୋ: ୯୭୭୭୭୪୯୭୨୭

# ସିଦ୍ଧବକୁଳ ଓ ସିଦ୍ଧବକୁଳ ମଠ

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ଚୈତନ୍ୟ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଆଗମନ ସମୟରେ ତାଙ୍କ ସହିତ ଯେଉଁ ଅନୁଗାମୀ ଶିଷ୍ୟମାନେ ଆସିଥିଲେ ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ନାମାଚାର୍ଯ୍ୟ ହରିଦାସ ଠାକୁର। ଏହି ପରମ ବୈଷ୍ଣବ ଓ ମହାପ୍ରଭୁଙ୍କର ଅନନ୍ୟ ଭକ୍ତ କିନ୍ତୁ ଜନ୍ମରୁ ଯବନ ଥିଲେ। ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ଦୀକ୍ଷିତ ହୋଇ ସନ୍ନ୍ୟାସ ଗ୍ରହଣ କରିଥିଲେ ଏବଂ ଦୈନିକ ତିନିଲକ୍ଷ ଜଗନ୍ନାଥ ନାମ କୀର୍ତ୍ତନ କରୁଥିଲେ। ଶ୍ରୀକ୍ଷେତ୍ରକୁ ଆସିବା ପରେ ଶ୍ରୀଚୈତନ୍ୟ ରାଜଗୁରୁ କାଶୀ ମିଶ୍ରଙ୍କ କୋଠିରେ (ପରବର୍ତ୍ତୀ ସମୟର ରାଧାକାନ୍ତ ମଠ) ଅବସ୍ଥାନ କରିବାକୁ ଲାଗିଲେ। କିନ୍ତୁ ଯବନ ଭାବେ ଜନ୍ମ ହୋଇଥିବା ଯୋଗୁଁ ହରିଦାସଙ୍କୁ ଶ୍ରୀକ୍ଷେତ୍ରରେ ବାସ ମିଳିଲା ନାହିଁ। ତେଣୁ ସେ କାଶୀ ମିଶ୍ରଙ୍କ ଘର ପଛପଟ ବଗିଚାରେ ଖୋଲା ଆକାଶ ତଳେ ରହିଲେ। ଦିନ, ରାତି, ଖରା, ବର୍ଷା ଓ ଶୀତକୁ ଭ୍ରୂକ୍ଷେପ ନ କରି ନୀଳଚକ୍ରକୁ ଚାହିଁ ଶ୍ରୀଜଗନ୍ନାଥ ନାମ କୀର୍ତ୍ତନ କରୁଥିଲେ। ପ୍ରତିଦିନ ସକାଳେ ଚୈତନ୍ୟ ମହାପ୍ରଭୁ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ମହାପ୍ରଭୁଙ୍କ ପ୍ରସାଦି ମାଳତୁଳସୀ ନେଇ ହରିଦାସଙ୍କୁ ଦେଉଥିଲେ।

ସାଧାରଣତଃ ପ୍ରତିଦିନ ମହାପ୍ରଭୁ ମୁତୁରୀ(କୁମ୍ଭାଟୁଆ) ଦାନ୍ତକାଠିରେ ଦନ୍ତମଞ୍ଜନ କରନ୍ତି। ମୁତୁରୀ ଦାନ୍ତକାଠି ନ ମିଳିଲେ ବଉଳ ଦାନ୍ତକାଠିରେ ନୀତି ସମ୍ପନ୍ନ ହୁଏ। ଦିନେ ସେବକମାନେ ଶ୍ରୀଚୈତନ୍ୟଙ୍କୁ ମହାପ୍ରଭୁଙ୍କ ପ୍ରସାଦି ମାଳତୁଳସୀ ସହ ସେ ଦିନ ଅବକାଶ ନୀତିରେ ବ୍ୟବହାର ହୋଇଥିବା ପ୍ରସାଦି ବଉଳ ଦାନ୍ତକାଠି ଦେଲେ। ତାହାକୁ ନେଇ ସେ ହରିଦାସଙ୍କ ପାଖକୁ ଗଲେ। ସେତେବେଳେ ପ୍ରଚଣ୍ଡ ଖରାରେ ବାହାରେ ଘଡ଼ିଏ ରହିବା ସମ୍ଭବ ନ ଥିଲା। ସେପରି ଟାଣ ଖରାରେ ମଧ୍ୟ ହରିଦାସ ଖୋଲା ଆକାଶତଳେ ବସି ନାମ କୀର୍ତ୍ତନ କରୁଥିଲେ। ଶିଷ୍ୟକୁ ସେ କଷ୍ଟରୁ ଉଦ୍ଧାର କରିବା ପାଇଁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ଗୁହାରି କଲେ, 'ମହାବାହୁ, ଯବନ ହରିଦାସର ଆପଣଙ୍କ ପ୍ରତି ଥିବା ଭକ୍ତିର ପରାକାଷ୍ଠା ଆପଣଙ୍କୁ ତ ଅଜଣା ନାହିଁ। ଖରା, ବର୍ଷା ଓ ଶୀତରେ ଖୋଲା ଆକାଶ ତଳେ ବସି ସେ ଆପଣଙ୍କ ନାମ କୀର୍ତ୍ତନ କରୁଛି। ଆପଣଙ୍କ ନାମ ସ୍ମରଣ କରି ମୁଁ ଆପଣଙ୍କ ପ୍ରସାଦି ଦାନ୍ତକାଠିକୁ ଏକ ଛାୟାପ୍ରଦ ଦ୍ରୁମରେ ପରିଣତ ହେବାକୁ ଆଦେଶ ଦେଉଛି। ମୋର ମାନ ରକ୍ଷା କରିବା ପାଇଁ ପ୍ରାର୍ଥନା କରୁଛି।' ତା' ପରେ ସେ ଦାନ୍ତକାଠିଟିକୁ ହରିଦାସଙ୍କ ପାଖରେ ପୋତିଦେଲେ। ଦେଖୁ ଦେଖୁ ଶୁଖିଲା କାଠିଟି ବକୁଳ ବୃକ୍ଷର ଏକ ମହାଦ୍ରୁମ ଠିଆ ହୋଇଗଲା ଏବଂ ଗୁରୁଶିଷ୍ୟଙ୍କୁ ଛାୟା ପ୍ରଦାନ କଲା। ତା' ପର ଦିନଠାରୁ ହରିଦାସ ସେହି ବଉଳ ଗଛର ଛାଇରେ ବସି ଦୈନିକ ତିନିଲକ୍ଷ ନାମ କୀର୍ତ୍ତନ କଲେ। ପରବର୍ତ୍ତୀ ସମୟରେ ତାଙ୍କ ଶିଷ୍ୟମାନେ ସେଠାରେ ଏକ କୁଟୀର ନିର୍ମାଣ କଲେ ଏବଂ ହରିଦାସ ସେ କୁଟୀରରେ ବାସ କରିବାକୁ ଲାଗିଲେ।

ଥରେ ରଥ ନିର୍ମାଣ ବେଳେ ଏକ କାଠ ନଷ୍ଟ ହୋଇଗଲା। ଯାତ୍ରା ପାଖେଇ ଆସୁଥିବାରୁ ଦଶପଲ୍ଲା ଜଙ୍ଗଲରୁ କାଠ ଭେଳା କରି ଆଣିବା ସମ୍ଭବ ନ ଥିଲା। ରାଜା ପୁରୀ ଆଖପାଖ ଅଞ୍ଚଳରେ ଟାଣ କାଠ ଗଛର ସନ୍ଧାନ ପାଇଁ ଆଦେଶ ଦେଲେ। ପାଇକମାନେ ଅନୁସନ୍ଧାନ କରି ହରିଦାସଙ୍କ କୁଟୀର ପାଖର ବଉଳଗଛକୁ ରଥ କାଠ ପାଇଁ ଉପଯୁକ୍ତ ବୋଲି ରାଜାଙ୍କୁ ଜଣେଇଲେ। ସେ ଗଛକୁ କାଟି ଆଣିବା ପାଇଁ ରାଜାଜ୍ଞା ବିଷୟରେ ଗଜପତିଙ୍କ ପିଆଦା ହରିଦାସଙ୍କୁ ଜଣେଇ ଦେଲେ। ହରିଦାସ ଦୁଃଖରେ ଭାଙ୍ଗି ପଡ଼ିଲେ। ସେ ଗଛ ମହାପ୍ରଭୁଙ୍କ ପ୍ରସାଦି ଦାନ୍ତକାଠିରୁ ସୃଷ୍ଟି ହୋଇଥିଲା ଏବଂ ଚୈତନ୍ୟ ମହାପ୍ରଭୁ ତାକୁ ରୋପଣ କରିଥିଲେ। ଅନେକ ବର୍ଷ ପର୍ଯ୍ୟନ୍ତ ସେ ଗଛ ତାଙ୍କ ସାଧନାର ସାଥୀ ଥିଲା। ଦୈନିକ ତିନି ଲକ୍ଷ ଜଗନ୍ନାଥ ନାମ ଶ୍ରବଣ କରି ସେ ଗଛ ମଧ୍ୟ ସିଦ୍ଧି ଲାଭ କରି ସାରିଥିଲା ବୋଲି ହରିଦାସଙ୍କ ଶିଷ୍ୟ ଏବଂ ଶ୍ରୀକ୍ଷେତ୍ରବାସୀ ବିଶ୍ୱାସ କରୁଥିଲେ। ତେଣୁ ସେମାନେ ସେ ଗଛର ନାମ କରଣ କରିଥିଲେ 'ସିଦ୍ଧ ବକୁଳ'। କିନ୍ତୁ ରାଜାଜ୍ଞାକୁ ଅବଜ୍ଞା କରିବାର କ୍ଷମତା ତାଙ୍କର ନ ଥିଲା। ରାତି ପାହିଲେ ଗଛ କାଟିବାକୁ ଲୋକ ପହଞ୍ଚିଯିବେ। ଶେଷରେ ସେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ, 'ମହାପ୍ରଭୁ, ଆପଣଙ୍କ ପ୍ରସାଦରୁ ଏ ଗଛର ଜନ୍ମ। ଆପଣଙ୍କ ଭକ୍ତମାନେ ସେ ଗଛକୁ କଳ୍ପବଟ ପରି ଆରାଧନା କରୁଛନ୍ତି। ଆପଣଙ୍କ ପ୍ରସାଦର ମାନ ଆପଣ ରକ୍ଷା କରନ୍ତୁ।' ତା' ପରଦିନ ମହାରଣାମାନେ ଗଛ କାଟିବାକୁ ଆସି ଦେଖିଲେ, ପୂର୍ବ ଦିନ ସନ୍ଧ୍ୟାରେ ସଳଖ ସୁନ୍ଦର ନିଦା ଗଛଟି ରାତିକ ଭିତରେ ମଞ୍ଜି କାଠଶୂନ୍ୟ ହୋଇଯାଇଛି। ପୋଲା କାଠ ରଥପାଇଁ ଅନୁପଯୁକ୍ତ। ମହାରଣାମାନେ ନିରାଶ ହୋଇ ଫେରିଗଲେ। କଥାଟା ସାରା କ୍ଷେତ୍ରରେ ଚର୍ଚ୍ଚାର ବିଷୟ ହେଲା। ତା' ପରଠାରୁ 'ସିଦ୍ଧ ବକୁଳ' ଗଛର ମାହାତ୍ମ୍ୟ ଓ ଜଗନ୍ନାଥ ଭକ୍ତ ରୂପେ ହରିଦାସଙ୍କ ଖ୍ୟାତି ବହୁ ଗୁଣରେ ବଢ଼ିଗଲା। ସମୟକ୍ରମେ ହରିଦାସଙ୍କ କୁଟୀର 'ସିଦ୍ଧ ବକୁଳ ମଠ' ନାମରେ ବିଦିତ ହେଲା।

ମୋ: ୯୯୦୦୦୮୩୪୩୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଅନ୍‌ଲାଇନ୍ ଗେମ୍ ମାୟା କଲା ବାୟା

# ୯୧ ଲକ୍ଷ ହରାଇଲେ ଯୁବକ

**ଯାଜପୁର,୧୩।୫(ସମିସ):** ରାତାରାତି କୋଟିପତି ହେବାର ସ୍ୱପ୍ନ ଘାରିଛି ଯୁବପିଢ଼ିଙ୍କୁ। ଅନ୍‌ଲାଇନ ଗେମ୍ ଖେଳି କୋଟିପତି ହେବାର ସ୍ୱପ୍ନରେ ମସଗୁଲ ହୋଇ ନିଜର ସର୍ବସ୍ୱାନ୍ତ ହରାଇବା ଭଳି ଘଟଣା ପ୍ରତିଦିନ ଘଟିବାରେ ଲାଗିଛି। ସହରଠାରୁ ଆରମ୍ଭ ହୋଇଥିବା ଏଭଳି ଯୁବପିଢ଼ିଙ୍କ ନିଶା ଏବେ ଗ୍ରାମାଞ୍ଚଳକୁ ମଧ୍ୟ ଗ୍ରାସ କଲାଣି। ଯାହାର ଉଦାହରଣ ଯାଜପୁରରେ ଦେଖିବାକୁ ମିଳିଛି। ଯାଜପୁର ଥାନା ଅନ୍ତର୍ଗତ ଚଇନପୁର ପଞ୍ଚାୟତ ବିଦ୍ୟାଧରପୁର ଗାଁର ଜଣେ ଯୁବକ ଏହି ଗେମ୍‌ରେ ୯୧ ଲକ୍ଷ ସହ ନିଜର ଚାକିରି ଓ ସୁନାଗହଣା ସବୁ କିଛି ହରାଇ ଦେଇଥିବା ଘଟଣା ସାମ୍ନାକୁ ଆସିଛି।




ସୂଚନା ମୁତାବକ, ଯାଜପୁର ଥାନା ଚଇନପୁର ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ଧୀରେନ୍ଦ୍ର କୁମାର ନାୟକ ଏଭଳି ଠକାମିର ଶିକାର ହୋଇ ଏବେ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଧୀରେନ୍ଦ୍ରଙ୍କ ଟେଲିଗ୍ରାମ୍ ଆକାଉଣ୍ଟକୁ ୨୦୨୩ ମେ' ୩୧ ତାରିଖରେ ଏକ ଲିଙ୍କ୍ ଆସିଥିଲା। ଏହି ଖେଳରେ ଅନେକ ଲାଭ ରହିଛି ଏବଂ ଏପରି କିଛି ଲୋଭନୀୟ ମେସେଜ୍ ଦେଖି ସେ ଲିଙ୍କ୍ ଖୋଲି ଖେଳିବା ଆରମ୍ଭ କରିଥିଲେ। ଖେଳ ନିଶାରେ ସେ ଏମିତି ଆସକ୍ତ ହୋଇଥିଲେ ଯେ ନିଜର ଚାକିରି ଛାଡ଼ି ପୂରା ଦିନ ଖେଳରେ ବୁଡ଼ି ସୁନାଗହଣା ବିକି ସର୍ବସ୍ୱାନ୍ତ ହୋଇଛନ୍ତି। ଏ ସଂପର୍କରେ ସେ ଜାଣିବା ପରେ ସେ ପୁଲିସ ଡିଜିଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଉକ୍ତ ଆପ ଓ ଆକାଉଣ୍ଟକୁ ବନ୍ଦ କରିଦେଇଥିଲେ। ପରେ ଡିଜିଙ୍କ କାର୍ଯ୍ୟାଳୟରୁ ଯାଜପୁର ଏସ୍‌ପିଙ୍କୁ ଏହାର ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଯାଜପୁର ପୁଲିସ ଘଟଣାକୁ ଗୁରୁତ୍ୱ ଦେଇନଥିବା ଓ ତାଙ୍କ ଅଭିଯୋଗ ଗ୍ରହଣ କରୁନଥିବା ଧୀରେନ୍ଦ୍ର ଅଭିଯୋଗ କରିଛନ୍ତି।

ଦୁଇବର୍ଷର ପୃଷ୍ଠାପୃଷ୍ଠା ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ କାଗଜପତ୍ର ଧରି ସେ ନ୍ୟାୟ ପାଇଁ ଘୂରି ବୁଲୁଛନ୍ତି। ବିପୁଳ ଟଙ୍କା ହରାଇବା ପରେ ପରିବାରରେ ଭୀଷଣ ଅଶାନ୍ତି ଲାଗି ରହିଥିବା ବେଳେ ଧୀରେନ୍ଦ୍ର ମାନସିକସ୍ତରରେ ପୂରା ଭାଙ୍ଗି ପଡ଼ିଛନ୍ତି। ଏତେ ଅର୍ଥ କେଉଁଠୁ ଆଣି ସେ ଭରଣା କରିବେ, ତାକୁ ନେଇ ଅକଳରେ ପଡ଼ିଛନ୍ତି। ୨୦୨୩ରୁ ୨୦୨୫ ଏପ୍ରିଲ ୭ ପର୍ଯ୍ୟନ୍ତ ସେ ଖେଳି ଚାଲିଥିଲେ। ପ୍ରଥମେ ୫ଶହରୁ ୨ ହଜାର ଟଙ୍କାର ଲାଭ, ୨ ହଜାରରୁ ୧୦ ହଜାର, ୧୦ ହଜାରରୁ ୫୦ ହଜାରର ଲାଭ ତାଙ୍କୁ କୋଟିପତି ବନିଯିବାର ସ୍ୱପ୍ନ ଦେଖାଇଥିଲା। ଏଥିରେ ଉତ୍ସାହିତ ହୋଇ ଦୈନିକ ହଜାର ହଜାର ଟଙ୍କା ବାଜି ଲଗାଇ ଗେମ୍ ଖେଳିଥିଲେ। ଶେଷରେ ନିଜର ଜମି ଓ ଘର ସୁନାଗହଣା ବିକିବାକୁ ପଛାଇ ନଥିଲେ। ସୁନାଗହଣା ବିକ୍ରି କରି ପାଖାପାଖି ୧୫ ଲକ୍ଷ ଓ ଜମି ବିକି ୪୫ ଲକ୍ଷ ଟଙ୍କା ସେ ଖେଳରେ ଲଗାଇଥିଲେ। ସବୁ ମିଶାଇ ପ୍ରାୟ ୯୧ ଲକ୍ଷ ଟଙ୍କା ଖେଳରେ ହରାଇଥିବା ଧୀରେନ୍ଦ୍ର କହିଛନ୍ତି।

ମୟୂରଭଞ୍ଜରେ ୪୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର

# ଲୋକଙ୍କ ଆଶା ପୂରଣ କରିବାରେ ସମର୍ଥ ହୋଇଛୁ: ମୁଖ୍ୟମନ୍ତ୍ରୀ

**ବାରିପଦା/ବିଶୋଇ,୧୩।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ବିଶୋଇଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଭିନ୍ନ ବ୍ଲକ ପାଇଁ ୪୨୦.୧୩ କୋଟିର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ବିଶୋଇ ବ୍ଲକରେ ଏକ +୨ ମହାବିଦ୍ୟାଳୟ ସ୍ଥାପନ, ବିଶୋଇ ମିନି ଷ୍ଟାଡିୟମକୁ ମହାପୁରୁଷ ଧରଣୀଧର ନାଏକଙ୍କ ନାମରେ ନାମିତ କରିବା ଏବଂ ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ମଧ୍ୟରେ ୩୨୮ କୋଟିରୁ ଊର୍ଦ୍ଧ୍ୱ ୧୩୩ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୯୧ କୋଟିରୁ ଊର୍ଦ୍ଧ୍ୱ ୫୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।




ବିଶୋଇ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୟୂରଭଞ୍ଜ ଜିଲ୍ଲାର ବିକାଶ ଯାତ୍ରାରେ ଏସବୁ ପ୍ରକଳ୍ପ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଆଜି ଦିନଟି ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବ। ଏହି ସମସ୍ତ ପ୍ରକଳ୍ପ ରାଇରଙ୍ଗପୁର, କୁସୁମୀ, ବିଜାତଳା, ବହଳଦା, ଜାମ୍‌ଦା, ତିରିଂ ଅଞ୍ଚଳରେ ବିକାଶର ଏକ ନୂଆ ଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ ବୋଲି କହିଥିଲେ। ଏସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ, ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି କରଣ, ବ୍ୟାଙ୍କ ସୁବିଧା, ସ୍ୱାସ୍ଥ୍ୟକେନ୍ଦ୍ର, ସଡକ ନିର୍ମାଣ ପ୍ରକଳ୍ପ, ଆଦିବାସୀ ସଂସ୍କୃତି ଭବନ ଏବଂ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମି ରହିଛି। ସେ ଆହୁରି କହିଥିଲେ ଯେ ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ସୃଷ୍ଟି ହୋଇଛି। ଜିଲ୍ଲାରେ ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବ। ଏହି ଶିଳ୍ପାୟନ ଜିଲ୍ଲାର ବିକାଶକୁ ଦ୍ୱିଗୁଣିତ କରିବା ସହିତ ଜିଲ୍ଲାବାସୀଙ୍କ ରୋଜଗାର ଓ ନିଯୁକ୍ତି ପାଇଁ ବ୍ୟାପକ ସୁଯୋଗ ଆଣିବ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ହେମକାନ୍ତ ସଏ ଧନ୍ୟବାଦ ଅର୍ପଣ କରିଥିଲେ।

ଅର୍ଚ୍ଚନା ନାଗଙ୍କୁ ବାର କାଉନସିଲର କାରଣ ଦର୍ଶାଅ ନୋଟିସ

## ଫୌଜଦାରୀ ମାମଲା ସମ୍ପର୍କିତ ତଥ୍ୟ ଲୁଚାଇଥିବା ଅଭିଯୋଗ

**କଟକ,୧୩।୫(ସମିସ):** ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗଙ୍କୁ ରାଜ୍ୟ ବାର୍ କାଉନସିଲ ନୋଟିସ ଜାରି କରିଛି। ଗତ ମେ' ୧୦ ତାରିଖରେ ବାର୍ କାଉନସିଲ ତରଫରୁ ଅର୍ଚ୍ଚନାଙ୍କୁ ଓକିଲାତି ଲାଇସେନ୍ସ ମିଳିଥିଲା। ଅର୍ଚ୍ଚନା ଓକିଲାତି ଲାଇସେନ୍ସ ପାଇଁ ଦେଇଥିବା ଫର୍ମରେ ତାଙ୍କ ନାମରେ ଥିବା ଫୌଜଦାରୀ ମାମଲା ସମ୍ପର୍କିତ ତଥ୍ୟ ଲୁଚାଇଥିବାରୁ ଏହି ନୋଟିସ ଜାରି କରାଯାଇଛି। ରାଜ୍ୟ ବାର୍ କାଉନସିଲର ଆବେଦନ ଫର୍ମରେ ଶ୍ରୀମତୀ ନାଗ ତାଙ୍କ ନାମରେ କୌଣସି ଫୌଜଦାରୀ ମାମଲା ବିଚାରାଧୀନ ନାହିଁ ବୋଲି ଜଣାଇଥିଲେ। କିନ୍ତୁ ତାଙ୍କ ନାମରେ ବହୁ ମାମଲା ବିଚାରାଧୀନ ରହିଛି ଓ ତାହାର ଏ ପର୍ଯ୍ୟନ୍ତ ବିଚାର ଶେଷ ହୋଇନାହିଁ ବୋଲି ଜଣାପଡ଼ିଥିଲା। ଏଭଳି ସ୍ଥିତିରେ ମିଥ୍ୟା ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କ ବିରୁଦ୍ଧରେ ବିଧିବଦ୍ଧ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ସେଥିପାଇଁ ରାଜ୍ୟ ବାର କାଉନସିଲର ସଚିବ ଯଯାତି କେଶରୀ ସାମନ୍ତସିଂହାର କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ସାତ ଦିନ ମଧ୍ୟରେ ଜବାବ ଦାଖଲ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏହି ନୋଟିସରେ ଦର୍ଶାଯାଇଛି। ସୂଚନାଯୋଗ୍ୟ ଯେ ବହୁଚର୍ଚ୍ଚିତ ହନିଟ୍ରାପ୍ ତଥା ବ୍ଲାକମେଲ୍ କରିବା ମାମଲାରେ ଅର୍ଚ୍ଚନା ଗିରଫ ହୋଇଥିଲେ। ପରେ ସେ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ।

## ହତ୍ୟାକାରୀକୁ ଆଜୀବନ

**କେନ୍ଦୁଝର, ୧୩।୫(ସମିସ):** ମଙ୍ଗଳବାର କେନ୍ଦୁଝରେ ଏଡିଜେ ମମିତା ଦାସ ଏକ ହତ୍ୟା ମାମଲାର ଶୁଣାଣି କରି ତେଲକୋଇ ଥାନା ଅନ୍ତର୍ଗତ ସିରିଗଡ଼ା ଗ୍ରାମର ନରୋତ୍ତମ ପେଣ୍ଟେଇକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ରାୟ ଶୁଣାଇଛନ୍ତି। ସୂଚନା ମୁତାବକ, ୨୦୨୨ ମେ' ୧୦ ତାରିଖ ରାତି ୧୦ଟାରେ ନରୋତ୍ତମ ନିଜ ସ୍ତ୍ରୀ ବବିତା ପେଣ୍ଟେଇକୁ କୁରାଢ଼ୀରେ ହାଣି ହତ୍ୟା କରିଥିଲା। ବାପା ବିଶ୍ୱନାଥ ପେଣ୍ଟେଇ ଓ ମା' ଗୋମତୀ ପେଣ୍ଟେଇଙ୍କ ସହ ବବିତା ଶୋଇଥିବା ବେଳେ ନରୋତ୍ତମ ଶ୍ୱଶୁର ଘରେ ପଶି ତାଙ୍କ ବେକକୁ କୁରାଢ଼ୀରେ ଚୋଟ ପକାଇଥିଲା। ଏନେଇ ବିଶ୍ୱନାଥ ତେଲକୋଇ ଥାନାରେ ଅଭିଯୋଗ କରିବା ପରେ ତେଲକୋଇ ପୁଲିସ୍ ନମ୍ବର ୭୫/୨୨ରେ ଏକ ମାମଲା ରୁଜୁ କରି ନରୋତ୍ତମକୁ ଗିରଫ କରିଥିଲା। ଆଜି ୧୮ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି କେନ୍ଦୁଝର ଏଡିଜେ ମମିତା ଦାସ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଫୁଲ୍ଲ କୁମାର ପାତ୍ର ମାମଲା ପରିଚାଳନା କରୁଥିଲେ।

## ସନ୍ତୋଷ ଷଡ଼ଙ୍ଗୀ ସୌର ଊର୍ଜା ନିଗମ ଅଧ୍ୟକ୍ଷ ନିଯୁକ୍ତ

**ଭୁବନେଶ୍ୱର,୧୩।୫(ସମିସ):** ୧୯୯୪ ବ୍ୟାଚର ବରିଷ୍ଠ ଆଇଏଏସ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କୁ ନୂଆ ଦାୟିତ୍ୱ ମିଳିଛି। ଶ୍ରୀ ଷଡ଼ଙ୍ଗୀଙ୍କୁ ଭାରତୀୟ ସୌର ଊର୍ଜା ନିଗମ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦବୀରେ ସ୍ଥାୟୀ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଶ୍ରୀ ଷଡ଼ଙ୍ଗୀ ଅତିରିକ୍ତ ଦାୟିତ୍ୱରେ ରହିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପଞ୍ଜାବରେ ବିଷାକ୍ତ ମଦ...

ମଙ୍ଗଳବାର ସକାଳେ ଏହି ବିଷାକ୍ତ ମଦ ପିଇଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ସମ୍ପର୍କୀୟ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶାସନକୁ ଦୋଷ ଦେଇଛନ୍ତି। ଦୀର୍ଘ ଦିନ ହେଲା ନକଲି ମଦ ବେପାର ଚାଲିଥିଲେ ବି ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା। ସେଥିପାଇଁ ଆଜି ଅକାଳରେ ଅନେକ ଲୋକଙ୍କ ଜୀବନ ଗଲା।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେ ଏହାକୁ ହତ୍ୟା ବୋଲି କହିଛନ୍ତି। ମାମଲାର ତଦନ୍ତ ଜାରି ରହିଛି। ଏହାର ଚେର ଦିଲ୍ଲୀକୁ ବ୍ୟାପିଛି। ଏହି ମାମଲାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ସେ କହିଛନ୍ତି। ତେବେ ବିରୋଧୀ ଏହି ମୃତ୍ୟୁକୁ ନେଇ ଆପ୍ ସରକାରକୁ ଘେରିଛନ୍ତି। ବିରୋଧୀ ଦଳଗୁଡିକ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ଇସ୍ତଫା ଦାବି କରିଛନ୍ତି।

### ଏଥର ପିଓକେ...

କାର୍ଯ୍ୟାନୁଷ୍ଠାନ ସଂପୂର୍ଣ୍ଣ ରୂପେ ପାରମ୍ପରିକ ଅସ୍ତ୍ରରେ ସୀମିତ ଥିଲା। ଅପରପକ୍ଷରେ ପରମାଣୁ ଆକ୍ରମଣ ସଂକ୍ରାନ୍ତରେ ପାକିସ୍ତାନ ବିଚାର କରୁଛି ଓ ଏ ସଂକ୍ରାନ୍ତରେ ସେ ଦେଶର ପରମାଣୁ କମାଣ୍ଡ ବୈଠକ ହୋଇଥିବା କିଛି ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାକୁ ପାକିସ୍ତାନ ସରକାର ଏହାକୁ ଅସ୍ୱୀକାର କରିଛନ୍ତି। ତେଣୁ ପରମାଣୁ ଯୁଦ୍ଧ ଭଳି ସ୍ଥିତି ନ ଥିଲା। ସେହିପରି ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ବେଳେ ପାକିସ୍ତାନର ପରମାଣୁ ଭଣ୍ଡାର କ୍ଷତିଗ୍ରସ୍ତ ହୋଇଛି କି ନାହିଁ, ତାହା ସ୍ପଷ୍ଟ ନୁହେଁ। ପାକିସ୍ତାନର ପରମାଣୁ ଭଣ୍ଡାର ଉପରେ ଭାରତ ଆକ୍ରମଣ କରିନାହିଁ। ପାକିସ୍ତାନରେ ପରମାଣୁ ବିକରଣ ହୋଇଛି ଓ ଏହାକୁ ସଜାଡିବା ଲାଗି ଇଜିପ୍ଟରୁ ବିମାନ ଆସିଥିଲା ବୋଲି ଯାହା ଶୁଣାଯାଉଛି, ସେ ସମ୍ପର୍କରେ କେବଳ ପାକିସ୍ତାନ ସରକାର ହିଁ ସ୍ପଷ୍ଟ କରିପାରିବେ। ଅନ୍ୟପକ୍ଷରେ ଭାରତର ପ୍ରତିରକ୍ଷା ଅଧିକାରୀ ଆଜି ୭୦ଟି ଦେଶର ପ୍ରତିନିଧିଙ୍କୁ 'ଅପରେସନ ସିନ୍ଦୂର' ସଂପର୍କରେ ଅବଗତ କରାଇଛନ୍ତି। ନୂଆଦିଲ୍ଲୀରେ ଏହି ଦେଶର ଦୂତାବାସରେ ଥିବା ସାମରିକ ଅଧିକାରୀମାନଙ୍କୁ ଭେଟିଛନ୍ତି ଭାରତୀୟ ଡିଫେନ୍ସ ଇଣ୍ଟେଲିଜେନ୍ସ ଏକାଡେମୀର ମହାନିର୍ଦ୍ଦେଶକ ଜେନେରାଲ ଡିଏସ୍ ରାଣା। ସେ କହିଥିଲେ ଯେ ପାକିସ୍ତାନରେ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିବା ଲାଗି ଉଦ୍ଦିଷ୍ଟ ଏହି ମିସନ ଫଳପ୍ରଦ ହୋଇଛି। ଏହାକୁ ନେଇ ଭାରତ ବିରୋଧରେ ଚାଲିଥିବା ମିଛ ପ୍ରଚାରରେ ବିଶ୍ୱାସ ନକରିବା ଲାଗି ସେ ପରାମର୍ଶ ଦେଇଛନ୍ତି।

### ଅବସର ନେଲେ...

ଅଧିକ ସମର୍ଥନ ଦିଅନ୍ତି ବୋଲି କହିଛନ୍ତି। ଜଷ୍ଟିସ ଗଭାଇଙ୍କ ଭିତରେ ଜଣେ ଭଲ ସିଜେଆଇ ପାଇବେ। ସେ ମୌଳିକ ଅଧିକାର ଏବଂ ସ୍ୱାଧୀନତାର ରକ୍ଷା କରିବେ ବୋଲି ସିଜେଆଇ ଖାନ୍ନା କହିଛନ୍ତି। ସୂଚନାଯୋଗ୍ୟ ଯେ ଜଷ୍ଟିସ ଗଭାଇ ବୁଧବାର ସିଜେଆଇ ଭାବେ ଶପଥ ଗ୍ରହଣ କରିବେ।

### ଆଣ୍ଡାମାନ ଛୁଇଁଲା...

ତାପମାତ୍ରା ୪୨ ଡିଗ୍ରୀ ଓ ବରଗଡ଼ରେ ତାପମାତ୍ରା ୪୧.୭ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଆଜି ଆର୍ଦ୍ରତା ପରିମାଣ ପ୍ରାୟ ୬୦-୭୦ ପ୍ରତିଶତ ରହିଛି। ଯାହାକି ଗୁଳୁଗୁଳି କରାଇବା ପାଇଁ ପରିବେଶକୁ ସୁହାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ପ୍ରବଳ ଗୁଳୁଗୁଳି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଆର୍ଦ୍ର ସ୍ଥିତି ଜନିତ ୟେଲୋ ଆଲର୍ଟ ଜାରି ହୋଇଛି। ତେବେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଆଦି ଜିଲ୍ଲାରେ ବ୍ୟାପକ କାଳବୈଶାଖୀ ଆଶଙ୍କା ରହିଛି। ଅପରାହ୍ଣ କିମ୍ବା ସନ୍ଧ୍ୟାରେ ଏହି ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନର ବେଗ ୪୦-୫୦ କିମି ରହିବାର ଆଶଙ୍କା ରହିଛି। ଏହା ବ୍ୟତୀତ ପୁରୀ, ଖୋର୍ଦ୍ଧା, ନୟାଗଡ଼, ନବରଙ୍ଗପୁର, କନ୍ଧମାଳ, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗିର, କଳାହାଣ୍ଡି ଓ କଟକ ଜିଲ୍ଲାରେ କାଳବୈଶାଖୀ ବର୍ଷା ସହ ପବନର ବେଗ ୩୦-୪୦ କିମି ରହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ପରବର୍ତ୍ତୀ ୨ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଅର୍ଥାତ ଦିନରେ ଗୁଳୁଗୁଳି ଓ ଅପରାହ୍ଣରେ କାଳବୈଶାଖୀ ଜନିତ ସ୍ଥିତି ସୃଷ୍ଟି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଦେଶରେ ବଢ଼ିଲା...

୯୯.୪୯% ଓ ୯୯.୨୯% ରହିଛି। ଅପରପକ୍ଷରେ ଜାତୀୟ ପାସ୍‌ହାର ତୁଳନାରେ ଓଡ଼ିଶାର ପାସ୍‌ହାର କମିଛି। ଦେଶରେ ସମୁଦାୟ ୨୩,୮୫,୦୭୯ଜଣ ପରୀକ୍ଷାର୍ଥୀ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୨୩,୭୧,୯୩୯ ଜଣ ପରୀକ୍ଷା ଦେଇଥିବା ବେଳେ ୨୨,୨୧,୬୩୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଦ୍ୱାଦଶରେ ୧୭,୦୪,୩୬୭ଜଣ ପରୀକ୍ଷାର୍ଥୀ ପଞ୍ଜୀକରଣ କରିଥିବା ବେଳେ ୧୬,୯୨,୭୯୪ ଜଣ ପରୀକ୍ଷା ଦେଇଛନ୍ତି। ତନ୍ମଧ୍ୟରୁ ୧୪,୯୬,୩୦୭ ଜଣ ପାସ୍ କରିଛନ୍ତି।

ସେହିପରି ଓଡ଼ିଶାରୁ ସମୁଦାୟ ୬୦,୫୬୮ଜଣ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୬୦,୩୧୫ଜଣ ପରୀକ୍ଷା ଦେଇଥିବା ବେଳେ ୫୫,୭୩୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ସମୁଦାୟ ୯୨.୪୦% କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଛାତ୍ରୀମାନେ ଆଗରେ ରହିଛନ୍ତି। ଛାତ୍ରୀଙ୍କ ପାସ୍‌ହାର ୯୩.୩୪% ଥିବା ବେଳେ ଛାତ୍ରଙ୍କ ୯୧.୫୭% ରହିଛି। ଅନୁରୂପ ଭାବେ ଦ୍ୱାଦଶ ଶ୍ରେଣୀରେ ୪୧,୦୫୧ଜଣ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୪୦,୭୨୮ ଜଣ ପରୀକ୍ଷା ଦେଇଥିବା ବେଳେ ୩୨,୦୭୦ଜଣ ପାସ୍ କରିଛନ୍ତି। ମୋଟ୍ ପାସ୍ ହାର ୭୮.୭୪ପ୍ରତିଶତ ଥିବା ବେଳେ ଛାତ୍ରଙ୍କ ପାସ୍ ହାର ୭୭.୦୫ ପ୍ରତିଶତ ଓ ଛାତ୍ରୀଙ୍କ ପାସ୍ ହାର ୮୦.୭୭ ପ୍ରତିଶତ ରହିଛି। ଜାତୀୟସ୍ତରର ପାସ୍‌ହାର ତୁଳନାରେ ଓଡ଼ିଶାର ପାସ୍ ହାର ହ୍ରାସ ପାଇଛି।

ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ଛତିଶଗଡ଼କୁ ନେଇ ଗଠିତ ଭୁବନେଶ୍ୱର ଜୋନ୍‌ରେ ଦଶମ ଶ୍ରେଣୀ ପାସ୍‌ହାର ୯୨.୬୪% ଓ ଦ୍ୱାଦଶରେ ୮୩.୬୪% ରହିଛି। ଜୋନ୍‌ଗୁଡ଼ିକ ମଧ୍ୟରୁ ଦଶମ ଶ୍ରେଣୀରେ ତ୍ରିଭେନ୍ଦ୍ରମ୍ ଓ ଭିଜୟୱାଡାରେ ପାସ୍‌ହାର ସର୍ବାଧିକ ୯୯.୭୯%ଲେଖାଏଁ ହୋଇଛି। ସେହିପରି ଦ୍ୱାଦଶ ଶ୍ରେଣୀରେ ବିଜୟୱାଡା ଜୋନ୍‌ରେ ସର୍ବାଧିକ ପାସ୍‌ହାର ୯୯.୬୦% ଓ ବିଜୟୱାଡା ଜୋନ୍‌ରେ ଦ୍ୱିତୀୟ ସର୍ବାଧିକ ୯୯.୩୨% ପାସ୍‌ହାର ରହିଛି। ସୂଚନାଯୋଗ୍ୟ, ଛାତ୍ରଛାତ୍ରୀଙ୍କ ପରୀକ୍ଷାଫଳ ସିବିଏସ୍‌ଇ ୱେବସାଇଟ୍ ସମେତ ଡିଜି ଲକର୍ ଓ ଉମଙ୍ଗ ଆପ୍‌ରେ ଉପଲବ୍ଧ।

### ବାଇକ୍‌ରେ ଡିନାମାଇଟ୍...

ଓହ୍ଲାଇଥିବା ବେଳେ ଡିନାମାଇଟ୍ ଫୁଟିଯାଇଥିଲା। ଏଥିରେ, ଘଟଣାସ୍ଥଳରେ ରାମ ଓ ମଣ୍ଟୁଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁହିଁଙ୍କର ମୃତ୍ୟୁ ଏତେ ଭୟଙ୍କର ଥିଲା ଯେ ସୋନଙ୍କର ଶରୀରର ପ୍ରତ୍ୟେକଟି ଅଙ୍ଗପ୍ରତ୍ୟେଙ୍ଗ ଏଣେତେଣେ ଛିନଛତ୍ର ହୋଇଯାଇଥିଲା।

ବୈରୀ ଥାନା ଅଧିକାରିଣୀ ଅଂଶୁମାଳା ଦାସ ଓ ଅନ୍ୟ କର୍ମଚାରୀ ପହଞ୍ଚି ଆହତ ନେପାଳୀକୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ, ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ବଡ଼ଚଣା ଥାନା ଅଧିକାରିଣୀ ଚିନ୍ମୟୀ ବେହେରା, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ ଓ ୨ ପ୍ଲାଟୁନ ଫୋର୍ସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ନିୟନ୍ତ୍ରଣ କରିବା ସହ ସାଇଣ୍ଟିଫିକ ଟିମ ଜରିଆରେ ଛିନଛତର୍ ହୋଇ ପଡ଼ିଥିବା ଶରୀରର ଅଂଶଗୁଡିକୁ ଏକତ୍ରିତ କରି ବ୍ୟବଛେଦ ପାଇଁ ପଠାଇଛନ୍ତି। ଏବେ ବିଭିନ୍ନ ସ୍ଥାନରେ ମାଛ ଧରିବା ପାଇଁ ଏଭଳି ବେଆଇନ ବିସ୍ଫୋରକ ସାମଗ୍ରୀ ବ୍ୟବହାର ହେଉଥିଲେ ମଧ୍ୟ ଏହାକୁ ଧରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ଚଢ଼ଉ କରାଯାଉ ନଥିବାରୁ ବାରମ୍ବାର ଏଭଳି ଅଘଟଣ ଘଟି ଜୀବନ ଯାଉଛି।

### ମା'ଙ୍କ ଉପରେ...

ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ବ୍ଲକ୍ ମୁଖ୍ୟାଳୟ ସହ ଯୋଡ଼ିବା ପାଇଁ ରାଜ୍ୟ ସରକାର ଲକ୍ଷ୍ମୀ ବସ୍ ନାମରେ ଅକାଂକ୍ଷୀ ଯୋଜନା ହାତକୁ ନେଇଥିଲେ। ୨୦୨୩ ଅଗଷ୍ଟରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ପ୍ରତି ପଞ୍ଚାୟତରୁ ବ୍ଲକ୍ ଓ ବ୍ଲକରୁ ଜିଲ୍ଲାକୁ ବସ୍ ସେବା ବ୍ୟବସ୍ଥା ହୋଇଥିଲା। ଏହି ସେବା ଦ୍ୱାରା ବିଶେଷକରି ଆଦିବାସୀ ବହୁଳ ଅଞ୍ଚଳରେ ବହୁ ଯାତ୍ରୀ ଉପକୃତ ହୋଇ ଆସୁଛନ୍ତି। ଆନ୍ତଃ ବ୍ଲକ୍ ଏବଂ ବ୍ଲକ୍‌ରୁ ଜିଲ୍ଲା ମୁଖ୍ୟାଳୟକୁ ବସ୍ ଚଳାଚଳ ଆରମ୍ଭ ହୋଇଥିବାରୁ କୃଷକ, ଛାତ୍ରଛାତ୍ରୀ, କର୍ମଜୀବୀ, ବ୍ୟବସାୟୀ, ସାଧାରଣ ଲୋକେ ବହୁ ସହଜରେ ଯାତାୟତ କରି ପାରୁଛନ୍ତି। ବିଶେଷକରି ମହିଳା ସଶକ୍ତିକରଣ ଦିଗରେ ଏହା ବଡ଼ ପଦକ୍ଷେପ ସାଜିଛି। ରାଜ୍ୟର ସବୁ ସ୍ଥାନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜ କାରବାର ବିସ୍ତାର କରୁଥିବା ବେଳେ ଉତ୍ତମ ଗମନାଗମନ ବ୍ୟବସ୍ଥା ସୁନିଶ୍ଚିତ ଲକ୍ଷ କରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସେବା ଆରମ୍ଭ କରିଥିଲେ। ଏବେ ଏହି ଯୋଜନାର ବାସ୍ତବ ଲକ୍ଷ୍ୟଠାରୁ ଦୂରେଇ ଗଲା ଭଳି ସ୍ଥିତି ସୃଷ୍ଟି ହୋଇଛି।

ଅନ୍ୟପଟେ ଏହି ଯୋଜନା ଅନ୍ତର୍ଗତ ରାଜ୍ୟରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ ସେବାର ଶୁଭାରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ସବୁ ଜିଲ୍ଲାକୁ ବିସ୍ତାର ହୋଇପାରି ନାହିଁ। ଏହି ବସ ଗୁଡ଼ିକ ଜିଲ୍ଲା ସଦରମହକୁମାରୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିବାର ଯୋଜନା ରହିଥିଲା। ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ରେ ମହିଳାମାନଙ୍କ ପାଇଁ ଟିକେଟର ମୂଲ୍ୟ ମାତ୍ର ୫୦ ପ୍ରତିଶତ ରହିଥିଲା। ରାଜ୍ୟର ୩୦ଟି ଜିଲ୍ଲାରୁ ୮୦ଟି ସୁପର ପ୍ରିମିୟମ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଏହି ଯୋଜନାରେ ଚଳାଚଳ କରିବାର ଯୋଜନା ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୨ ଜିଲ୍ଲାରୁ ଏହି ସେବା ଆରମ୍ଭ ହୋଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ଏହା ସବୁ ଜିଲ୍ଲାରୁ ଆରମ୍ଭ ହୋଇପାରି ନାହିଁ।


**ODISHA HYDRO POWER CORPORATION LIMITED.** CAD-383

OFFICE OF THE SENIOR GENERAL MANAGER (ELECTRICAL), BHEP

E mail- unit.head_balimela@yahoo.com/bhep.balimela@gmail.com

SECTION-I

TENDER CALL NOTICE

NOTICE INVITING TENDER No. BHEP/08/2025-26, Dated-07.05.2025

Sealed Tenders are invited in two parts (i.e. Part-A: Technical bid & Part-B: Price bid) & in percentage bid basis from the Electrical Contractors/Firms/Agencies having experience in the execution of any electrical works under State/Central Govt/PSU of Govt of India/PSU of Govt. of Odisha & having valid Electrical Contractor license (HT) & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Work | Approx. Estimated Cost in Rs. | E.M.D in Rs. | Cost of bid documents in Rs. |
|---|---|---|---|---|
| 1 | Supply & Erection of 11KV 3 phase 3 wire line using 95 mm^2 single core XLPE cable in the existing over head 55 mm^2 AAAC in adding with extra intermediate 9 Mtr. RS Joist Pole having average span length of 20-25 Mtr. from Drugline Sub-Station to SGM office front Sub-Station through DPH Sub-Station of BHEP, Balimela | Rs. 30,00,242.00 | Rs. 31,000.00 | Rs. 6,000.00 + (GST @ 18%) Rs.1080.00 =Rs. 7,080.00 |

Availability of bid document: From 11:00 Hrs of 14.05.2025 to 13:00 Hrs of 28.05.2025

Last date & time of submission of bid: Up to 13:00 Hrs of 28.05.2025

The date & Time of opening of the bid: 12:00 Hrs onwards of 29. 05.2025 (Only Technical bid)

*For details of the tender documents, terms & conditions, please visit our website www.ohpcltd.com*

C & P Head
BHEP, Balimela

OIPR-04019/11/0084/2526



**LOST**

I, Mrs. Minati Kumari Pradhan, W/o. Ajaya Kumar Pradhan, residing at Srikrushna Nagar, 4th Lane Lanjipalli, PS- Baidyanathpur, Berhampur, Dist- Ganjam, would like to inform that, I have lost my original Link Regd. Sale Deeds No. 919, dtd. 12.09.2004, Sale Deed No. 11121600481, dtd. 09.02.2016 and Sale Deed No. 11121504260, dtd. 20.11.2015 somewhere around Ram Nagar while I was going to Kamapalli from my home along with other documents which was kept in polythene bag and hanged in the hook of the scooty on dtd. 06.05.2025. That, inspite of my best efforts failed to trace the same. If found by anybody kindly contact Advocate Sri N.C. Pattnaik, Mob : 9853311189, or Branch IPICOL HOUSE, 3rd Floor, LIC Housing Finance, Rupali Square, Bhubaneswar-751002.

**SALE**

Booking Open 2/3 BHK Flats
BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
**GADHWAL GROUP**
**M.: 9437015112**

**AFFIDAVIT**

By virtue of an affidavit before the Notary Public, Titilagarh, on dated 13/05/2025. I, **Kshyama Sagar Rana,** S/o Purusottam Rana, permanent resident of At- Tarasinga, P.O. Bijepur, P.S. Titilagarh, Dist- Balangir, Odisha, Pin- 767033 now residing at the same place affirm that I have changed my minor daughter name from **Doni Rana To Dunimita Rana.** Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Dunimita Rana.**
**(Kshyama Sagar Rana)**

**AFFIDAVIT**

By Virtue Of an Affidavit no. 15/2 dtd. 13.5.2025 the Executive Magistrate Nayagarh, I Santara Jani S/o- Udayanath Jani At- Karadapalli, Po- Mahipur Ps- Nuagaon, Dist- NAYAGARH have changed my son's name lakhendra Jani to Laxmidhar Jani. Henceforth He will be know as Laxmidhar Jani for all purposes.
**Sd/- Santara Jani**

**AFFIDAVIT**

By virtue of an affidavit sworn before Executive Magistrate, Saintala on 05.05.2025 I, Sanyasi Bagartti, S/o- Gouranga Bagartti, Resident of At/PO- Kumbhari, PS- Saintala, Dist.- Balangir pin-767032 declare that I have changed name of my minor daughter from Dedamati Bagarty to Bedamati Bagartti. Henceforth, she shall be known as Bedamati Bagartti for all purposes.

**AFFIDAVIT**

I, Bijoya Chandra Padhy, S/o- Narashingh Padhy, resident of At- Ramachandrapur, Po- Ramachandrapur, Dist- Ganjam, Pin- 761010, Odisha declared by this affidavit No. 445, dtd- 12/05/2025 that now onwards I shall be known as **BIJAYA CHANDRA PADHY** for all future purposes.

**AFFIDAVIT**

I, Subhransu Shekhar Nathsharma, S/o- Kunanda Chandra Nathsharma, resident of at- Qtr. No- 57/A, Pristine Greens, Pokhariput, Near Kokila Resort, Aerodrome Area, PS- Air Field, Dist- Khordha, Odisha - 751020 declare by this affidavit No. 97, dated 18.12.2024 that now I want change the name of my daughter from **Anyuta** to **ANWITA SUBHRANSUSEKH-AR NATHSHARMA** for all future purposes.

**AFFIDAVIT**

I Khageswar Majhi, S/o- Balaram Majhi of Vill/ kalidaspur, Po- Balimed, Ps- Naikanidihi, Dist-Bhadrak. My actual name is Khageswar Majhi as per my Aadhar Card . But in my L.I.C. Policy No.598117469 my name wrongly mentioned as " Khaju Majhi" instead of " Khageswar Majhi", S/o- Balaram majhi is same & one person.

**AFFIDAVIT**

I, Sunita Roy, aged about 47 years, W/o- Debabrata Roy, resident of Flat No. 107, Block-M, Trident Galaxy, Kalinga Nagar, Ghatikia, Bhubaneswar, Dist- Khordha, Odisha, PIN- 751003 do hereby declare by this affidavit No. 988, dtd. 10.05.2025, that now onwards I shall be known as **SITAL ROY** for all future purposes.

**ସର୍ବସାଧାରଣ ବିଜ୍ଞପ୍ତି**

ମୁଁ ଶ୍ରୀ ଗୁରମିତ ସିଂହ, ଡିଏମ୍-୧୩, ବାସନ୍ତୀ କଲୋନୀ, ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ପିନ୍-୭୬୯୦୧୨, ନିବାସୀ, ପ୍ଲଟ୍ ନଂ.୧୬୦/୧୦୯୫, ଖାତା ନଂ.୪୮/୩୯୦, ମୌଜା-ରାଉରକେଲା, ଟାଉନ ୟୁନିଟ୍ ନଂ.-୪୨, ରୂପଟୋଲା, କ୍ଷେତ୍ର ଏକର-୦.୦୮୫ ଡେସିମିଲ୍‌ରେ ଅବସ୍ଥିତ ସମ୍ପତ୍ତିକୁ ଲାମିନେଟେଡ୍ ପୂର୍ବକ ମୂଳ ଉତ୍ସ ଆଧାରରେ ବନ୍ଧକ ରଖିବାକୁ ଇଚ୍ଛା କରୁଅଛି, ଯାହା ତା-୧୬.୦୨.୨୦୧୦ ରିଖରେ ପଞ୍ଜିକୃତ ବିକ୍ରୟ ନମ୍ବର ୩୧୧, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆର୍‌ଏଏସ୍‌ଏମ୍‌ଇସି (ରାସ୍‌ମେକ୍) ଶାଖା, ସେକ୍ଟର-୧୭, ରାଉରକେଲା, ଓଡିଶା, ଶାଖା କୋଡ୍-୧୦୨୩୭ରୁ ସିଧାସଳଖ ଭାବେ ଋଣ ଗ୍ରହଣ କରିପାରିବି। ଯଦି ଉକ୍ତ ସମ୍ପତ୍ତି ଉପରେ କାହାର କୌଣସି ପ୍ରକାରର ଦାବି ଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ଏସ୍‌ବିଆଇ, ଆର୍‌ଏଏସ୍‌ଏମ୍‌ଇସ (ରାସ୍‌ମେକ୍) ଶାଖା, ସେକ୍ଟର-୧୭, ରାଉରକେଲାଙ୍କ ନିକଟରେ ଜଣାଇପାରିବେ।

ଶ୍ରୀ ଗୁରମିତ ସିଂହ
ଡିଏମ୍-୧୩, ବାସନ୍ତୀ କଲୋନୀ, ରାଉରକେଲା,
ଜିଲ୍ଲା-ସୁନ୍ଦରଗଡ, ପିନ୍-୭୬୯୦୧୨

**AFFIDAVIT**

I, Rasheed Umar, S/o- Syed Umar, resident of At - Quarter No -1108A, IOCL Paradip Refinery Township, Dist- Jagatsinghpur, Pin - 754141, Odisha, declare by this affidavit No. 8215, dated- 09/05/2025, that now onwards I shall be known as **SYED RASHEED S** for all future purposes.

## ଅମ୍ବାଦଳା ପଞ୍ଚାୟତରେ ଜଳ କଷ୍ଟ

# ପମ୍ପ ଘର ଓ ପଞ୍ଚାୟତରେ ତାଲା ପକାଇ ଧାରଣା ଦେଲେ ମହିଳା




ମୁନିଗୁଡ଼ା,୧୩।୫(ସମିସ): ଗ୍ରୀଷ୍ମ ଋତୁ ଆରମ୍ଭରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇ ଯୁଦ୍ଧକାଳୀନ ଭିତ୍ତିରେ ଜଳକଷ୍ଟ ନିରାକରଣ ପାଇଁ ନିଷ୍ପତ୍ତି ହୋଇଥିଲା। ଯେପରି ବି ହେଉ ଲୋକଙ୍କୁ ଜଳ ଯୋଗାଣ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁନିଗୁଡ଼ା ବ୍ଲକ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ୍ ଅମ୍ବାଦଳା ପଞ୍ଚାୟତ ପାଇକ ସାହି ଓ ଗୌଡ ସାହିରେ ପାନୀୟ ଜଳ ସଙ୍କଟ ଉତ୍କଟ ହୋଇଛି। ପାଣି ସମସ୍ୟାକୁ ନେଇ ମୁନିଗୁଡ଼ା ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ପଞ୍ଚାୟତଠାରୁ ଆରମ୍ଭ କରି ପାନୀୟ ଜଳ ଓ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପାଇପ୍ ଯୋଗେ ସାହିକୁ ପାନୀୟ ଜଳ ଯୋଗାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ମାସ ଧରି ଜଳ ଯୋଗାଣ ନ ହେବାରୁ ଆଜି ସାହିର ମହିଳାମାନେ ଉତ୍ତ୍ୟକ୍ତ ହୋଇ ପାନୀୟ ଜଳ ପ୍ରକଳ୍ପର ପମ୍ପ ହାଉସ୍ ଓ ପଞ୍ଚାୟତ କାର୍ଯ୍ୟାଳକୁ ତାଲା ପକାଇ ଦେଇଛନ୍ତି। ଏହି ସାହିରେ ୧୫୦ରୁ ଅଧିକ ପରିବାର ବାସ କରୁଥିବା ବେଳେ ୩ ବର୍ଷ ହେଲା ସୋଲାର ପ୍ରକଳ୍ପ ଅଚଳ ହୋଇ ରହିଛି। ସାହିରେ ଥିବା ନଳକୂପରୁ ପାଣି ବାହାରୁ ନଥିବା ବେଳେ ବସୁଧା ଯୋଜନା ପମ୍ପ ଘରୁ ପାଣି ଯୋଗାଣ ଠପ୍ ହୋଇଛି। "ବସୁଧା' ଯୋଜନାରେ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ ଖରାଦିନେ ସାହିବାସୀ ପାଣି ଟୋପାଏ ପାଉନାହାନ୍ତି। ପାଇପ୍ ସଂଯୋଗ ହେଇ ନଥିବାରୁ ଏଭଳି ସମସ୍ୟା ହୋଇଛି। ପାଇପ୍ ସଂଯୋଗ ସାଙ୍ଗକୁ ସାହିରେ ନଳକୂପ ମରାମତି ପାଇଁ ବିଭିନ୍ନ ସମୟରେ ସାହିବାସୀ ଜଳ ଓ ପରିମଳ ବିଭାଗ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁନିଗୁଡ଼ା ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ପକ୍ଷରୁ କୌଣସ ପଦକ୍ଷେପ ଗ୍ରହଣ କରାନଯିବାରୁ ମହିଳାମାନେ ଉତ୍ତ୍ୟକ୍ତ ହୋଇ "ବସୁଧା' ପ୍ରକଳ୍ପର ପମ୍ପ ହାଉସ୍ ଓ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଠୁଙ୍କି ଥିବା ଦେଖିବାକୁ ମିଳିଥିଲା। ସାହିର ଶତାଧିକ ମହିଳା ଗରା, ମାଠିଆ ଧରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାରୁ ପଞ୍ଚାୟତ କାର୍ଯ୍ୟାଳୟର ବିଭିନ୍ନ ସରକାରୀ କାର୍ଯ୍ୟ ଆଜି ୬ ଘଣ୍ଟା ଧରି ବନ୍ଦ ରହିଥିଲା। ଘଟଣା ସ୍ଥଳରେ ଅମ୍ବାଦଳା ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ୟାସୀ ଟାକ୍ରି ପହଞ୍ଚି ଉତ୍ତ୍ୟକ୍ତ ମହିଳା ମାନଙ୍କୁ ବୁଝାସୁଝା କରିଥିଲେ। ପାଣି ନମିଳିଲେ ଧାରଣାରୁ ଉଠିବେ ନାହିଁ ବୋଲି ସେମାନେ ଜଣାଇଥିଲେ। ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅମ୍ବାଦଳା ସରପଞ୍ଚ ଚଞ୍ଚଳା ମାଝି ଜଣାଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟକୁ ମହିଳାମାନେ ତାଲା ଠୁଙ୍କି ୬ ଘଣ୍ଟା ଧରି ଧାରଣାରେ ବସିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପାଣି ଟାଙ୍କି ଗାଁରେ ପହଞ୍ଚିବା ସହ ନଳକୂପ ସଜଡ଼ା ଯାଇଥିଲା। ପାଣି ଯୋଗାଣ ବ୍ୟବସ୍ଥା ହେବା ପରେ ମହିଳା ମାନେ ଧାରଣାରୁ ଉଠିଥିବା ଜଣାପଡିଛି।

## ● କାଶୀପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

# ୪୩ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



କାଶୀପୁର,୧୩।୫(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ କାଶୀପୁର ଠାରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଉପ ଜିଲ୍ଲାପାଳ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଚନ୍ଦ୍ରକାନ୍ତ ମାଝୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମମତା ସାହୁ ପ୍ରମୁଖ ଯୋଗ ଦେଇ ଶୁଣାଣି କରିଥିଲେ। ଆଜି ମୋଟ ୪୩ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧ଟି ସାମୂହିକ ଅଭିଯୋଗ ଥିଲା। ଏହି ଅଭିଯୋଗ ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥଲେ। ଜିଲ୍ଲାପାଳ ଅଭିଯୋଗ ଗୁଡ଼ିକ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଦଶମ ଓ ଦ୍ୱାଦଶ ପରୀକ୍ଷାରେ ସେଞ୍ଚୁରିଆନ୍ ପବ୍ଲିକ ସ୍କୁଲର ସଫଳତା

# ଦଶମରେ ଶ୍ୱେତା ନନ୍ଦ ଓ ଦ୍ୱାଦଶରେ ଝରଣା ସାହୁ ଟପ୍ପର





ରାୟଗଡ଼ା,୧୩।୫(ସମିସି): ମଙ୍ଗଳବାର ପ୍ରକାଶ ପାଇଥିବା ସିବିଏସସି ଦଶମ ଓ ଦ୍ୱାଦଶ ଶ୍ରେଣୀର ଫଳାଫଳରେ ରାୟଗଡ଼ା ସହର ଉପକଣ୍ଠରେ ଥିବା ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ ଅତୁଳନୀୟ ସଫଳତା ପ୍ରାପ୍ତ କରିଛି। ଦଶମ ଶ୍ରେଣୀରେ ସମୁଦାୟ ୯୮ ପ୍ରତିଶତ ପାସ ହାର ସହ ପ୍ରଥମ ଶ୍ରେଣୀରେ ୪୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ସୁଶ୍ରୀ ଶ୍ୱେତା ନନ୍ଦ ସର୍ବାଧିକ ୯୪ ପ୍ରତିଶତ ମାର୍କ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ୭୬ ଜଣ ପରୀକ୍ଷା ଦେଇଥିବା ବେଳେ ୯୫ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିରୁ ୫୫ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଝରଣାରାଣୀ ସାହୁ ୯୨ ପ୍ରତିଶତ ମାର୍କ ରଖି ସଫଳତାର ଶୀର୍ଷରେ ରହିଛନ୍ତି। ସେହିଭଳି ଚେତନ କୁମାର ଗମାଙ୍ଗ ଓ ସ୍ୱୟାନ୍ସୁ ପାତ୍ର ଦ୍ୱୟ ୯୧ ପ୍ରତିଶତ ମାର୍କ ରଖି ସ୍କୁଲର ଗୌରବ ବଜାୟ ରଖିଛନ୍ତି। ବିଦ୍ୟାଳୟ ତରଫରୁ ନିର୍ଦ୍ଦେଶକ ଡ.ରାଜେଶ କୁମାର ପାଢୀ, ଅଧ୍ୟକ୍ଷ ଶ୍ରୀ ରାଧାକୃଷ୍ଣ ମହାପାତ୍ର, ପ୍ରଶାସକ ଶ୍ରୀ କୃଷ୍ଣପ୍ରସାଦ ମହାପାତ୍ର ଏବଂ ଉପାଧ୍ୟକ୍ଷ ଧୀରାଜ ମହାନ୍ତି ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରଛାତ୍ରୀମାନଙ୍କ କଠିନ ପରିଶ୍ରମ, ନିଷ୍ଠା ଓ ଅତୁଟ ଧୈର୍ଯ୍ୟ ଏହି ସଫଳତାର ମୂଳ ଆଧାର। ଏଭଳି ଅପୂର୍ବ ସଫଳତା ଆଣି ଦେଇଥିବାରୁ ସ୍କୁଲ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଗର୍ବ ଓ ଗୌରବ ବୃଦ୍ଧି ପାଇପାରିଛି ଏବଂ ଶିକ୍ଷାର୍ଥୀମାନଙ୍କ ସଫଳତାରେ ଯେଉଁମାନେ ମୂଳ ଭୂମିକା ଗ୍ରହଣ କରିଛନ୍ତି, ସେମାନଙ୍କୁ ଧନ୍ୟବାଦ ଜଣାଉଛି ବୋଲି ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ ନିର୍ଦ୍ଦେଶକ ଡ.ଶ୍ରୀ ପାଢୀ ପ୍ରକାଶ କରିଛନ୍ତି।

## ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା

# ଦଶମରେ ସାଇଜ୍ୟୋତି, ଦ୍ୱାଦଶରେ ସୁବାଶିଷ ଟପ୍ପର

ରାୟଗଋଳ,୧୩।୫(ସମିସ): ସିବିଏସସି ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳରେ ରାୟଗଡ଼ା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଭଲ ପ୍ରଦର୍ଶନ କରିଛି। ଦଶମ ଶ୍ରେଣୀରେ ୬୭ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯାହାକି ଶତ ପ୍ରତିଶତ ଫଳାଫଳ ରହିଥିବା ଜଣାପଡିଛି। ଏଥିରେ ସାଇଜ୍ୟୋତି ଭୂୟାଁ ୯୭ ପ୍ରତିଶତ ମାର୍କ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ୨୬ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ପରୀକ୍ଷାର୍ଥୀ ଫେଲ୍ ହୋଇଛନ୍ତି। ସେଥିରୁ ପ୍ରଥମ ଶ୍ରେଣୀରେ ୮୨ ପ୍ରତିଶତ ମାର୍କ ରଖି ସଫଳତାର ଶୀର୍ଷରେ ରହିଛନ୍ତି ସୁବାଶିଷ ହୋତା। ବିଦ୍ୟାଳୟ ତରଫରୁ ଅଧ୍ୟକ୍ଷ ରାଜାରାମ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବାଲ୍ ନିକେତନର ବାର୍ଷିକ ଉତ୍ସବ



ଗୁଣୁପୁର, ୧୩।୫(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ଲିମାମେଡା ଠାରେ ଥିବା ଜିଲ୍ଲାର ଏକମାତ୍ର ବାଳକ ଶିଶୁଯତ୍ନ ଅନୁଷ୍ଠାନ ବାଳ ନିକେତନ ପରିସରରେ ଆଜି ଏହାର ୪୬ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛଇ। ଅନୁଷ୍ଠାନର ସଭାପତି ଏଲ ସୁରେଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ଉପ ଜିଲ୍ଲାପାଳ କିରଣ ଦିପ କୌର ସହେତା ଯୋଗଦେଇ ପିଲାମାନେ ବିଭିନ୍ନ ମହାପୁରୁଷଙ୍କ ଜୀବନୀ ଅଧ୍ୟୟନ କରି ଉତ୍ତମ ଚରିତ୍ର ଓ ସୁନାଗରିକ ଭାବେ ନିଜକୁ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଗ୍ରଣୀ କୃଷିବିତ୍ କୃଷ୍ଣପ୍ରସାଦ ବେବର୍ତ୍ତା, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବେଦାନ୍ତ ଆଶ୍ରମର ନଳିନୀ ଗୁରୁଜୀ, ସାହାରା ପରିବାର ପରାମର୍ଶ କେନ୍ଦ୍ରର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ସାହୁ, ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ପୁରାତନ ଛାତ୍ର ଉପସ୍ଥିତ ରହି ଅନୁଭୂତି ବଖାଣିବା ସହ ବର୍ତ୍ତମାନ ଅନ୍ତେବାସୀଙ୍କୁ ଉତ୍ତମ ଛାତ୍ର ଭାବରେ ପରିଗଣିତ ହେବା ପାଇଁ ଉତ୍ସାହିତ କରିଥିଲେ। ପୁରାତନ ଛାତ୍ର ବିଜୟାନନ୍ଦ ଆନିମ, ଦାମୋଦର କୈବର୍ତ୍ତ, ଦିଲେଶ୍ୱର ଶବର, ପବିତ୍ର ଶବର, ମୂରଲୀ ଶବର, ରାଜୁ ଶବର, ଖତୁ ଶବର ପ୍ରମୁଖ ଅନୁଷ୍ଠାନ ପାଇଁ ଗର୍ବିତ ବୋଲି କହିଥିଲେ। ଜୀବନ ବ୍ୟାପି ତ୍ୟାଗ ଓ ସେବା ଯୋଗାଇ ଦେଇଥିବାରୁ ଅନୁଷ୍ଠାନ ପ୍ରତିଷ୍ଠାତା ବାଞ୍ଛାନିଧି ମହାନ୍ତିଙ୍କୁ ଉପ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପିଲାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ପରିଚାଳକ ଅକ୍ଷୟ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମା'ର ଦ୍ୱାଦଶାହ ଭୋଜିରେ ଚାରାବଣ୍ଟନ



ବିଷମକଟକ, ୧୩।୫ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ସହରର ବରିଷ୍ଠ ଆଇନଜୀବୀଙ୍କ ମା'ର ଦ୍ୱାଦଶାହ ଅବସରରେ ପରିବାର ପକ୍ଷରୁ ଚାରାଗଛ ବଣ୍ଟନ କରାଯାଇ ପରିବେଶ ସଚେତନତା ବାର୍ତ୍ତା ଦିଆଯାଇଛି। ଗତ ୩ ତାରିଖ ଦିନ ଗୁଡଲା ସାବିତ୍ରି ଆମ୍ମାଙ୍କ ଦେହାନ୍ତ ହୋଇଥିଲା। ବୁଧବାର ଦିନ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ତାଙ୍କର ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି ସଭା ଅବସରରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଲୋକଙ୍କୁ ଚାରାଗଛ ଦିଆଯାଇ ନିଜ ବାଡ଼ିବଗିଚାରେ ରୋପଣ କରିବାକୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଆଇନ ମନ୍ତ୍ରୀ ତଥା ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଜଗନ୍ନାଥ ସରକା ଓ ପୂର୍ବତନ ଜିଲ୍ଲା ସଭାପତି ସୁଧୀର କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁଅ ଜି. କଣ୍ଡାପା, ଜି.ମୋହନରାଓ, ଜି.ମନ୍ମଥରାଓ, ଜି.ଗୌରୀ ଶଙ୍କର, ବୋହୂ ଜି. ରୁପାଦେବି, ଜି ସାରଧାଦେବି, ଜି ରାମା ଦେବି ନାତି ଜି. ରାମୁଡୁ, ଜି. ରବି କୁମାର, ଜି. ତିରୁମୂଳା କୁମାର, ଜି. ଶ୍ରୀନିବାସ କୁମାର, ଜି. ପ୍ରଦୀପ କୁମାର, ଜି. ଚନ୍ଦ୍ର ଶେଖର. ଜି. ଶ୍ରୀକାନ୍ତ, ବି.ରାମ ପ୍ରସାଦ ଗୁପ୍ତା ଉପସ୍ଥିତ ରହି ଚାରା ପ୍ରଦାନ କରିଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ



ପଦ୍ମପୁର,୧୩।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନ୍‌ଚାର୍ଯ୍ୟ ଋତୁପର୍ଣ୍ଣା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗଦେଇ ପଦ୍ମପୁର ମେଡିକାଲ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷକରି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ ନର୍ସଙ୍କ ଅଭାବ ଓ ଆବଶ୍ୟକୀୟ ଯନ୍ତ୍ରପାତି ଅଭାବ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ କାର୍ଯ୍ୟ ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଥିବା ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ସାଂସଦ ପ୍ରତିନିଧି ଏମ୍ ନାନାଜୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରମାକାନ୍ତ ମାଝୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଜଗେଜଶ୍ୱରୀ ଆଲୁ, ବିପିଓ ମନୋଜ କୁମାର ପଣ୍ଡା, ମ୍ୟାଲେରିଆ ନିରାକରଣ ଅଧିକାରୀ ଜୟଦେବ ଲିମାଲପୁରି, ଫମାସିଷ୍ଟ ମନୋଜ ସୁବୁଦ୍ଧିଙ୍କ ସହ ଅଳ୍ପ କିଛି ସଦସ୍ୟଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କୋରୁକୋଣ୍ଡା,୧୩।୫(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ବୈଠକ ଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ, ଉପଜିଲ୍ଲାପାଳ ପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ପରିଷଦ ସିଡିଓ ତଥା ଇଓ ନରେଶ ଚନ୍ଦ୍ର ଶବର, ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପରିଚାଳକ ହଳଧର ଶବର, କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୋରୁକୋଣ୍ଡା ବ୍ଲକ ଅଧୀନସ୍ଥ ମୋଟ ୧୨ ଟି ପଞ୍ଚାୟତରେ ବସବାସ କରୁଥିବା ଜନସାଧାରଣଙ୍କ ମଧ୍ୟରୁ ମୋଟ ୯ ଜଣ ବ୍ୟକ୍ତି ଏହି ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସେମାନଙ୍କର ନାମ ପଞ୍ଜିକୃତ କରିବା ସହ ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନଙ୍କୁ ସାକ୍ଷାତ କରି ସେମାନେ ନିଜ ନିଜର ବ୍ୟକ୍ତିଗତ ଓ ଅଞ୍ଚଳର ସମସ୍ୟାକୁ ନେଇ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସ୍ଥାନୀୟ ପୁଲିସ ଅଧିକାରୀ, ଶ୍ରମ ବିଭାଗ ଅଧିକାରିଣୀଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ରହିଥିଲେ

# ନଦୀରେ ବୁଡ଼ି ଶିଶୁ ପୁତ୍ରର ମୃତ୍ୟୁ, ଜଣେ ଉଦ୍ଧାର

ପଡ଼ିଆ,୧୩।୫(ସମିସ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ସୀମାବର୍ତ୍ତୀ ଶାବେରୀ ନଦୀରେ ବୁଡ଼ି ମଙ୍ଗଳବାର ସକାଳେ ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ସୂଚନା ମୁତାବକ ମଙ୍ଗଳବାର ସକାଳେ ପଡ଼ିଆ ବ୍ଲକ ଅନ୍ତର୍ଗତ ଏମ୍‌ପିଭି ୬୬ ଗ୍ରାମର ଅର୍ଜୁନ ମିର୍ଦ୍ଧାଙ୍କ ୭ବର୍ଷର କୁନି ପୁଅ ନୟନ ମିର୍ଦ୍ଧା ସାଙ୍ଗ ମାନଙ୍କ ସହ ଗ୍ରାମଠାରୁ ମାତ୍ର କେଇ ମିଟର ଦୂରରେ ଛତିଶଗଡ଼ ସୀମାକୁ ଲାଗି ରହିଥିବା ଶାବେରୀ ନଦୀକୁ ଗାଧୋଇବାକୁ ଯାଇଥିଲା। ସାଙ୍ଗ ମାନଙ୍କ ସହ ଗାଧୋଇବା ବେଳେ ନୟନ ଓ ତାର ସାଙ୍ଗ ଜଳସ୍ରୋତରେ ଭାସି ଯାଇଥିଲେ। ଏହି ସମୟରେ ଅନ୍ୟମାନେ ଚିତ୍କାର କରିବାରୁ ଗ୍ରାମର ଜଣେ ବ୍ୟକ୍ତି ଆସି ଉଭୟଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଜଣେ ଶିଶୁକୁ କୌଣସି ମୋତେ ଉଦ୍ଧାର କରିଥିଲେ ମଧ୍ୟ ନୟନ ଜଳ ସ୍ରୋତରେ ଭାସି ଯାଇଥିଲେ। ଏହାପରେ ନୟନର ବାପା ଓ ଗ୍ରାମବାସୀ ଖୋଜାଖୋଜି କରି ଘଟଣା ସ୍ଥଳରୁ କିଛି ଦୂରରେ ଭାସୁଥିବା ଅବସ୍ଥାରେ ନୟନକୁ ଉଦ୍ଧାର କରିଥିଲେ। ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ନୟନକୁ ମୃତ ଘୋଷଣା କରିଥିଲେ। ଏ ନେଇ ନୟନର ବାପା ପଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିବାରୁ ପଡ଼ିଆ ଥାନା ଡିଏସପି ରମେଶ୍ୱର ପଧାନ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ୟବଚ୍ଛେଦ ପରେ ମୃତ ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପଡିଆ ଥାନା ଏସଆଇ ନିରୋଦ କୁମାର ବାଘ କହିଛନ୍ତି। ଅନ୍ୟପଟେ ସୀମାବର୍ତ୍ତୀ ପଡିଆ ବ୍ଲକର ଉଭୟ ପାଶ୍ୱକୁ ଲାଗି ରହିଥିବା ଶାବେରୀ ଓ ପୋଟେରୁ ନଦୀ କୂଳରେ ବିଭିନ୍ନ ସମୟରେ ଏକାଧିକ ଲୋକ ଓ କୁନି ପିଲା ନଦୀରେ ବୁଡ଼ି ମୃତ୍ୟୁବରଣ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ନଦୀ କୁଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

## ■ ରାୟଗଡ଼ା ପୌର ପରିଷଦ

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୱାର୍ଡ ସଭା



ରାୟଗଡ଼ା,୧୩।୫(ସମିସ): ରାୟଗଡା ପୌର ପରିଷଦ ଆନୁକୁଲ୍ୟରେ ରୟତ କଲୋନୀ ସ୍ଥିତ ଗୋଷ୍ଠୀକେନ୍ଦ୍ର ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ୱାର୍ଡ ସଭା ଆୟୋଜନ କରାଯାଇଥିଲା। ଏହି ସଭା ୨୧ ଏବଂ ୨୨ ୱାର୍ଡର ହିତାଧିକାରୀ ତଥା କାଉନ୍‌ସିଲର ମାନଙ୍କ ସଚେତନତା ନିମନ୍ତେ ଆୟୋଜନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ରେ କିପରି ଆବେଦନ କରାଯିବ ଏବଂ କେଉଁ କେଉଁ କାଗଜପତ୍ର ଆବଶ୍ୟକ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ସଭାରେ ନିଜର ସ୍ଥାୟୀ ଘର କିମ୍ବା ପଟ୍ଟା ନଥିବା ବହୁ ଗରିବ ଏବଂ ଦୀର୍ଘ ବର୍ଷ ହେବ ଭଡ଼ରେ ରହୁଥିବା ହିତାଧିକାରୀ ଯୋଗ ଦେଇଥିଲେ। ଆବେଦନ ପ୍ରକ୍ରିୟାରେ ପୌର ପରିଷଦ ତରଫରୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବ ବୋଲି ପରିଷଦର ନିର୍ବାହୀ ଅଧିକାରୀ ମତବ୍ୟକ୍ତ କରିଥିଲେ। ପଟ୍ଟା ନଥିବା ଇଚ୍ଛୁକ ହିତାଧିକାରୀ ମାନଙ୍କୁ ସରକାରଙ୍କ ଦ୍ୱାରା ଚିହ୍ନିତ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ଅଧୀନରେ ବିଭିନ୍ନ ସଂସ୍ଥାଙ୍କ ସହଭାଗିତାରେ ସୁଲଭ ମୂଲ୍ୟରେ ଗୃହ ଯୋଗାଇ ଦେବା ପାଇଁ ମିଳିଥିବା ଏହି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ଜନସାଧାରଣଙ୍କୁ ପ୍ରେରିତ କରାଯାଇଥିଲା। ଏହି ସଭାକୁ ପରିଷଦର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦାୟିତ୍ୱରେ ଥିବା ଏମ୍‌ଆଇଏସ ଅଫିସର ପ୍ରଦୀପ କୁମାର ଶତପଥି ପରିଚାଳନା କରିଥିଲେ। ସଭାରେ ପୌର ପରିଷଦର ନିର୍ବାହୀ ଅଧିକାରୀ କୁଲଦୀପ କୁମାର, ୨୧ ନମ୍ବର ୱାର୍ଡର ପାରିଷଦ ଶ୍ରୀମତୀ ପି. ରୋଜା, ୱାର୍ଡ ଅଫିସର , ଗୋଷ୍ଠୀ ସଙ୍ଗଠିକା, ସ୍ୱଚ୍ଛ ସାଥି ମାନେ ଉପସ୍ଥିତ ଥିଲେ।

## ୯୫ ବର୍ଷୀୟ ପିତାର ରାମ ମନ୍ଦିର ଦର୍ଶନ ଇଚ୍ଛା

# ଠେଲାଗାଡ଼ିରେ ଅଯୋଧ୍ୟା ନେଉଛି ପୁଅ



ବିଷମକଟକ,୧୩।୫(ସମିସ): ଜଣେ ୬୨ ବର୍ଷୀୟ ପୁଅ ଏବେ ଶ୍ରବଣ କୁମାର ସାଜିଛନ୍ତି। ବାପାର ଶେଷ ଇଛା ପୂରଣ ନିମନ୍ତେ ପୁଅ ଏକ ଠେଲାରେ ଶୁଆଇ ବାପାକୁ ଅଯୋଧ୍ୟା ରାମ ମନ୍ଦିର ଦର୍ଶନ କରିବା ନିମନ୍ତେ ବାହାରିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ବିଷମ କଟକ ସାହିରେ।

ଶ୍ରୀକାକୋଲମ ଜିଲ୍ଲାର ଲୋୟର ମଣ୍ଡଳ ସ୍ଥ ଇଜାଡପେଲମ୍ ଗାଁର ପି.ନାରାୟଣ ରାଓ ନିଜର ୯୫ ବର୍ଷ ବୟସ୍କ ପିତା ପି.ରାମ ନାଇଡୁଙ୍କ ଶେଷ ଇଚ୍ଛା ପୁରଣ ନିମନ୍ତେ ୧୫ ହଜାର ଟଙ୍କା ବ୍ୟୟରେ ଏକ ଠେଲା ଗାଡ଼ି ପ୍ରସ୍ତୁତ କରିଥିଲେ। ଉକ୍ତ ଠେଲା ଗାଡ଼ିରେ ବୃଦ୍ଧ ବାପାକୁ ଶୁଆଇ ଚଳିତ ମାସ ୪ ତାରିଖରେ ନିଜ ଗାଁରୁ ଅଯୋଧ୍ୟା ଅଭିମୁଖେ ବାହାରିଛନ୍ତି। ୧୧ ଦିନରେ ସେ ବିଷମ କଟକରେ ପହଞ୍ଚିଛନ୍ତି। ପି.ନାରାୟଣଙ୍କ ସହ ଯୋଗାଯୋଗ କରାଯିବାରେ ପି.ରାମ ନାଇଡୁ ଜଣେ ରାମ ଭକ୍ତ। ସେ ୧୯୯୩ ମସିହାରେ ପୁଅକୁ ସାଙ୍ଗରେ ନେଇ ଚାଲି ଚାଲି ପ୍ରଥମେ ପୁରୀ ବଡ଼ ଠାକୁରଙ୍କୁ ଦର୍ଶନ କରିବା ପରେ ଅଯୋଧ ଯାଇଥିବା ବେଳେ ବାବର ମସଜିଦ ବିବାଦ ଲାଗିରହିଥିଲା। ସେତେବେଳେ ଅଯୋଧରେ ପ୍ରବେଶ ନିଷେଧ ରହିଥିବାରୁ ଉଭୟଙ୍କୁ କାଶିରୁ ଫେରିବାକୁ ପଡ଼ିଥିଲା। ସେହିଦିନ ଠାରୁ ତାଙ୍କ ପିତାଙ୍କ ଇଛା ଥିଲା କି ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ହେଲେ ତାଙ୍କୁ ଏକ ଠେଲା ଗାଡିରେ ନେଇ ଯିବାକୁ । ପିତାଙ୍କ ଶେଷ ଇଚ୍ଛା ପୂରଣ କରିବା ପାଇଁ ଏବେ ପୁଅ ଠେଲା ଗାଡ଼ିରେ ଠେଲି ଠେଲି ତାଙ୍କୁ ଅଯୋଧ୍ୟା ନେଇ ଚାଲିଛି।

### କଳିଯୁଗର ଶ୍ରବଣ କୁମାର

ପି.ରାମ ନାଇଡୁ ଯଦି କୌଣସି ସ୍ଥାନରେ ଶେଷ ନିଶ୍ୱାସ ତ୍ୟାଗ କରିବେ, ତେବେ ତାଙ୍କୁ ସେହିଠାରେ ଅନ୍ତିମ ସତ୍କାର କରି ଚିତାଭସ୍ମ ଅଯୋଧ୍ୟା ନେବାକୁ ସଂକଳ୍ପ କରିଥିବା ପି.ନାରାୟଣ ରାଓ କହିଛନ୍ତି। ପ୍ରତ୍ୟେକ ଦିନ ଏହି ଠେଲାରେ ୨୫ ରୁ ୩୦ କିଲୋମିଟର ସେ ଯାତ୍ରା କରୁଥିବା ବେଳେ ସୁବିଧା ଥିବା ସ୍ଥାନରେ ବିଶ୍ରାମ ନେଉଛନ୍ତି। ଅଯୋଧ୍ୟାରେ ପହଞ୍ଚିବାକୁ ତାଙ୍କୁ ପ୍ରାୟ ୧୦୦ ଦିନ ଲାଗିବ ବୋଲି ସେ କହିଛନ୍ତି।

ଏମ୍‌ଭି ଗାଁର ନାମ ପରିବର୍ତ୍ତନ ଓ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରସ୍ତାବ ପ୍ରସଙ୍ଗ

# ଗ୍ରାମସଭାରେ ୧୪ ଆଦିବାସୀ ସମାଜର ବିରୋଧ



ମାଲକାନଗିରି, ୧୩।୫ (ସମିସ): ମାଲକାନଗିରି ଜିଲ୍ଲାରେ ଥିବା ଏମଭି ଗାଁର ନାମ ପରିବର୍ତ୍ତନ ଓ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରସ୍ତାବକୁ ପଞ୍ଚାୟତ ଗ୍ରାମସଭାରେ ୧୪ଟି ଆଦିବାସୀ ସମାଜ ପକ୍ଷରୁ ଘୋର ବିରୋଧ କରାଯାଇଛି। ଫଳରେ ଗ୍ରାମସଭାରେ ଉକ୍ତ ପ୍ରସ୍ତାବ କାଟ୍ ଖାଇଛି। ମାଲକାନଗିରି ବ୍ଲକସ୍ଥ ଚାଲାଣଗୁଡା ପଞ୍ଚାୟତରେ ଆଜି ହୋଇଥିବା ସ୍ୱତନ୍ତ୍ର ଗ୍ରାମସଭାରେ ମୁଖ୍ୟତଃ ବଙ୍ଗୀୟ ଭାଷାଭାଷିଙ୍କ ବସ୍ତି ଏମ୍‌ଭି ନମ୍ବର ପରିବର୍ତ୍ତନ କରି ସ୍ଥାୟୀ ରାଜସ୍ୱ ଗ୍ରାମ ଭାବେ ନାମିତ କରିବା ପ୍ରସ୍ତାବ ଆସିଥିଲା। ଚାଲାଣଗୁଡା ପଞ୍ଚାୟତରେ ଥିବା ବଙ୍ଗୀୟ ସମ୍ପ୍ରଦାୟ ବାସ କରୁଥିବା ଏମଭି ୧, ଏମଭି ୪, ଏମଭି ୯, ଏମଭି ୪୪, ଏମଭି ୪୫, ଭଳି ଗ୍ରାମ ଗୁଡ଼ିକର ନାମ ପରିବର୍ତ୍ତନ କୌଣସି ପରିସ୍ଥିତିରେ କରାଇ ଦେବୁନି ଏବଂ ରାଜସ୍ୱ ଗ୍ରାମର ମାନ୍ୟତା ଦେଲେ ଆନ୍ଦୋଳନ ଜୋରଦାର୍ ହେବ ବୋଲି କୁହାଯାଇଛି। ତେବେ ମାଲକାନଗିରି ଜିଲ୍ଲାରେ ଭାଇଚାରା ରହିଛି, ଏମଭି ଗ୍ରାମ ପରିବର୍ତନ କରି ରାଜସ୍ୱ ଗ୍ରାମ ହେଲେ ଆଦିବାସୀ ଓ ବଙ୍ଗୀୟ ସମ୍ପ୍ରଦାୟ ମଧ୍ୟରେ ସବୁବେଳେ ବିବାଦ ଲାଗିରହିବ। ସରକାରଙ୍କ ଏହି ବ୍ୟବସ୍ଥା ଓ ପ୍ରସ୍ତାବକୁ ଆଦିବାସୀଙ୍କ ପକ୍ଷରୁ ବିରୋଧ କରାଯାଉଛି ବୋଲି ଗ୍ରାମସଭାରେ ଲୋକେ ମତ ରଖିଛନ୍ତି। ଏହି ଗ୍ରାମ ସଭାରେ ଚାଲାଣଗୁଡା ପଞ୍ଚାୟତ ସରପଞ୍ଚ ଅରକ୍ଷିତ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୟାନିଧି ନିମାଲ, ରାଜସ୍ୱ ନିରୀକ୍ଷକ ପଦ୍ମାବତୀ ସରକାର, ନାଏବ ସରପଞ୍ଚ ସୁନାମଣୀ କିସକୁ, ୧୬ଟି ରାଜସ୍ୱ ଗ୍ରାମର ୱାର୍ଡ ମେମ୍ବର, ସମିତି ସଭ୍ୟ ଓ ୫ଟି ଏମଭି ଗ୍ରାମର ମୁଖିଆଙ୍କ ସହିତ ଏକ ହଜାରରୁ ଅଧିକ ଆଦିବାସୀ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ସେହିପରି ସେରପାଲି, ପଦ୍ମଗିରି ପଞ୍ଚାୟତ ଓ କାଲିମେଲା, ପଡିଆ, କୋରକୁଣ୍ଡା ବ୍ଲକର ଅନ୍ୟାନ ପଞ୍ଚାୟତରେ ଅନୁଷ୍ଠିତ ସ୍ୱତନ୍ତ୍ର ପଲ୍ଲିସଭାରେ ଏହି ପ୍ରସ୍ତାବକୁ ବଙ୍ଗୀୟ ସମ୍ପ୍ରଦାୟ ମାନେ ସମର୍ଥନ କରୁଥିବା ବେଳେ ଆଦିବାସୀ ଗ୍ରାମବାସୀ ଓ ଆଦିବାସୀ ସମାଜ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଇଛି। ଉଭୟ ସମ୍ପ୍ରଦାୟ ମୁହାଁମୁହିଁ ପରେ ଗ୍ରାମସଭାରେ ପ୍ରସ୍ତାବ ପାରିତ ନ ହୋଇ କାଟ ଖାଇଛି। ଗତ ୨୦୨୪ ନିର୍ବାଚନୀ ଇସ୍ତାହାରରେ ବିଜେପି ଏମଭି ଓ ଏମପିଭି ଗ୍ରାମଗୁଡ଼ିକର ନାମ ପରିବର୍ତନ ସହ ରାଜସ୍ୱ ମାନ୍ୟତା ପ୍ରଦାନ ଲାଗି ପ୍ରତିଶ୍ରୁତି ଦେଇଥିଲା। ଏଥିପାଇଁ ମାଲକାନଗିରି ବ୍ଲକ୍ ସମେତ ଜିଲ୍ଲାର କାଲିମେଲା, ପଡ଼ିଆ, କୋରୁକୋଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଥିଲା। ଗ୍ରାମସଭାରେ ଗୃହୀତ ପ୍ରସ୍ତାବ ପାରିତ ହେବା ପରେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥାନ୍ତା। କିନ୍ତୁ ସମସ୍ତ ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମସଭାରେ ପଞ୍ଚାୟତବାସୀ ନାମ ପରିବର୍ତ୍ତନ ଓ ରାଜସ୍ୱ ମାନ୍ୟତା ପ୍ରଦାନ ପ୍ରସ୍ତାବକୁ ତୀବ୍ର ବିରୋଧ କରିଛନ୍ତି। ଅନ୍ୟପକ୍ଷରେ ଏମ୍‌ଭି ଗ୍ରାମରେ ବସବାସ କରୁଥିବା ବଙ୍ଗୀୟ ସମ୍ପ୍ରଦାୟ ତୁରନ୍ତ ନାମ ବଦଳାଇବା ସହ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ଦାବି କରିଥିବାରୁ ଉଭୟ ପକ୍ଷର ଦାବିକୁ ନେଇ ଗ୍ରାମସଭାରେ ଉତ୍ତେଜନା ଦେଖିବାକୁ ମିଳିଛି।

● ଜାତୀୟ ସ୍ୱାସ୍ଥ୍ୟ ମିସନର ଟେଣ୍ଡରରେ ଦୁର୍ନୀତି!

# ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା, କାର୍ଯ୍ୟାନୁଷ୍ଠାନ ଦାବି

ମାଲକାନଗିରି,୧୩।୫(ସମିସ): ଜାତୀୟ ସ୍ୱାସ୍ଥ୍ୟ ମିଶନର ଟେଣ୍ଡର ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇ କାର୍ଯ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ସଂସ୍ଥା ପକ୍ଷରୁ ଏହି ଅଭିଯୋଗ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାର ସମାଜସେବୀ ତଥା ପୂର୍ବତନ ପୁଲିସ ଅଧିକାରୀ ଶରତ ବୁରୁଦା ମଧ୍ୟ ଏନେଇ ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ ଗତ ବର୍ଷ ବିଭିନ୍ନ କାର୍ଯ୍ୟ ସେବା ଯୋଗାଇବା ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ମାଲକାନଗିରି ଜିଲ୍ଲା ପାଇଁ ଏକ ଟେଣ୍ଡର ପ୍ରକ୍ରିୟା ହୋଇଥିଲା। ତେବେ ଏହି ପ୍ରକ୍ରିୟାରେ ନିର୍ମଳା ଯୋଜନାରେ ବିଭିନ୍ନ ସଂସ୍ଥା କାର୍ଯ୍ୟ କରିବାକୁ ଟେଣ୍ଡର ଆବେଦନ କରିଥିଲେ। କିନ୍ତୁ ସମସ୍ତ ସଂସ୍ଥାକୁ ବାଦ ଦେଇ ନେତା ସିକ୍ୟୁରିଟି ଏଜେନ୍ସି ନାମକ ସଂସ୍ଥାକୁ ଏହି ଟେଣ୍ଡରରେ ଚୟନ କରାଯାଇ କାର୍ଯ୍ୟ କରିବାକୁ ଦାୟିତ୍ୱ ଦିଆଯାଇଛି। ଏହି ସଂସ୍ଥା ପୂର୍ବରୁ ମାଲକାନଗିରି ପୌର ପରିଷଦରେ ମିଥ୍ୟା ଅଡିଟ ରିପୋର୍ଟ ପ୍ରଦାନ ଯୋଗୁଁ କଳାତାଲିକା ଭୁକ୍ତ କରିବାକୁ ସୁପାରିଶ କରଯାଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ବିରୋଧ ହୋଇଥିବା ମାଲକାନଗିରି ଜିଲ୍ଲାର ସମାଜସେବୀ ଶ୍ରୀ ବୁରୁଦା ଅଭିଯୋଗ ଆଣିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ଗତବର୍ଷ ମାଲକାନଗିରି ଜିଲ୍ଲାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ନିର୍ମଳ ଯୋଜନାରେ ଟେଣ୍ଡର ହୋଇଥିଲା। ଏଥିରେ ଅନେକ ସଂସ୍ଥା ଆବେଦନ କରିଥିଲେ। ନିୟମ ଓ ମାନଦଣ୍ଡ ଅନୁସାରେ ଟେଣ୍ଡର ଦିଆନଯାଇ ମିଥ୍ୟା ଅଡିଟ୍ ରିପୋର୍ଟ ଦର୍ଶାଇ କଳା ତାଲିକା ଭୁକ୍ତ ପାଇଁ ଅଭିଯୋଗ ଥିବା ଏକ ସିକ୍ୟୁରିଟି ସଂସ୍ଥାକୁ ଟେଣ୍ଡର ଦିଆଯାଇଥିଲା। ଚଳିତ ମାସ ୧୨ ତାରିଖରେ ଏହି ସଂସ୍ଥା କାର୍ଯ୍ୟ ଆରମ୍ଭ କରିବାକୁ କାର୍ଯ୍ୟାଦେଶ ମିଳିଥିବା ବେଳେ ଏହି ସଂସ୍ଥା ଅନେକ ନକଲି କାଗଜପତ୍ର ଦେଇଥିବାର ପ୍ରମାଣପତ୍ର ରହିଛି। ଯାହାର ତଦନ୍ତ ହେବାର ଅବଶ୍ୟକତା ରହିଥିବା ଶ୍ରୀ ବୁରୁଦା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିଆକରୀଙ୍କୁ ଭେଟି ଦାବି କରିଛନ୍ତି। ତେବେ ଏ



ବିଷୟରେ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଡି. ବୃନ୍ଦା ଦାସଙ୍କୁ ମଧ୍ୟ ପୂର୍ବରୁ କିଛି ବ୍ୟକ୍ତି ଜଣାଇ ଥିବା ବେଳେ ଉକ୍ତ ସଂସ୍ଥା ବିରୋଧରେ କୌଣସି ପଦକ୍ଷେପ ନିଆଯାଇ ନାହିଁ କିମ୍ବା ଏହି ଟେଣ୍ଡର ବାତିଲ କରାଯାଇ ନାହିଁ। ଏହାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀ ସଂସ୍ଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ବୁରୁଦା ଦାବି କରିଛନ୍ତି। ଏନେଇ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜ ବନ୍ଧୁ ଦାସ ପ୍ରକାଶ କରିଛନ୍ତି ଯେ, ଉକ୍ତ ଏଜେନ୍ସି ନାମରେ ଆସିଥିବା ସମସ୍ତ ଅଭିଯୋଗର ତଦନ୍ତ ହେବ ଓ ଦୋଷୀ ସାବ୍ୟସ୍ତ ହେଲେ ଉଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ରଗେଇପୁଷପାଲୀ ଗାଁରେ ପହଞ୍ଚିଲା ପ୍ରଶାସନ




କୋରୁକୋଣ୍ଡା,୧୩।୫(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ଅଧିନସ୍ଥ ରଗେଇପୁଷପାଲୀ ଗ୍ରାମରେ ବସବାସ କରୁଥିବା ୩୫ରୁ ଉର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଆସୁଛନ୍ତି। ଏ ସମ୍ପର୍କରେ ଗତ ମେ ମାସ ୧୦ ତାରିଖରେ 'ସକାଳ'ରେ ବିସ୍ତୃତ ଭାବେ ଖବର ପ୍ରକାଶ ପାଇବା ପରେ ଆଜି ମାଲକାନଗିରି ଜିଲ୍ଲା ପରିଷଦ ସିଡିଓ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁ, ତାର୍ଲାକୋଟା ପଞ୍ଚାୟତ ନିର୍ବାହୀ ଅଧକାରୀ ସିମାଞ୍ଚଳ ନାୟକ, ଭକ୍ତ ରାମ ମାଣ୍ଡି, କନିଷ୍ଠ ଯନ୍ତ୍ରୀ କୃତ୍ତିବାସ ନାୟକ, କନିଷ୍ଠଯନ୍ତ୍ରୀ ବାପୁଜି ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ରଗେଇ ପୁଷପାଲୀ ଗ୍ରାମରେ ପହଞ୍ଚି ଗ୍ରାମର ରାସ୍ତା ଘାଟ. ଅଙ୍ଗନବାଡି କେନ୍ଦ୍ର, ପାନୀୟ ଜଳ ପ୍ରକଳ୍ପ ଡ୍ରେନ ଇତ୍ୟାଦି ବୁଲି ଦେଖିବା ସହିତ ଗ୍ରାମରେ ଲାଗି ରହିଥିବା ସମସ୍ୟା ଗୁଡିକ ସମ୍ପର୍କରେ ଗ୍ରାମବାସୀଙ୍କ ଠାରୁ ପଚାରି ବୁଝିଥିଲେ। ଜିଲ୍ଲା ପ୍ରଶାସନ ଏବଂ ବ୍ଲକ କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ଗ୍ରାମରେ ଲାଗି ରହିଥିବା ସମସ୍ୟା ଗୁଡିକ ପର୍ଯ୍ୟାୟ କ୍ରମେ ସ୍ଥାୟୀ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସାହୁ କହିଛନ୍ତି।

ସୀମାନ୍ତରେ ଜଳଯନ୍ତ୍ରଣା

# ଶୁଣୁନାହାନ୍ତି ଅଧିକାରୀ ଓ ଲୋକ ପ୍ରତିନିଧି

ମାଥିଲି,୧୩।୫ (ସମିସ): ପ୍ରବଳ ଗ୍ରୀଷ୍ମପ୍ରବାହ ସହିତ ଦାଉ ସାଜିଛି ପାନୀୟ ଜଳ ଯନ୍ତ୍ରଣା। ବିଗତ ସରକାର ବସୁଧା ଯୋଜନା ମାଧ୍ୟମରେ ଅନେକ ଗ୍ରାମରେ ଓଭର ହେଡ ଟାଙ୍କି ନିର୍ମାଣ କରି ଘରେ ଘରେ ପାନୀୟଜଳ ଯୋଗାଣ କରିଥିଲେ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ତଥା ରକ୍ଷଣାବେକ୍ଷଣ ଅଭାବ ପାଇଁ ଅନେକ ସ୍ଥାନରେ ଏବେ ଅଚଳ ହୋଇ ଗଲାଣି ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପ। ଏପରି ଦୃଶ୍ୟ ଦେଖିବାକୁ ମିଳୁଛି ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଛତିଶଗଡ଼ ସୀମାନ୍ତ ମହୁପଦର ପଞ୍ଚାୟତ ସଦର ଗ୍ରାମରେ। ବସୁଧା ଯୋଜନାରେ ବୃହତ୍ ଓଭର ହେଡ୍ ଟାଙ୍କି ନିର୍ମାଣ କରି ପାଇପ୍ ବିଛା ଯାଇ ଗଣ୍ଡିଆ ସାହି, ନାୟକ ସାହି, ଦୁର ସାହି, କାଙ୍ଗାର ସାହି, କଲାର ସାହି, ତଳ ସାହି, ହାଟ ପଦା ସାହି, କୁମ୍ଭାର ସାହି, ପୂଜାରୀ ସାହି, ପଖାନାଗୁଡ଼ା ଓ କସର ଭଟ୍ଟା ସାହି ପ୍ରମୁଖ ୧୧ଟି ସାହିର



୩୦୦ ଘରର ୧୦୦୦ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। କିନ୍ତୁ ଗ୍ରୀଷ୍ମ ମାସ ଆରମ୍ଭ ପୂର୍ବରୁ ମାତ୍ର ୪ଟି ସାହିକୁ ପାଣି ଆସୁଥିବା ବେଳେ ବାକି ୭ଟି ସାହିକୁ ପାଣି ଆସୁ ନାହିଁ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏବେ ଗ୍ରୀଷ୍ମପ୍ରବାହ ବଢ଼ି ଚାଲିଛି, ଅନ୍ୟ ପକ୍ଷରେ ସାହି ମାନଙ୍କରେ ଥିବା ନଳକୂପ ଖରାପ ହୋଇ ପଡିଛି। ପଞ୍ଚାୟତ ବାସୀଙ୍କ ଉପରେ ବୋଝ ଉପରେ ନଳିତା ବିଡା ସଦୃଶ୍ୟ ହୋଇ ପଡିଛି। ଏ ବିଷୟରେ ସାହି ବାସିନ୍ଦା ମାନେ ଏକତ୍ରିତ ହୋଇ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନଙ୍କ ନିକଟରେ ଅନେକବାର ଗୁହାରି କରିବା ପରେ ବି କୌଣସି ଅଧିକାରୀ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ ଏ ବିଷୟରେ ତର୍ଜମା କରିବା ପରେ ଜଣାଇବେ ବୋଲି କହିଛନ୍ତି। ଏ ବିଷୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ହିମାଂଶୁ ପ୍ରଧାନଙ୍କୁ ପଚାରିବାରୁ ତାଙ୍କର ଦେହ ଅସୁସ୍ଥ ଅଛି, ଆସନ୍ତା ଶୁକ୍ରବାର କିମ୍ବା ଶନିବାର ଦିନ ଯିବା ପରେ ତୁରନ୍ତ ସମାଧାନ କରି ଦିଆଯିବ ବୋଲି କହିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତର ସହ ନେଇ ସୀମାନ୍ତ ପଞ୍ଚାୟତ ଗୁଡ଼ିକରେ ତୁରନ୍ତ ପାନୀୟ ଜଳ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମୋବାଇଲ୍ ଟାୱାର ବ୍ୟାଟେରୀ ଚୋରି ଉଦ୍ୟମ; ୩ ଗିରଫ

ଟିକିରି,୧୩।୫(ସମିସ) ଜିଓ ଟାୱାର ବେଟେରି ଚୋରାଇ ନେବା ବେଳେ ଲୋକଙ୍କ ହାତରେ ଧରାପଡି ଜେଲ୍ ଗଲେ ୩ ଜଣ ଯୁବକ। ରାୟଗଡା ଜିଲା କାଶିପୁର ବ୍ଲକର ଟିକିରି ଥାନା ଅନ୍ତର୍ଗତ ନିସିଖାଲ ଗ୍ରାମରେ ଜିଓ କମ୍ପାନୀର ଏକ ମୋବାଇଲ ଟାୱାରରୁ ଚୋରି ଉଦ୍ୟମ ହୋଇଛି। ଗିରଫମାନେ ହେଲେ ରାୟଗଡ଼ା ରତ୍ରିନାଥ କରକରିଆ(୪୦), ଆଲୋକ ବିଷୋଇ(୩୨) ଏବଂ ପୁରୀ ଜିଲ୍ଲାର ତାତିନ ରଞ୍ଜନ ସ୍ୱାଇଁ। ଉକ୍ତ ଅଭିଯୁକ୍ତ ମାନେ ଜିଓ କମ୍ପାନୀର ଲୋକ କହି ଏକ ୪୦୭ ପିକ୍ ଭ୍ୟାନ୍‌ରେ ବ୍ୟାଟେରୀ କାଢି ନେଇଯାଉଥିବା ବେଳେ ଗ୍ରାମବାସୀ ମାନଙ୍କ ସନ୍ଦେହ ହେବାରୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଖବରପାଇ ଟିକିରି ଆଇଆଇସି ବିଶ୍ୱ ବନ୍ଦୀନୀ ବାଗଙ୍କ ନେତୃତ୍ୱରେ ଏସଆଇ ତ୍ରିନାଥ ତଟପାଡ୍ୟା ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ୪୮ ଟି ବ୍ୟାଟେରୀ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ଆନ୍ଧ୍ରରୁ ପହଞ୍ଚିଲା ଦୁଇ ଭାଇଙ୍କ ମୃତ ଶରୀର

ଚିତ୍ରକୋଣ୍ଡା,୧୩।୫(ସମିସ): ଆଜି ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶ ସିଲେରୁରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଦୁଇ ଭାଇଙ୍କ ମୃତ ଶରୀର ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକସ୍ଥ ଦୋରାଗୁଡା ପଞ୍ଚାୟତ କପାଗୁଡା ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଅନ୍ତିମ ସତ୍କାର କରାଯାଇଛି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଏବେ ଚିକିତ୍ସାଧୀନ ଅଛନ୍ତି। ସିଲେରୁ ଥାନା ପୁଲିସ ହତ୍ୟାକାରୀ ଭିଣୋଇକୁ ଗିରଫ କରି ତଦନ୍ତ କରୁଛି। ପ୍ରକାଶ ଯେ ମୃତ ରାଜୁ ଖେମୁଡୁ ଓ ମୃତ କୁଞ୍ଜ ଖେମୁଡୁ ନିଜ ଭଉଣୀ ମନିଙ୍କୁ ଆନ୍ଧ୍ରପ୍ରଦେଶର ସିଲେରୁରେ ରହୁଥିବା ଘେନୁ ହାନ୍ତାଳଙ୍କୁ ବିବାହ ଦେଇଥିଲେ। ସେ ମିନିଙ୍କୁ ମାର ପିଟିପିଟି କରୁଥିବାରୁ ଭାଇ ମାନେ ତାଗିଦ ମଧ୍ୟ କରୁଥିଲେ। ହୁଏତ ସେହି କଥାକୁ ନେଇ ଶଳା ଭିଣୋଇଙ୍କ ମଧ୍ୟରେ କଥା କଟା କଟି ହୋଇ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରୁଛି।

## ସରକାରୀ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ ବୃଦ୍ଧା ଆଇତା ଦୁରୁଆ

ମାଥିଲି,୧୩।୫(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ମହୁପଦର ଗ୍ରାମର କସ୍ରା ଭଟ୍ଟା ସାହିରେ ରହୁଛନ୍ତି ୮୦ରୁ ଅଧିକ ବୟସର ଭିନ୍ନକ୍ଷମ ଆଇତା ଦୁରୁଆ। ଆଇତାଙ୍କ ପତ୍ନୀ ଓ ଝିଅର ମୃତ୍ୟୁ ପରେ ସେ ଏକୁଟିଆ ରହୁଛନ୍ତି। ଏବେ ଆଇତା ସମ୍ପୂର୍ଣ୍ଣ ଅସହାୟ ଅବସ୍ଥାରେ ଜୀବନ ସହିତ ସଂଘର୍ଷ କରି ଜୀବନ ବଞ୍ଚିଛି। ନିଜର ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ ନାହିଁ।



ଏବେ ନିଜ ପୁତୁରା ଘରେ ରହୁଛନ୍ତି। ଏ ପର୍ଯ୍ୟନ୍ତ ବିକଳାଙ୍ଗ ଆଇତା ଭୋଟର ପରିଚୟ ପତ୍ର, ଆଧାର କାର୍ଡ ନଥିବାରୁ ସରକାରଙ୍କର ସମସ୍ତ ଯୋଜନାରୁ ବଞ୍ଚିତ ଥିବା ଜଣାପଡିଛି। ଏ ବିଷୟରେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ସାକ୍ଷାତ କରିବା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲଙ୍କୁ ଡକାଇ ବିକଳାଙ୍ଗ ଆଇତା ବିଷୟରେ ପଚାରିବାରୁ ଗତ କିଛି ଦିନ ପୂର୍ବରୁ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଥିଲା। କିନ୍ତୁ ଯେଉଁ କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ଥିଲା ସେମାନେ ଶିବିରକୁ ଆଣିବାରେ ସକ୍ଷମ ହୋଇ ନଥିଲେ। ସେଥିପାଇଁ ବୃଦ୍ଧ ଜଣଙ୍କ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିନାହାନ୍ତି ବୋଲି ଜାଣିବାକୁ ପାଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବେହେରା ଏହାର ପ୍ରତିକାର ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୃଦ୍ଧାଙ୍କର କେହି ନଥିଲେ ତାଙ୍କୁ ବୃଦ୍ଧାଶ୍ରମରେ ଆଣି ରଖିବାକୁ ପ୍ରସ୍ତାବ ଦେଇଛନ୍ତି।

## ସତ୍ୟନାରାୟନ ନର୍ସିଂ କଲେଜରେ ନର୍ସିଂ ଦିବସ ପାଳିତ

ମାଲକାନଗିରି,୧୩।୫(ସମିସ): ମାଲକାନଗିରି ସଦର ମହାକୁମ ସ୍ଥିତ ସତ୍ୟନାରାୟନ ନର୍ସିଂ ମହାବିଦ୍ୟାଳୟରେ ୫୧ ତମ ଅନ୍ତର୍ଜାତୀୟ ନର୍ସିଂ ଦିବସ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମାଲକାନଗିରି ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ମୁଖ୍ୟ ଡକ୍ଟର ମୌସୁମୀ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ତଥା ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟସେବିକା ସଂଯୁକ୍ତ ସେଠୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟରେ ଜିଏନଏମ ବିଭାଗର ଅଧ୍ୟକ୍ଷା ସୁମରିନ ସୁମନ କାର୍ତ୍ତିକ ଅତିଥି ପରିଚୟ ପ୍ରଦାନ କରିବା ପରେ ନର୍ସିଂ ଶିକ୍ଷାର ପ୍ରତିଷ୍ଠତା ଫ୍ଲୋରେନ୍ସ ନାଇଟଙ୍ଗେଲ୍‌ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରଯାଇଥିଲା। ଏହି ଉତ୍ସବରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିବା ସହ ଏହି ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଡକ୍ଟର ମୌସୁମୀ ମିଶ୍ର ସେବିକା ଜୀବନରେ ନମ୍ରତା, ଶୃଙ୍ଖଳିତ, ବ୍ୟବହାର ସହ କର୍ମସ୍ଥଳରେ ନିଷ୍ଠାପର ସେବା ଯୋଗେଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ମାଲକାନଗିରି ଭଳି ଉପାନ୍ତ ଅଞ୍ଚଳରେ ନିଜ କର୍ମ ଜୀବନର ଦୀର୍ଘ ୩୦ ବର୍ଷ ସେବା ଓ ସାଧନା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହ




ସେବିକା ଶିକ୍ଷା ଓ ବୃତ୍ତିର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟଙ୍ଗେଲ୍ ଜୀବନ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପ୍ରବର୍ତ୍ତାଇ ଥିଲେ। ଏହି ଅନ୍ତର୍ଜାତୀୟ ନର୍ସିଂ ଦିବସ ଉପଲକ୍ଷେ ସତ୍ୟନାରାୟଣ ଅନୁଷ୍ଠାନରେ ଦୀର୍ଘ ଏକ ସପ୍ତାହ ଧରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠାନ କରଯାଇଥିଲା। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନିମନ୍ତ୍ରିତ ସମ୍ମାନିତ ଅତିଥି ଶ୍ରୀମତୀ ସେଠୀଙ୍କ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା, ନିଷ୍ଠାପର ସେବା, ତ୍ୟାଗ ଓ ତପସ୍ୟା ନିମନ୍ତେ ଅନୁଷ୍ଠାନ ତରଫରୁ ମୁଖ୍ୟ ଅତିଥି ଡକ୍ଟର ମୌସୁମୀ ମିଶ୍ର ତାଙ୍କୁ ଶ୍ରେଷ୍ଠ ସେବିକା ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟାପିକା ସୁଶ୍ରୀ ସୀମା ବାଛାର ଧନ୍ୟବାଦ ଅର୍ପଣ କରିଥିଲେ।

## ମାଦକ ଦ୍ରବ୍ୟ ଚୋରା ଚାଲାଣ ରୋକିବାକୁ ବୈଠକ

ରାୟଗଡ଼ା,୧୩।୫(ସମିସ): ରାୟଗଡ଼ା ଜିଲ୍ଲାରେ ମାଦକ ଦ୍ରବ୍ୟ ଧରପଗଡ଼ ଓ ଚୋରା ଚାଲାଣ ରୋକିବା ନିମନ୍ତେ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସଂଯୁକ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ୍‌କୁମାରଙ୍କ ଉପସ୍ଥିତରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ବିଶେଷ କରି ଜିଲ୍ଲାରେ ମାଦକ ନିଶା ଦ୍ରବ୍ୟ ଗଞ୍ଜେଇ ଚାଷକୁ ରୋକିବା, ନିଶା ଦ୍ରବ୍ୟ କାରବାର ସମ୍ପର୍କରେ ଗୁପ୍ତ ତଥ୍ୟ ପ୍ରଦାନ, ବିଦ୍ୟାଳୟ, ମହାବିଦ୍ୟାଳୟରେ ନିଶା ନିବାରଣ ଉପରେ ସଚେତନତା, ମାଦକ ଦ୍ରବ୍ୟ କାରବାର ବହୁଳ ଅଞ୍ଚଳରେ ନିଶା ଦ୍ରବ୍ୟ କ୍ଷତିକାରକ ବିଷୟରେ ଜନସଚେତନତା ସୃଷ୍ଟି କରିବା, ଉନ୍ନୟନ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀ କରିବା ଏବଂ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକ୍ରମ ଜରିଆରେ ଏହି ଅଞ୍ଚଳର ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ଉପରେ ଆଲୋଚନା କରାଯାଇଥିଲା। ଅବକାରୀ ବିଭାଗ ସକ୍ରୀୟ ରହି ନିଶାଦ୍ରବ୍ୟ କାରବାର ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଜିଲ୍ଲା ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, କୃଷି ଅଧିକାରୀ, ଜିଲ୍ଲା ପ୍ରାଣୀ ଚିକତ୍ସା ଅଧିକାରୀ, ଉଦ୍ୟାନ ବିଭାଗ , ଜିଲ୍ଲା ମତ୍ସ୍ୟ ବିଭାଗର ଅଧିକାରୀ, , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ଜିଲ୍ଲା ଦକ୍ଷତା ଓ କର୍ମ ନିୟୋଜନ ଅଧିକାରୀ ତତ୍ତ୍ୱମୋସୀ ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ରେଳ ବିଭାଗ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜବାହର ନବୋଦୟ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା

ତେନ୍ତୁଲିଖୁଣ୍ଟି,୧୩।୫(ସମିସ): ନବରଙ୍ଗପୁର ଜିଲ୍ଲା ଖାତିଗୁଡ଼ାସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ପରୀକ୍ଷାର୍ଥୀ ସିବିଏସଇ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ଲାଭ କରିଛନ୍ତି। ୧୦ମ ପରୀକ୍ଷାରେ ଛାତ୍ରୀ ବିଷ୍ଣୁପ୍ରିୟା ଗଣ୍ଡ ସର୍ବାଧିକ ୯୫ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଥିବା ବେଳେ +୨ କଳା ବିଭାଗ ରେ ଛାତ୍ର ପ୍ରୀତମ୍ ଜୀତ ନାୟକ ସର୍ବାଧିକ ୯୨.୬ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ସେହିଭଳି +୨ ବିଜ୍ଞାନ ବିଭାଗରେ ଛାତ୍ର ପବିତ୍ର ସାନ୍ତା ୮୭.୮ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ତେବେ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଉଭୟ ୧୦ମ ଏବଂ ଦ୍ୱାଦଶ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଶତ ପ୍ରତିଶତ ସଫଳତା ଲାଭ କରିଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତାରେ ବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ସାହୁ ଖୁସିବ୍ୟକ୍ତ କରିବାସହ ସଫଳତାର ଶ୍ରେୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ପ୍ରଦାନ କରିଛନ୍ତି। ନବୋଦୟ ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ତଥା ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ସାମଗ୍ରିକ ସଫଳତାର ଶ୍ରେୟ ସଭିଙ୍କୁ ପ୍ରଦାନ ପୂର୍ବକ ସାଧୁବାଦ ଜଣାଇଛନ୍ତି।

## ବୈପାରୀଗୁଡ଼ା ଆଦର୍ଶ ବିଦ୍ୟାଳୟର ସଫଳତା

ବୈପାରୀଗୁଡ଼ା,୧୩।୫(ସମିସ): ସିବିଏସଇ ପରୀକ୍ଷା ଫଳକୁ ନେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୈପାରୀଗୁଡ଼ାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ଦ୍ୱାଦଶ ଶ୍ରେଣୀରେ ଛାତ୍ର ବିଭୁପ୍ରସାଦ ପାଳ ୬୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ କୃତିବନ୍ଧୁ ବରାଡ଼ ୯୧ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦଶମ ଶ୍ରେଣୀର ମୋଟ ୫୨ ଜଣ ପରୀକ୍ଷା ଦେଇଥିବା ବେଳେ ୪୩ ଜଣ ପାସ୍ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀର ମୋଟ ୯ ଜଣ ପରୀକ୍ଷା ଦେଇଥିବା ବେଳେ ୭ ଜଣ ପାସ ହୋଇଛନ୍ତି।





କୋରାପୁଟ ଜିଲ୍ଲା ସେମିଳିଗୁଡା ଅଗ୍ନି ଗଙ୍ଗାମା ଯାତ୍ରାର ବିଶେଷ ଦୃଶ୍ୟ

■ ରଥଖଳାରୁ...

# ସରିଲା ପଇ ବିନ୍ଧ ଅନୁକୂଳ



ପୁରୀ,୧୩।୫(ସମିସ): ରଥଖଳାରେ ତିଆରି ଚାଲିଛି ତିନିରଥ। ବର୍ତ୍ତମାନ ପ୍ରମୁଖ କାମ ମଧ୍ୟରେ ତୁମ୍ୱରେ ଅର ପିନ୍ଧା ଯାଉଛି। ମଙ୍ଗଳବାର ତିନିରଥର ପଇ ବିନ୍ଧ ଅନୁକୂଳ ହୋଇଥିଲା। ଏହାପରେ ପଇ ବିନ୍ଧ କାମ ଚାଲିଛି। ପ୍ରତ୍ୟେକ ରଥର ୪ଟି ଲେଖାଏଁ ମୋଟ୍ ୧୨ଟି ତୁମ୍ୱରେ ଅର ପିନ୍ଧା ଯାଇଛି। ଆସନ୍ତା ୧୯ ତାରିଖ ଭଉଁରୀରେ ଚକଡେରା ନୀତି ଥିବାରୁ ପ୍ରଥମେ ୬ଟି ଚକ କାମ ସମ୍ପୂର୍ଣ୍ଣ କରିବାକୁ ଲାଗିପଡ଼ିଛନ୍ତି ମହାରଣା ସେବକ। ଅନ୍ୟପକ୍ଷରେ ରଥଖଳାରେ କୋଣଗୁଜ କାଠ ଚଉପଟ କରାଯାଉଛି। ରୂପକାର ସେବକମାନେ କୋଣଗୁଜରେ ନୃସିଂହ ବିରାଳ ରୂପ ଖୋଦେଇ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୧ଟି ଲେଖାଏଁ ଗୁଜରେ ଖୋଦେଇ ଚାଲିଛି। ତିନିରଥ ମହାରଣା ସେବକମାନେ ଗୁଜ, ଜଳଯନ୍ତ୍ର, ତିଖ ଗୁଜ ଚଉପଟ କରିଛନ୍ତି। ସେହିପରି ପଇ ବିନ୍ଧ କରାଯାଉଥିବା ବେଳେ ଅରମୁଣ୍ଡି ହଣାଯାଉଛି। ଭୋଇ ସେବକମାନେ ଯନ୍ତାଗାଡ଼ରେ ସିଙ୍ଗଡ଼ା ବାଡ଼ିଆ ଅର୍ଥାତ୍ ତୁମ୍ୱରେ ଅର ପିନ୍ଧାଇବା କାମ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଚକଡେରା ନୀତି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ପ୍ରତ୍ୟେକ ରଥର ୨ଟି ଲେଖାଏଁ ମୋଟ ୬ଟି ଚକ ପାଇଁ ପଦାରି ବଳା ନିର୍ମାଣ ସାରିଛନ୍ତି। ଏଥିସହ ୩ ରଥର ୮ଟି ଲେଖାଏଁ ମୋଟ ୨୪ଟି ପଦାରି ଚାବି ଶେଷ ହୋଇଛି। ସେହିପରି ୯ଟି ଚକ ପାଇଁ ଆବଶ୍ୟକ ଅରକଣ୍ଟା ତିଆରି ସାରିବା ପରେ ବାକି ଚକଗୁଡ଼ିକ ପାଇଁ ଅରକଣ୍ଟା ଏବଂ ପଦାରି ବଳା ନିର୍ମାଣ ଜାରି ରଖିଛନ୍ତି।

ଦୋଳବେଦୀଠାରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଏବଂ ରଥଯାତ୍ରାରେ ମହାପ୍ରଭୁଙ୍କ ସେବା ପୂଜା ପାଇଁ ଆବଶ୍ୟକ କାଠ ନିର୍ମିତ ସରଞ୍ଜାମ, ଶ୍ରୀମନ୍ଦିର ବଢ଼େଇ କର୍ମଚାରୀ ବସନ୍ତ ମହାରଣାଙ୍କ ସହଯୋଗରେ ପହି ମହାରଣା ନିର୍ମାଣ କରୁଛନ୍ତି। ଆଜି ସୁଦ୍ଧା ପାଟ ଦଉଡ଼ି ବୋଳିବା ପାଇଁ ବାଉଁଶ ନଳ, ବାଉଁଶ କାଠି, ପୂଜାପଣ୍ଡା ସେବକଙ୍କ ପାଇଁ କୁରୁମ୍ ପିଢ଼ା, ରନ୍ଧା କାର୍ଯ୍ୟ ପାଇଁ ଅଞ୍ଜନା କାଠି ନିର୍ମାଣ ଶେଷ କରିଛନ୍ତି।

**ଦିଗହରା ମିଶନ ଶକ୍ତି**

# ପିସି ନ ଦେଲେ ମିଳୁନି ରିଭଲ୍‌ଭିଂ ପାଣ୍ଠି

ବଲାଙ୍ଗିର,୧୩।୫ (ସମିସ): ବିଜେଡି ସରକାର ସମୟରେ ମିଶନ୍ ଶକ୍ତି ମହିଳାଙ୍କୁ ମିଳିଥିଲା ଆତ୍ମନିର୍ଭରଶୀଳତାର ସଞ୍ଜୀବନୀ। ମିଶନ ଶକ୍ତି ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ବ୍ୟାଙ୍କ ଜରିଆରେ ସରକାର ଋଣ ପ୍ରଦାନର ବ୍ୟବସ୍ଥା କରିଥିଲେ। ଅନେକ ମହିଳା ଏହାର ସୁଯୋଗ ନେଇ ସ୍ୱାବଲମ୍ବୀ ହେବା ସହ ପରିବାରର ଅର୍ଥନୈତିକ ମେରୁଦଣ୍ଡକୁ ସୁଧାରି ପାରିଥିଲେ। କିନ୍ତୁ ସରକାର ବଦଳିବା ପରେ ଏସ୍‌ଏଚ୍‌ଜି ମହିଳାମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଶେଷରେ ରାଜ୍ୟ ସରକାରଙ୍କ ରିଭଲଭିଂ ସହାୟତା ପାଣ୍ଠି ପାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ଟଙ୍କା ସଂଗ୍ରହ କରାଯାଉଥିବା ଅଭିଯୋଗ ହୋଇଛି।

ରାଜ୍ୟରେ ସରକାର ବଦଳିବା ପରେ ମିଶନ ଶକ୍ତି ମହିଳାମାନଙ୍କ ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ପୂର୍ବ ସରକାର ସମୟରେ ଉକ୍ତ ମହିଳାମାନଙ୍କ ପାଇଁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ବିଜେପି ସରକାର ଆସିବା ପରେ ସେହି ସବୁ କାର୍ଯ୍ୟକ୍ରମକୁ ଅଣଦେଖା କରିଥିବା ଅଭିଯୋଗ ହୋଇଥିଲା। କିନ୍ତୁ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମିଶନ୍ ଶକ୍ତି କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ଏହିକ୍ରମରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ପୁନଃ ସହାୟତା ପ୍ରଦାନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ତେବେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ରିଭଲଭିଂ ପାଣ୍ଠି ପ୍ରଦାନର ବ୍ୟବସ୍ଥା କରିଥିଲେ। ଯାହାର ପ୍ରକ୍ରିୟା ବଲାଙ୍ଗିର ଜିଲ୍ଲାରେ ଆରମ୍ଭ ହୋଇଛି। କିନ୍ତୁ ଆରମ୍ଭରୁ ହିଁ ଏହି ପାଣ୍ଠି ପ୍ରଦାନ ପାଇଁ ଟଙ୍କା କାରବାର ଆରମ୍ଭ ହୋଇଥିବା ଅଭିଯୋଗ ହୋଇଛି। ଏହାର ଏକ ଉଦାହରଣ ଲୋଇସିଂହା ବ୍ଲକ୍‌ରୁ ଆସିଛି।

ଅଭିଯୋଗ ଅନୁସାରେ, ଲୋଇସିଂହା ବ୍ଲକରେ ରିଭଲଭିଂ ପାଣ୍ଠି ପାଇଁ ଟଙ୍କା ମଗାଯାଉଥିବା ନେଇ ମହିଳାମାନେ ସୋମବାର ବିଡିଓ ଓ ବ୍ଲକ ଅଧ୍ୟକ୍ଷଙ୍କ ପାଖରେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବାନୁସାରେ, ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଜୀବିକା ମିଶନ ଜରିଆରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ସହାୟତା ଟଙ୍କା ପ୍ରଦାନ କରିବେ। ନୂତନ ଏସ୍‌ଏଚ୍‌ଜିଙ୍କୁ ୩୦ ହଜାର ଟଙ୍କା ଓ ପୁରୁଣା ଏସ୍‌ଏଚ୍‌ଜିଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଯାହାକୁ ନେଇ ଏବେ କିଛି ଲାଭଖୋର୍ ମନୋବୃତ୍ତି ରଖିଥିବା କର୍ମଚାରୀ ସକ୍ରିୟ ହେବା ସହ ମହିଳାମାନଙ୍କୁ ଟଙ୍କା ମାଗୁଥିବା ଅଭିଯୋଗ ହୋଇଛି। ନୂଆ ଏସ୍‌ଏଚ୍‌ଜି ସଦସ୍ୟଙ୍କ ପ୍ରତି ୪ଶହ ଓ ପୁରୁଣା ଏସ୍‌ଏଚ୍‌ଜି ସଦସ୍ୟଙ୍କ ପ୍ରତି ୨ଶହ ଟଙ୍କା ସଂଗ୍ରହ କରାଯାଉଥିବା ଅଭିଯୋଗ ହୋଇଛି। ମହିଳାମାନେ ଉକ୍ତ ପାଣ୍ଠି ପାଇବା ଆଶାରେ ଟଙ୍କା ଦେଉଥିବା ବେଳେ ଏହାକୁ ନେଇ ଏସ୍‌ଏଚ୍‌ଜିମାନେ ପ୍ରଶ୍ନ ଉଠାଇବା ସହ ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କଠାରେ ଫେରାଦ ହୋଇଥିବା ଅଭିଯୋଗ ହୋଇଛି।

ତେବେ ଏହା କେବଳ ଲୋଇସିଂହା ବ୍ଲକ୍‌ରେ ନୁହେଁ, ଜିଲ୍ଲାର ସମସ୍ତ ୧୪ ବ୍ଲକ୍‌ରେ ଏହିଭଳି କାରବାର ଆରମ୍ଭ ହୋଇଥିବା ସୂଚନା ମିଳିଛି। ରିଭଲ୍‌ଭିଂ ପାଣ୍ଠି ସହାୟତା ପାଇବା ପାଇଁ କିଛି ମହିଳା ଉକ୍ତ ଟଙ୍କା ପ୍ରଦାନ କରୁଥିବା ବେଳେ ଆଉ କିଛି ମହିଳା ଏହାକୁ ପ୍ରତିବାଦ କରୁଛନ୍ତି। କିନ୍ତୁ ସେମାନଙ୍କୁ ଟଙ୍କା ନଦେଲେ ଉକ୍ତ ରିଭଲଭିଂ ଟଙ୍କା ପାଇବେ ନାହିଁ ବୋଲି ମିଶନ ଶକ୍ତିର କର୍ମଚାରୀମାନେ କହୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ତେବେ, ଏହିଭଳି ଏକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିବା ପରେ ମିଶନ ଶକ୍ତି ବିଭାଗର ଜିଲ୍ଲା ଅଧିକାରୀ ଅନିଲ ଧଡ଼ଙ୍ଗାଙ୍କୁ ପଚାରିବାର ପାଇଁ ଏକାଧିକଥର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ କିଛି ପ୍ରତିକ୍ରିୟା ମିଳିନାହିଁ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଯତ୍ନବାନ ହେବାସହ ଏହିଭଳି କାରବାର କରୁଥିବା କର୍ମଚାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

**ଲୁଗା ଶୁଖାଇବା ବେଳେ ଅଘଟଣ**

# ବିଦ୍ୟୁତ୍ ଆଘାତରେ ମା’-ପୁଅଙ୍କ ମୃତ୍ୟୁ

କେନ୍ଦୁଝର, ୧୩।୫(ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବଜାରରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ଆଘାତରେ ମା’-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ସ୍ଥାନୀୟ ଅଞ୍ଚଳର ସୌମ୍ୟରଞ୍ଜନ ବେହେରାଙ୍କ ସ୍ତ୍ରୀ କଳ୍ପନା ମହାକୁଡ଼ (୨୩) ଓ ତାଙ୍କ ଦୁଇ ବର୍ଷର ଶିଶୁପୁତ୍ର ଶୁଭ୍ରଜିତ ବେହେରା। ଏହି ଅଘଟଣରେ କଳ୍ପନାଙ୍କ ଶାଶୂ ଶାନ୍ତିଲତା ବେହେରା ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁସାରେ, ଆଜି ସକାଳ ପ୍ରାୟ ସାଢ଼େ ୧୦ଟାରେ କଳ୍ପନା ମହାକୁଡ଼ ଘର ଅଗଣାରେ ଲୁଗା ଶୁଖାଉଥିବା ବେଳେ ପାଖରେ ଯାଇଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। କଳ୍ପନା ବିଦ୍ୟୁତ୍ ଆଘାତରେ ଛଟପଟ ହେଉଥିବା ବେଳେ ମା’ର ଅବସ୍ଥା ଦେଖି ପାଖରେ ଖେଳୁଥିବା ତାଙ୍କର ଦୁଇବର୍ଷର ଶିଶୁପୁତ୍ର ତାଙ୍କୁ ଛୁଇଁଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ଶାଶୂ ଶାନ୍ତିଲତା ପାଖକୁ ଯାଇ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ତାଙ୍କୁ ମଧ୍ୟ ବିଦ୍ୟୁତ୍ ଆଘାତ ଲାଗିଥିଲା। ପରିବାରଲୋକେ ସମସ୍ତଙ୍କୁ ବାଂଶପାଳ ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ମା’-ପୁଅଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଶାନ୍ତିଲତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ନୟାକୋଟ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆଜି ଏସ୍‌ଆଇ ଫୁଲଜେନ୍ସ ଟିଗା ଓ ପୁରୁଷୋତ୍ତମ ପଟେଲ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

■ ହାଇକୋର୍ଟରେ ନର୍ଲା ନିର୍ବାଚନୀ ମାମଲା

# ମୁଦା ଲଫାଫାରେ ଦସ୍ତାବିଜ ଦାଖଲ କରିବାକୁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

କଟକ, ୧୩।୫(ସମିସ): ନର୍ଲା ବିଧାନସଭା ଆସନ ନିର୍ବାଚନ ଅନିୟମିତା ଅଭିଯୋଗରେ ଦାୟର ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ରୁଜୁ ଅନ୍ତରୀଣ ଆବେଦନର ଶୁଣାଣି କରିଛନ୍ତି ହାଇକୋର୍ଟ। ମାମଲାର ଗମ୍ଭୀରତା ଦୃଷ୍ଟିରୁ ସମସ୍ତ ଅସଲ ଦସ୍ତାବିଜ ଦାଖଲ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଥିଲେ। ଏହାକୁ ହାଇକୋର୍ଟ ଗ୍ରହଣ କରିବା ସହ ମୁଦା ଲଫଫାରେ ସମସ୍ତ ଅସଲି ରେକର୍ଡପତ୍ରକୁ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରିବାକୁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଭକ୍ତଚରଣ ଦାସଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ବିଜୁ ଜନତା ଦଳ ପ୍ରାର୍ଥୀ ମନୋରମା ମହାନ୍ତି ନର୍ଲା ଆସନରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଶିକ୍ଷାଗତ ଯୋଗ୍ୟତା ପ୍ରସଙ୍ଗରେ ସେ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦେଇଥିବା ଅଭିଯୋଗରେ କଂଗ୍ରେସ ପ୍ରାର୍ଥୀ ଭକ୍ତଚରଣ ଦାସ ଏକ ନିର୍ବାଚନୀ ମକଦ୍ଦମା ଦାୟର କରିଥିଲେ। ଶ୍ରୀ ଦାସଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ମାମଲା ପରିଚାଳନା କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୫ ତାରିଖକୁ ଧାର୍ଯ୍ୟ କରାଯାଇଛି।

# ଦୁଇ ହତ୍ୟାକାରୀଙ୍କୁ ଆଜୀବନ

କୋରାପୁଟ, ୧୩।୫ (ସମିସ): ଏକ ହତ୍ୟା ମାମଲାର ବିଚାର କରି କୋରାପୁଟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦୁଇ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ସେମାନେ ହେଲେ, ପାଡୁଆ ଥାନା ଭେଜା ପଞ୍ଚାୟତ ବଦଲିଗୁଡ଼ା ଗ୍ରାମର ଜୟ ଖରା ଏବଂ ବାସୁଦେବ କିର୍ଷାନି। ୨୦୧୯ ମାର୍ଚ୍ଚ ୭ତାରିଖ ରାତିରେ ଏମାନେ ଗ୍ରାମର ଲବକୁଶ ତାଙ୍ଗୁଲ (୨୫)କୁ ହତ୍ୟା କରିଥିଲେ। ଜୟ ଓ ବାସୁଦେବ ଉକ୍ତ ଦିନ ରାତି ପ୍ରାୟ ୮ଟା ବେଳେ ଲବକୁଶଙ୍କୁ ଘରୁ ଡାକି ନେଇ ହତ୍ୟା କରିଥିଲେ। ଘଟଣାର ପରଦିନ ଭୋର୍‌ରେ ଏକ ଗଛ ନିକଟରେ ତାଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପାଡୁଆ ପୁଲିସ୍ ଏନେଇ ଏକ ହତ୍ୟା ମାମଲା ରୁଜୁ କରିବା ସହ ତଦନ୍ତ କରି ଜୟ ଓ ବାସୁଦେବଙ୍କୁ ଗିରଫ କରିଥିଲା।

# ଦମ୍ପତିଙ୍କୁ ହାଣି ଲୁଟିନେଲେ ଗହଣା

କଲ୍ୟାଣସିଙ୍ଗପୁର/ଶିକରପାଇ, ୧୩।୫(ସମିସ): ଭୁଜାଲିରେ ଆକ୍ରମଣ କରି ଦମ୍ପତିଙ୍କଠାରୁ ଗହଣା ଲୁଟ୍। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଶିକରପାଇ ଗାଁରେ ଏହି ଆପରାଧିକ ଘଟଣା ଘଟିଛି। ବ୍ୟବସାୟୀ ଗୋପାଳଚେଟି ଉପେନ୍ଦ୍ରଙ୍କ ଲୁଟ୍‌ର ଶିକାର ହୋଇଛନ୍ତି। ଗତକାଲି ବିଳମ୍ବିତ ରାତି ପ୍ରାୟ ୨ଟାରେ ୪ରୁ ୬ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ତାଙ୍କ ଘରେ ପଶି ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ପରେ ତାଙ୍କ ସ୍ତ୍ରୀ ଶାନ୍ତି ପିନ୍ଧିଥିବା ପ୍ରାୟ ୧୪ଭରି ସୁନା ଅଳଙ୍କାର ଗହଣା ଛଡ଼ାଇନେବା ସହିତ ଘରେ ଥିବା ପୁରୁଣା ସିନ୍ଧୁକ ମଧ୍ୟ ଉଠାଇ ନେଇଯାଇଛନ୍ତି। ସେଥିରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ରହିଥିଲା। ଏହାସହ ଉପେନ୍ଦ୍ରଙ୍କ ବାଇକ୍ ମଧ୍ୟ ଚୋରି କରି ନେଇଛନ୍ତି। ଦୁର୍ବୃତ୍ତଙ୍କ ଭୁଜାଲି ମାଡ଼ରେ ଗୋପାଳଚେଟି ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ରାୟଗଡ଼ା ଏସ୍‌ଡିପିଓ ଗୌରହରୀ ସାହୁ ଓ କଲ୍ୟାଣସିଂହପୁର ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରାୟଗଡ଼ାରୁ ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର ଚୋରଙ୍କ ସମ୍ପୃକ୍ତି ଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରିଥିବା ବେଳେ ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ଦିଗକୁ ନେଇ ତଦନ୍ତ ଜାରି ରହିଥିବା ଏବଂ ଯଥାଶୀଘ୍ର ଦୁର୍ବୃତ୍ତଙ୍କୁ ଧରାଯିବ ବୋଲି ଏସ୍‌ଡିପିଓ ଗୌରହରି ସାହୁ ପ୍ରକାଶ କରିଛନ୍ତି।

# ୧୪ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୧୩।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲ୍ଲା ଅନ୍ତର୍ଗତ ଦକ୍ଷିଣ ବସ୍ତର ଡିଭିଜନ୍‌ରେ ସକ୍ରିୟ ୫ମହିଳା ମାଓବାଦୀଙ୍କ ସମେତ ମୋଟ ୧୪ଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୮ଜଣଙ୍କ ନାମରେ ଛତିଶଗଡ଼ ସରକାର ମୋଟ ୧୬ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ସୁକମା ପୁଲିସ୍ ଅଧୀକ୍ଷକ କିରଣ ଚୌହାନଙ୍କ ନିକଟରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଥିବା ବେଳେ ଏମାନଙ୍କୁ ୫୦ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ ସହ ଆଗାମୀ ଦିନରେ ସରକାରୀ ନୀତି ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ

ବ୍ରହ୍ମପୁର,୧୩।୫(ସମିସ): ବ୍ରହ୍ମପୁର ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ପ୍ରଣତି ପଟ୍ଟନାୟକ ଆଜି ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେ ହେଲା, ବିହାର ବକ୍ସର ଜିଲ୍ଲାର ବକ୍ସର ଗ୍ରାମର ଗୁଡ୍ଡୁ ରାଜଭର (୨୨)। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୧୦ଲକ୍ଷ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ଦେବାକୁ ଡିଏଲ୍‌ଏସ୍‌ଏକୁ କୋର୍ଟ ନିଜ ରାୟରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳର ନାବାଳିକାଜଣଙ୍କ ସପରିବାରେ ୨୦୨୪ରେ ହାଇଦ୍ରାବାଦରେ ରହୁଥିଲେ। ସେଠାରେ ନାବାଳିକାଜଣଙ୍କ ୯ମ ଶ୍ରେଣୀରେ ପଢୁଥିଲେ। ଗୁଡ୍ଡୁ ମଧ୍ୟ ସେହି ନିକଟରେ ରହି ଏକ କମ୍ପାନୀରେ କାମ କରୁଥିଲା। ସେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲା। ନାବାଳିକାଜଣଙ୍କ ଗର୍ଭବତୀ ହେବାରୁ କଥା ପଦାକୁ ଆସିଥିଲା। ଏନେଇ ପରିବାରଲୋକେ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୁଲିସ୍ ନମ୍ବର ୩୯୩/୨୪ରେ ଏକ ରୁଜୁ କରି ତଦନ୍ତ କରିଥିଲା। ପୁଲିସର ଏକ ଟିମ୍ ହାଇଦ୍ରବାଦରୁ ଗୁଡ୍ଡୁକୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ଚଙ୍ଗେଇସଭା ନାଁରେ ଧର୍ମାନ୍ତରୀକରଣ ଅଭିଯୋଗ

ସୁନ୍ଦରଗଡ଼, ୧୩।୫(ସମିସ): ଆଦିବାସୀବହୁଳ ସୁନ୍ଦରଗଡ଼ ଜିଲ୍ଲାର ଅନେକ ବ୍ଲକର ଗ୍ରାମାଞ୍ଚଳଗୁଡ଼ିକରେ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଚଙ୍ଗେଇସଭା ନାଁରେ ଧର୍ମ ପରିବର୍ତ୍ତନ କରୁଥିବା ଅଭିଯୋଗ ହୋଇଛି। ନୀତିନିୟମର ଉଲ୍ଲଂଘନ କରାଯାଇ ଚେଙ୍ଗେଇ ସଭା ମାଧ୍ୟମରେ ଶହଶହ ସଂଖ୍ୟାରେ ବିଭିନ୍ନ ଜାତି ଧର୍ମର ଲୋକଙ୍କୁ ଏକତ୍ରିତ କରି ରୋଗରୁ ମୁକ୍ତି ପାଇବା, ଭାଗ୍ୟ ପରିବର୍ତ୍ତନ ହେବା, ଦୀର୍ଘ ବର୍ଷରୁ ଦୁରାରୋଗରେ ଆକ୍ରାନ୍ତ ରୋଗୀ ଭଲ ହୋଇଯିବା, ମୃତ ବ୍ୟକ୍ତି ଜୀବିତ ହେବା ଭଳି ଅନେକ ସମ୍ବେଦନଶୀଳ କଥା କହି ଲୋକଙ୍କୁ ଧର୍ମ ପରିବର୍ତ୍ତନ କରାଉଥିବା ଅଭିଯୋଗ ହୋଇଛି। ଲେଫ୍ରିପଡ଼ା ବ୍ଲକର ଚମ୍ପିଆପଡ଼ାରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କେତେକ ଅସାଧୁ ବ୍ୟକ୍ତି ଆସନ୍ତା ୧୫ ତାରିଖରେ ଏପରି ଏକ ସଭାର ଆୟୋଜନ କରିବାକୁ ଥିବା ଏବଂ ଏଥିରେ ଓଡ଼ିଶା ସମେତ ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ରାଜ୍ୟର ଅନେକ ଲୋକ ଯୋଗ ଦେବା ନେଇ ସୂଚନା ମିଳିଛି। ଏହି ସଭା ପାଇଁ ସରକାରୀସ୍ତରରୁ କୌଣସି ଅନୁମତି ମିଳି ନଥିବା ବେଳେ କିପରି ଓ କାହା ଭରସାରେ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ବଜରଙ୍ଗ ଦଳ ସମେତ ବିଭିନ୍ନ ଅନୁଷ୍ଠାନ ପ୍ରଶ୍ନ ଉଠାଇବା ସହ ଏହାର ବିରୋଧ କରିଛନ୍ତି। ଅତୀତରେ ଟାଙ୍ଗରପାଲି ବ୍ଲକର ବାଲିଜୋରି ଲାଲଡିପାରେ ମଧ୍ୟ ଏପରି ଏକ ସଭା ଆୟୋଜିତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାହାକୁ ବିରୋଧ କରିଥିବା ନଜରକୁ ଆସିଥିଲା। ଏ ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି କରାଯାଇଛି।

# ପାକିସ୍ତାନୀ ଭିଡିଓ ପୋଷ୍ଟ କରି ଯୁବକ ଗିରଫ



ସମ୍ବଲପୁର, ୧୩।୫ (ସମିସ): ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି ଲାଗି ରହିଥିବା ବେଳେ ସାମାଜିକ ଗଣମାଧ୍ୟମ ‘ଫେସବୁକ୍’ ଆକାଉଣ୍ଟରେ ପାକିସ୍ତାନୀ ଭିଡିଓ ପୋଷ୍ଟ କରି ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ, ରେଙ୍ଗାଲି ଥାନା ଅନ୍ତର୍ଗତ ରାମଚନ୍ଦ୍ର ନଗରର ମହମ୍ମଦ ଜାଭେଦ। ମଙ୍ଗଳବାର ସେ ତାଙ୍କ ଫେସବୁକ୍ ଆକାଉଣ୍ଟରେ ଏକ ପାକିସ୍ତାନୀ ଭିଡିଓ ପୋଷ୍ଟ କରିଥିଲେ। ଏହା ଭାରତ ବିରୋଧୀ ଓ ଧର୍ମ ବିରୋଧୀ ବୋଲି ବିଶ୍ୱହିନ୍ଦୁ ପରିଷଦର କୋଷାଧ୍ୟକ୍ଷ ଚମ୍ପେଶ୍ୱର୍ ଅଗ୍ରୱାଲ ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ଜାଭେଦକୁ କୋର୍ଟଚାଲାଣ କରିଛି।

**ନବଜାତ ଶିଶୁକନ୍ୟା ଓ ଆଇସିୟୁରେ ଅସୁସ୍ଥ ପତ୍ନୀଙ୍କୁ ଛାଡ଼ି ସୀମାକୁ ଯାଇଥିଲେ ଯବାନ**

# ଜୀବନ ଯୁଦ୍ଧରେ ହାରିଗଲେ ଲିପି





ସମ୍ବଲପୁର/ଝାରସୁଗୁଡ଼ା, ୧୩।୫ (ସମିସ): ଦୀର୍ଘ ୧୫ଦିନ ଧରି ଆଇସିୟୁରେ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି ଯବାନ ଦେବରାଜ ଗଣ୍ଡଙ୍କ ସ୍ତ୍ରୀ ଲିପି ଗଣ୍ଡ। ସୋମବାର ବିଳମ୍ବିତ ରାତିରେ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଆଜି ସକାଳେ ଲିପିଙ୍କ ମରଶରୀର ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଟେଙ୍ଗନାମାଲରେ ପହଞ୍ଚିବା ପରେ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା।

ଅନ୍ୟପଟେ, ସ୍ତ୍ରୀ ଓ ନବଜାତ ଝିଅକୁ ଚିକିତ୍ସାଳୟରେ ଛାଡ଼ି ଦେଶ ସେବା ପାଇଁ ବାହାରି ପଡ଼ିଥିବା ଯବାନ ଦେବରାଜ ଏହି ଖବର ଶୁଣି ଅବାକ୍ ହୋଇପଡ଼ିଛନ୍ତି। ଶେଷ ଦର୍ଶନ ପାଇଁ ଦେବରାଜ ଅରୁଣାଚଳପ୍ରଦେଶରୁ ବିମାନ ଯୋଗେ ଆଜି ରାତି ପ୍ରାୟ ୮ଟାରେ ଝାରସୁଗୁଡ଼ାରେ ବିମାନ ଯୋଗେ ପହଞ୍ଚିଛନ୍ତି। ଲିପିଙ୍କ ମରଶରୀର ଧରି ଦେବରାଜ କାନ୍ଦିବା, ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ପରେ ଗାଁ ମଶାଣିରେ ଲିପିଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା।

ସ୍ତ୍ରୀ ଏବଂ ନବଜାତ ଝିଅକୁ ହସ୍ପିଟାଲରେ ଛାଡ଼ି ସୀମା ଅଭିମୁଖେ ଯିବା ସମୟରେ ପୁଣି ଫେରିଲେ ଝିଅ ସ୍ତ୍ରୀ ସହ ହସଖୁସିର ସଂସାର କରିବେ ବୋଲି ସ୍ୱପ୍ନ ଦେଖିଥିଲେ ଦେବରାଜ। ହେଲେ ସବୁ ଓଲଟ ପାଲଟ ହୋଇଗଲା। ଚିକିତ୍ସା ଅବହେଳାରୁ ଲିପିଙ୍କ ମୃତ୍ୟୁ ଘଟିଥିବା ଦେବରାଜଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ସେମାନଙ୍କ ସୂଚନାନୁଯାୟୀ, ଲିପି ଗର୍ଭବତୀ ଥିବାରୁ ଦେବରାଜ ଗତ ଏପ୍ରିଲ ୧୮ରେ ଘରକୁ ଆସିଥିଲେ। ଚଳିତ ମାସ ୨୦ ତାରିଖ ଯାଏ ତାଙ୍କର ଛୁଟି ଥିଲା। ଗତ ୨୬ ତାରିଖରେ ପ୍ରସବ ପାଇଁ ଡାକ୍ତର ତାରିଖ ଦେଇଥିଲେ ହେଁ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପ୍ରସବ ନ ହେବାରୁ ଗତ ୨୮ ତାରିଖରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ସେଠାରେ ଏକ ଶିଶୁକନ୍ୟା ମଧ୍ୟ ଜନ୍ମ ନେଇଥିଲା। କିନ୍ତୁ ପ୍ରସବ ପରଠାରୁ ଲିପଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କ ଶ୍ୱାସକ୍ରିୟାରେ ସମସ୍ୟା ହେବାରୁ ୨୯ତାରିଖରେ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଆଇସିୟୁରେ ରଖାଯାଇଥିବା ବେଳେ ତାଙ୍କର ଚେତା ଫେରି ନଥିଲା। ଫଳରେ ନବଜାତ ଶିଶୁକନ୍ୟାକୁ ଧରି ହସ୍ପିଟାଲରେ ସ୍ତ୍ରୀକୁ ଜଗି ରହିଥିଲେ ଦେବରାଜ। ହେଲେ, ଗତ ୧୦ ତାରିଖ ରାତିରେ ହଠାତ୍ ଦେବରାଜଙ୍କୁ ବାଟାଲିୟନରୁ ଡକରା ଆସିଥିଲା। ୧୧ ତାରିଖରେ କର୍ତ୍ତବ୍ୟ ପଥକୁ ବାହାରି ପଡ଼ିଥିଲେ ଦେବରାଜ। ପଛରେ ଛାଡ଼ି ଯାଇଥିଲେ ଅସୁସ୍ଥ ପତ୍ନୀ ଓ ୧୩ଦିନର ନବଜାତକକୁ।

■ ଚିକିତ୍ସା ଅବହେଳା ଅଭିଯୋଗ ଆଣିଲେ ପରିବାର

■ ଶୋକକୁଳ ପରିବେଶରେ ଶେଷକୃତ୍ୟ ସଂପନ୍ନ

**ସିଙ୍ଗାପୁରରେ ୫ମ ଷ୍ଟାର ଓଡିଆ ଫିଲ୍ମ ଆୱାର୍ଡସ୍ ଉତ୍ସବ**

# ସବ୍ୟସାଚୀ ମହାପାତ୍ରଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ୍ ଆୱାର୍ଡ



ଭୁବନେଶ୍ୱର,୧୩।୫(ସମିସ): ଆର୍‌ଆର୍ ଇଭେଣ୍ଟସ୍ ଆଣ୍ଡ ସିନେ ପ୍ରଡକସନ୍ସ ପ୍ରଯୋଜିତ ୫ମ ଷ୍ଟାର୍ ଓଡ଼ିଆ ଫିଲ୍ମ ଆୱାର୍ଡସ୍-୨୦୨୫ ସିଜନ୍-୬ ସିଙ୍ଗାପୁର ଓଡ଼ିଆ ସମାଜ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାତୀୟ ପୁରସ୍କାରପ୍ରାପ୍ତ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସିନେ ନିର୍ମାତା ସବ୍ୟସାଚୀ ମହାପାତ୍ରଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ୍ ଆୱାର୍ଡ ପ୍ରଦାନ କରାଯାଇଛି।

ସିଙ୍ଗାପୁରରେ ଆୟୋଜିତ ଏହି ଉତ୍ସବରେ ଚଳିତ ଥର ମୋଟ୍ ୩୨ଟି ବର୍ଗରେ ବିଭିନ୍ନ ଷ୍ଟାର୍‌ମାନଙ୍କୁ ପୁରସ୍କୃତ କରାଯାଇଛି। ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର “ପାୱାର୍’କୁ ମିଳିଛି ଓ ଏହା ନିର୍ଦ୍ଦେଶକ ଅଶୋକ ପତିଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି ସଙ୍ଗୀତ ନିର୍ଦ୍ଦେଶକ ଗୌରବ ଆନନ୍ଦ, ଅଭିନେତା ବାବୁସାନ ଓ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କୁ ପୁରସ୍କୃତ କରାଯାଇଛି। ବେଷ୍ଟ ପରଫର୍ମର ଅଫ୍ ଦ ଇୟର ପୁରସ୍କାର ଆକାଶ ଦାସ ନାୟକ, ବେଷ୍ଟ ପରଫର୍ମର ଅଫ ଦ ଇୟର ମହିଳା ବିଭାଗରେ ପୁନମ ମିଶ୍ର, ଓଲିଉଡ଼ ଡିଭା ଶୀତଲ ପାତ୍ର, ଆଉଟଷ୍ଟାଣ୍ଡିଙ୍ଗ ପରଫର୍ମର ସମ୍ମାନ ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବରେ ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା, ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟ, ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକ, ବିଧାୟକ ପ୍ରଶାନ୍ତ ଜଗଦେବ, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର, କିଶୋର ଦ୍ୱିବେଦୀ, ଅଭିନେତ୍ରୀ ସ୍ନିଗ୍ଧା ମହାନ୍ତି, ସ୍ୱଦୀପ ଛୋଟରାୟ, ଆର୍‌ଆର୍ ଇଭେଣ୍ଟସ୍ ଆଣ୍ଡ ସିନେ ପ୍ରଡକସନ୍ସ ମୁଖ୍ୟ ତଥା ପ୍ରଯୋଜକ ରମେଶ ବାରିକ, ସିଙ୍ଗାପୁର ଓଡ଼ିଆ ସମାଜ ସଭାପତି ସୁବ୍ରତ ନାୟକ, ସମ୍ପାଦକ ହେମନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତେବେ ଆସନ୍ତା ବର୍ଷ ଲଣ୍ଡନରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ଘୋଷଣା ହୋଇଥିବା ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଥିବା ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ପରିବାର ସହ ହସଖୁସିର ସମୟ ଅତିବାହିତ କରିବେ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବ୍ୟବସାୟରେ ବାଧା ଆସିପାରେ । ମନୋରଞ୍ଜନରେ ସମୟ ଅତିବାହିତ ହେବ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଦୀର୍ଘ ଦିନର ଆଶା ପୂରଣ ହେବ।

## ଆଜିର ଇତିହାସ

- ୧୯୪୪-ବ୍ରିଟିଶ୍ ସୈନିକ ନାଗାଲାଣ୍ଡର କୋହିମା ଉପରେ କବ୍‌ଜା କଲେ।
- ୧୯୬୩- କୁଏତ୍ ମିଳିତ ଜାତିସଂଘର ୧୧୧ତମ ଦେଶ ହେଲା।
- ୧୯୯୯- ଇଂଲଣ୍ଡର ଲର୍ଡସ୍‌ରେ ବିଶ୍ୱକପ୍ କ୍ରିକେଟ୍ ଆରମ୍ଭ ହେଲା।
- ୨୦୦୧-ଭାରତ ଓ ମାଲେସିଆ ମଧ୍ୟରେ ସାତୋଟି ବୁଝାମଣା ସ୍ୱାକ୍ଷରିତ ହେଲା।
- ୨୦୧୩- ସମଲିଙ୍ଗୀ ବିବାହକୁ ଅନୁମତି ଦେବାରେ ବ୍ରାଜିଲ୍ ୧୫ତମ ଦେଶ ହେଲା।

# ରିଭର୍ସ ପ୍ୟାରେଣ୍ଟିଂ: ପିଲା କରୁଛନ୍ତି ଘର କାମ



ସାଧାରଣତଃ କୁନି କୁନି ପିଲାମାନେ ପ୍ରତିଟି କାର୍ଯ୍ୟ ପାଇଁ ବାପାମାଆଙ୍କ ଉପରେ ନିର୍ଭର କରିଥାନ୍ତି। ସେହିପରି ପିଲାଙ୍କୁ ଖୁଆଇବା, ଶୁଆଇବା କାମ ବାପାମାଆମାନେ ହିଁ କରନ୍ତି। ହେଲେ ଏବେ ଏହାର ଓଲଟା ଦୃଶ୍ୟ ଦେଖିବାକୁ ମିଳିଛି। ଏବେ ବାପାମାଆ ବସି ଆରାମ କରୁଥିବାବେଳେ ସେମାନଙ୍କ ପିଲାମାନେ ଘରର ସମସ୍ତ କାମ କରୁଛନ୍ତି। ଏଭଳି କିଛି ଦୃଶ୍ୟ ଚୀନ୍‌ରେ ଦେଖିବାକୁ ମିଳୁଛି। ଏଠାକାର ସାମାଜିକ ଗଣମାଧ୍ୟମରେ 'ରିଭର୍ସ ପ୍ୟାରେଣ୍ଟିଂ' ନାଁରେ ଏକ ଅଜବ ଧାରା ଭାଇରାଲ ହେଉଛି। ଏଥିରେ କୁନି କୁନି ପିଲାମାନେ ସ୍କୁଲରୁ ଫେରିବା ପରେ ଘରର ସମସ୍ତ କାମ କରୁଛନ୍ତି। ସେମାନଙ୍କ ବାପା ମାଆମାନେ ବସିରହି ପିଲାମାନେ କାମଗୁଡ଼ିକୁ ଠିକ୍‌ସେ କରୁଛନ୍ତି କି ନାହିଁ ତାହା ତଦାରଖ କରୁଛନ୍ତି। ଚୀନ୍‌ର ଲିଓନିଙ୍ଗ ଅଞ୍ଚଳର ୟୁଆନୟୁଆନ ନାମକ କୁନି ପିଲାଟିର ଭିଡିଓ ମାଧ୍ୟମରେ ଏହି ଟ୍ରେଣ୍ଡକୁ ଦେଖାଯାଇଛି। ୟୁଆନୟୁଆନ ପ୍ରାଥମିକ ବିଦ୍ୟାଳୟର ଛାତ୍ର। ତା'ର ସାମାଜିକ ଗଣମାଧ୍ୟମରେ ୧୦ ଲକ୍ଷ ଅନୁଗାମୀ ଅଛନ୍ତି। ୟୁଆନୟୁଆନ ନିୟମିତ ତା'ର ଦିନଚର୍ଯ୍ୟାର ଭିଡିଓଗୁଡ଼ିକ କରେ। ଏ ଲାଗି ତାର ଅଭିଭାବକ ୟୁଆନୟୁଆନର ପୋଷାକରେ ମିନି କ୍ୟାମେରାଟିଏ ଲଗାଇଛନ୍ତି। ସପ୍ତାହକୁ ଦୁଇରୁ ତିନି ଦିନ ସେ ଭୋର ୫ଟାରୁ ଉଠେ। ସେ ପଡ଼ୋଶୀଙ୍କ କୁକୁରକୁ ବୁଲାଇବାକୁ ନିଏ। ସେ ଗୋଟିଏ କୁକୁରକୁ ବୁଲାଇବା ପାଇଁ ୮ ଶହ ଟଙ୍କା ନେଇଥାଏ। ନିୟମିତ ସେ ସ୍କୁଲରୁ ଫେରିବା ପରେ ଘର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରେ। ସେ ପ୍ରତିଦିନ ଦୁଇଟି ଆମିଷ ଏବଂ ଗୋଟିଏ ନିରାମିଷ ଭୋଜନ ପ୍ରସ୍ତୁତ କରିଥାଏ। ରୋଷେଇ ସାରିବା ପରେ ସେ ନିଜ ମା'ଙ୍କୁ ଖାଦ୍ୟ ପରଷିଥାଏ। ଅବଶ୍ୟ ଖାଦ୍ୟ ପ୍ରସ୍ତୁତି ସେ ଅନ୍‌ଲାଇନ୍ ଭିଡିଓରୁ ଶିଖିଛି। ସେହିପରି ୟୁଆନୟୁଆନ ସ୍କୁଲ ସହିତ ଘର କାମ ସମ୍ଭାଳୁଥିବା ଦେଖି ତାଙ୍କ ମା' ଖୁବ୍ ଖୁସି ଥିବା କହିଛନ୍ତି। ଅନ୍ୟପଟେ ଏଭଳି କରି ପିଲାଟି ରିଭର୍ସ ପ୍ୟାରେଣ୍ଟିଂକୁ ଏକ ନୂଆ ଦିଶା ଦେଖାଇଛି।

# ଜାହ୍ନବୀଙ୍କ ସ୍ଥାନ ନେଲେ ଶ୍ରୀଲୀଳା



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ କରନ୍ ଜୋହର୍ ଅଭିନେତା କାର୍ତ୍ତିକ୍ ଆର୍ୟନ୍‌ଙ୍କ ସହ ମିଶି ଦୁଇଟି ବଡ଼ ପ୍ରୋଜେକ୍ଟରେ କାମ କରୁଛନ୍ତି। କରନ୍‌ଙ୍କ ଫିଲ୍ମ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଓ 'ନାଗ୍‌ଜିଲା'ରେ କାର୍ତ୍ତିକ୍ ଲିଡ୍ ରୋଲରେ ନଜର ଆସିବେ। ଇତିମଧ୍ୟରେ କରନ୍ 'ଦୋସ୍ତାନା' ଫିଲ୍ମର ସିକ୍ୱେଲ ଆଣିବାକୁ ଯାଉଛନ୍ତି। ଏହି ଫିଲ୍ମକୁ କରନ୍ ଥିଏଟର୍ ବଦଳରେ ଓଟିଟିରେ ରିଲିଜ୍ କରିବେ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଏଥିରେ କାର୍ତ୍ତିକ୍ ଆର୍ୟନ୍ ଓ ଜାହ୍ନବୀ କପୁର ଲିଡ୍ ରୋଲରେ ନଜର ଆସିଥାନ୍ତେ ବୋଲି ଫାଇନାଲ ହୋଇଥିଲା। କିନ୍ତୁ କରନ୍ ଏବେ ଏହାର କଳାକାରରେ ପରିବର୍ତ୍ତନ କରିଛନ୍ତି। ଏବେ ଏଥିରେ କାର୍ତ୍ତିକ୍ ଆର୍ୟନ୍‌ଙ୍କ ବଦଳରେ ବିକ୍ରାନ୍ତ ମେସି ଦେଖାଯିବେ। ଫିଲ୍ମକୁ ନେଇ ଆଉ ଏକ ଖବର ମଧ୍ୟ ଆସିଛି। ଏଥିରେ ଜାହ୍ନବୀ କପୁରଙ୍କ ପରିବର୍ତ୍ତେ ଶ୍ରୀଲୀଳା ଦେଖାଯିବେ। ଅବଶ୍ୟ ଏନେଇ କରନ୍ କିମ୍ବା ଧର୍ମା ପ୍ରଡକ୍ସନ ପକ୍ଷରୁ ବିଧିବଦ୍ଧ ଭାବେ କୁହାଯାଇନାହିଁ। ଏଠାରେ ପ୍ରକାଶ ଥାଉ କି, କରନ୍‌ଙ୍କ ପ୍ରଯୋଜିତ 'ଦୋସ୍ତାନା' ୨୦୦୮ ରେ ଆସିଥିଲା। ଏଥିରେ ଅଭିଷେକ ବଚ୍ଚନ, ଜନ୍ ଆବ୍ରାହମ୍ ଓ ପ୍ରିୟଙ୍କା ଚୋପ୍ରା ଲିଡ୍ ରୋଲରେ ନଜର ଆସିଥିଲେ।

# ଏଆଇ କମାଉଛି ବିଚାରଶକ୍ତି!



ମାଇକ୍ରୋସଫ୍ଟ ଏବଂ କାର୍ନେଗି ମିଲନ୍ ୟୁନିଭର୍ସିଟିର ଗବେଷକମାନେ ଏକ ନୂତନ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି, କାର୍ଯ୍ୟାଳୟରେ ଜେନେରେଟିଭ ଏଆଇର ବ୍ୟବହାର ଯୋଗୁଁ ଏହା ଲୋକଙ୍କ ଚିନ୍ତାଶକ୍ତିକୁ ପ୍ରଭାବିତ କରୁଛି। ଯଦି ଟେକ୍ନିକ୍‌ର ଠିକ୍ ଭାବେ ବ୍ୟବହାର କରା ନ ଯାଏ, ତେବେ ଏହା ମସ୍ତିଷ୍କର କ୍ଷମତାକୁ ମଧ୍ୟ ପ୍ରଭାବିତ କରିବ। ଯେତେବେଳେ ଲୋକେ କାମ ସମୟରେ ଏଆଇ ଉପରେ ଅଧିକ ନିର୍ଭରଶୀଳ ଥାନ୍ତି, ସେମାନଙ୍କ ଧ୍ୟାନ ସମାଧାନ ଖୋଜିବା ବା ଜିନିଷକୁ ବିଶ୍ଳେଷଣ କରିବାରୁ ବିଚ୍ୟୁତ ହୋଇ ଏଆଇର ଉତ୍ତର ବ୍ୟବହାର ଯୋଗ୍ୟ କି ନାହିଁ, ତା' ଉପରକୁ ଚାଲିଯାଏ। ଯଦ୍ୱାରା ଲୋକଙ୍କୁ ନିର୍ଣ୍ଣୟ ନେବା ଏବଂ ଚିନ୍ତା କରିବାର ସୁଯୋଗ ମିଳି ନ ଥାଏ। ଫଳରେ ସେମାନଙ୍କ ମସ୍ତିଷ୍କର କ୍ଷମତା ହ୍ରାସ ପାଇଥାଏ। ଏହାର ଅର୍ଥ ହେଉଛି ଏଆଇ ଉପରେ ମଣିଷ ଅଧିକ ନିର୍ଭର କରି ସମସ୍ୟା ସମାଧାନ କରିବା ଭୁଲିଯାନ୍ତି। ଏହି ଗବେଷଣାରେ ୩୧୯ ଜଣଙ୍କୁ ସାମିଲ କରାଯାଇଥିଲା। ସେମାନେ ସପ୍ତାହରେ ଅତି କମ୍‌ରେ ଥରୁଟିଏ ଜେନେରେଟିଭ୍ ଏଆଇର ବ୍ୟବହାର କରୁଥିଲେ। ତେବେ ଯେଉଁମାନେ ଏଆଇ ଉପରେ ଅଧିକ ନିର୍ଭରଶୀଳ ଥିଲେ, ସେମାନେ କମ୍ ଚିନ୍ତା କରୁଥିବାର ଦେଖାଯାଇଥିଲା। ସେହିପରି ଯେଉଁମାନେ ନିଜ ବିଚାରଧାରା ଉପରେ ନିର୍ଭର କରିଥିଲେ, ସେମାନେ ଏଆଇର ଉତ୍ତରକୁ ଅଧିକ ପରୀକ୍ଷାନିରୀକ୍ଷା କରୁଥିଲେ। ତେବେ ଏଆଇ ଲୋକଙ୍କୁ ବୋକା ବନାଉଛି ବୋଲି ଗବେଷକମାନେ କହିନାହାନ୍ତି। ଏଆଇ ଉପରେ ଅନ୍ଧ ଭଳି ଭରସା କଲେ, ବିଚାର ଶକ୍ତି ଓ ନିର୍ଣ୍ଣୟ ନେବାର କ୍ଷମତା ହ୍ରାସ ପାଇପାରେ ବୋଲି ସେମାନେ ଗୁରୁତ୍ୱାରୋପ କରିଛନ୍ତି।

# ଅଫିସ୍‌ରେ ଲାଗିବ ଫୂର୍ତ୍ତି

**ଅଫିସ୍‌ରେ ଦୀର୍ଘ ସମୟ ବସି କାମ କରିବା ଦ୍ୱାରା ଥକ୍କା ତଥା ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦିଏ। ତେବେ କିଛି ସରଳ ଅଭ୍ୟାସକୁ ଆପଣାଇ ଅଫିସ୍‌ରେ ଫିଟ୍ ଏବଂ ଫୂର୍ତ୍ତି ରହିପାରିବେ।**

- ଲଗାତାର ବସି କାମ କରିବା ଦ୍ୱାରା ମାଂସପେଶୀ ଚାପ ଏବଂ ରକ୍ତ ପ୍ରବାହରେ ବାଧା ଆସେ। ତେଣୁ ପ୍ରତି ୩୦-୪୦ ମିନିଟ୍‌ରେ ବେକ ବୁଲାଇବା, କାନ୍ଧ ଏପାଖ ସେପାଖ କରିବା, ହାତ ଗୋଡ଼ ଆଦି ହଲାଇବା ଉଚିତ।
- ଲିଫ୍ଟ ବଦଳରେ ଶିଡ଼ି ବ୍ୟବହାର କରନ୍ତୁ। ପ୍ରତି ଘଣ୍ଟାରେ ୫ ମିନିଟ୍ ୱାକ୍ ବ୍ରେକ୍ ନିଅନ୍ତୁ। ଏଇ ଯେମିତି ପାଣି ପାଇଁ ଯିବା ହେଉ କିମ୍ବା ସହକର୍ମୀଙ୍କ ସହ ଉଠି କଥା ହେବା।
- ଅଫିସ୍ ଚେୟାର୍‌ରେ ବସି ବି କିଛି ସରଳ ବ୍ୟାୟାମ କରିପାରିବେ। ଆଖିକୁ କମ୍ପ୍ୟୁଟରରୁ ହଟାଇ ୩୬୦ ଡିଗ୍ରୀରେ ବୁଲାନ୍ତୁ।
- ଜଙ୍କଫୁଡ୍ ଅଫିସ୍‌ରେ ନ ଖାଇ ଘର ରନ୍ଧା ଖାଦ୍ୟ ଖାଆନ୍ତୁ। ଅଧିକ ପାଣି ପିଇବା ସହିତ ଚା', କଫି ଅଳ୍ପ ପିଅନ୍ତୁ।
- ଚେୟାର ଓ ଟେବୁଲର ଉଚ୍ଚତା ଠିକ୍ ରକ୍ଷା କରନ୍ତୁ। ଠିକ୍ ଅଙ୍ଗଭଙ୍ଗୀରେ ବସନ୍ତୁ।



## ସମ୍ଭାବନା



# ଡିଗ୍ରୀଠୁ ଉପରେ ଜ୍ଞାନକୌଶଳ




**ଆଜିର ଯୁବପିଢ଼ି ଡିଗ୍ରୀଠୁ ଅଧିକ କୌଶଳ ଶିଖିବା ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି। ବିଶେଷଜ୍ଞମାନେ ବି ନୂଆ ନୂଆ କୌଶଳ ଶିଖିବା ପାଇଁ କହୁଛନ୍ତି। ତେବେ ଏହା କାହିଁକି ଗୁରୁତ୍ୱ ବହନ କରେ, ସେ କଥା ଅନେକ ଜାଣନ୍ତି ନାହିଁ।**

ଏବେ ଶିକ୍ଷାର ଅର୍ଥ କେବଳ ଡିଗ୍ରୀ ନୁହେଁ। ଏବେ ଲୋକେ ଅନଲାଇନ କୋର୍ସ, ୱାର୍କସପ୍ ଏବଂ ସାର୍ଟିଫିକେସନ ମାଧ୍ୟମରେ ଅଲଗା କୌଶଳ ଶିଖୁଛନ୍ତି। ଯଦ୍ୱାରା ସେମାନଙ୍କୁ ଶୀଘ୍ର କାମ ମିଳୁଛି। ମୁଖ୍ୟ କଥା ହେଉଛି ଟେକ୍ନିକ୍ ଦ୍ରୁତ ଗତିରେ ବଦଳୁଛି। କମ୍ପାନି ଏବେ ଏଭଳି ଲୋକଙ୍କୁ ଅଗ୍ରାଧିକାର ଦେଉଛି, ଯେଉଁମାନଙ୍କ ପାଖରେ କୌଶଳ ଅଧିକ ଥିବ। ଯେଭଳି ସେମାନେ କମ୍ପାନିର ଆବଶ୍ୟକତା ପୂରଣ କରିପାରୁଥିବେ। ଡିଗ୍ରୀ ଦ୍ୱାରା ବିଷୟରୁ ଅଧିକ ତଥ୍ୟ ମିଳିପାରେ ସତ, ହେଲେ କୌଶଳ ଦକ୍ଷତା ଦ୍ୱାରା ଚାକିରିରେ ଭଲ ପ୍ରଦର୍ଶନ କରି ହୁଏ। ଏହାକୁ ଶିଖିବା ପାଇଁ କାମ କରି ଅଭିଜ୍ଞତା ହାସଲ କରିବାକୁ ପଡ଼ିଥାଏ। ଏହି ଅଭିଜ୍ଞତା ବାସ୍ତବିକ ଦୁନିଆକୁ ସାମ୍ନା କରିପାରିବା କ୍ଷମତା ଶିଖାଏ। ଫ୍ରିଲାନ୍ସିଂ ଏବଂ କଣ୍ଟ୍ରାକ୍ଟ ଆଧାରିତ କାମ ବଢୁଛି। ଏଥିରେ ସଫଳତା ପାଇଁ ସ୍କିଲ୍ ଜରୁରି। ଡିଗ୍ରୀଧାରୀଙ୍କ ତୁଳନାରେ ସ୍କିଲ ଥିବା ଲୋକେ କାମରେ ତୁରନ୍ତ ଯୋଗ ଦେଇଥାନ୍ତି। କାରଣ ସେମାନଙ୍କ ପାଖରେ ପୂର୍ବରୁ ହିଁ ଜରୁରି ଦକ୍ଷତା ଥାଏ। ଏହା ଦ୍ୱାରା କମ୍ପାନିକୁ ଟ୍ରେନିଂ ଦେବା ସମୟ ଏବଂ ଏଥିରେ ଖର୍ଚ୍ଚ କମ୍ ହୁଏ।

# ସାମାଜିକ ଗଣମାଧ୍ୟମରୁ ବ୍ରେକ୍

ସୋସିଆଲ ମିଡିଆରୁ ବ୍ରେକ୍ ନେବା ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଲାଗି ଉପଯୋଗୀ। ତେବେ ଏଥିରୁ ଗୋଟିଏ ଦିନ, ଗୋଟିଏ ସପ୍ତାହ କିମ୍ବା ମାସେ ପାଇଁ ବ୍ରେକ୍ ନେବାକୁ ଚାହୁଁଛନ୍ତି, ତାହା ସ୍ଥିର କରନ୍ତୁ। ଲକ୍ଷ୍ୟ ନିର୍ଦ୍ଧାରିତ କରିବା ଦ୍ୱାରା ପ୍ରତିବଦ୍ଧ ରହିବାରେ ସାହାଯ୍ୟ ମିଳେ। ସାମାଜିକ ଗଣମାଧ୍ୟମ ଆପ୍‌ର ନୋଟିଫିକେସନ ବନ୍ଦ କରନ୍ତୁ। ଏହାଦ୍ୱାରା ବାରମ୍ବାର ଫୋନ୍ ଦେଖିବାର ଇଚ୍ଛା କମିଥାଏ। ଏଭଳି କରିବା ଦ୍ୱାରା କମ୍ ବିଚଳିତ ବି ଅନୁଭବ କରିବେ। ମୋବାଇଲ ଆପ୍‌କୁ ଚାହିଁଲେ ଅନ୍‌ଇନଷ୍ଟଲ କରିପାରିବେ। ଏଥିରେ କମ୍ ସମୟ ଅତିବାହିତ କରିବା ପାଇଁ ବହି ପଢ଼ିବା, ବ୍ୟାୟାମ, ଖେଳକୁଦ, ନାଚ, ଗୀତ ଆଦି ଯେଉଁ କାମରେ ରୁଚି ଅଛି, ସେହି କାମ କରନ୍ତୁ। ଏହାସହ ସାଙ୍ଗସାଥୀ ଏବଂ ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ କରନ୍ତୁ। କୌଣସି କାମ କରୁଥିଲେ କିମ୍ବା ଅନ୍ୟ କାହା ସହ କଥା ହେଉଥିଲେ, ଫୋନ୍‌କୁ ନିଜଠୁ ଦୂରେଇ ରଖନ୍ତୁ। ତୁରନ୍ତ ଏଥିରୁ ବ୍ରେକ୍ ନେବା କଷ୍ଟ ଲାଗୁଥିଲେ, ଧୀରେ ଧୀରେ ଏଥିରେ କମ୍ ସମୟ ଅତିବାହିତ କରନ୍ତୁ। ଏହିପରି ଭାବେ ଧୀରେ ଧୀରେ ସାମାଜିକ ଗଣମାଧ୍ୟମରୁ ସମ୍ପୂର୍ଣ୍ଣ ବ୍ରେକ୍ ନିଅନ୍ତୁ।





# ଛୁଟିରେ ଅନଲାଇନ୍ କୋର୍ସ

**ଛୁଟି ସମୟରେ ସାଧାରଣତଃ ପିଲାମାନେ ଖେଳକୁଦ, ନାଗ ଗୀତ ତଥା ବୁଲାବୁଲିରେ ସମୟ ଅତିବାହିତ କରନ୍ତି। ସେହିପରି ଆଉ କିଛି ପିଲା ଛୁଟି ସମୟରେ ନୂଆ ନୂଆ ପାଠ ତଥା କୌଶଳ ଶିକ୍ଷା କରନ୍ତି। ଏହି ସମୟରେ ବିଦ୍ୟାର୍ଥୀ ଚାହିଁଲେ କିଛି ଅନଲାଇନ୍ କୋର୍ସ କରିପାରିବେ। ତେବେ କିଭଳି ଓ କେମିତି ଅନଲାଇନ୍ କୋର୍ସ ଚୟନ କରିବେ, ସେ ସମ୍ପର୍କରେ ଜାଣିବା।**

ଛୁଟିରେ ଅନଲାଇନ୍ କୋର୍ସ ଚୟନ କରିବା ବେଳେ ନିଜର ରୁଚି, ଲକ୍ଷ୍ୟ ଏବଂ ଉପଲବ୍ଧିକୁ ଧ୍ୟାନରେ ରଖିବା ଜରୁରି। ସେହିପରି ପ୍ରଥମେ ଏ କଥା ଚିନ୍ତା କରନ୍ତୁ, ଛୁଟିରେ କ'ଣ ଶିଖିବାକୁ ଚାହୁଁଛନ୍ତି। ଯେଉଁ ବିଷୟ ଅଛି, ସେଥିରେ ରୁଚି ଅଛି କି ନାହିଁ, ତାହା ଉପରେ ଗୁରୁତ୍ୱ ଦିଅନ୍ତୁ। ସେହିପରି କୋର୍ସକୁ ନେଇ ବିଦ୍ୟାର୍ଥୀଙ୍କ ଲକ୍ଷ୍ୟ ସ୍ପଷ୍ଟ ରହିବା ଦରକାର। ଲକ୍ଷ୍ୟ ସ୍ପଷ୍ଟ ଥିଲେ ଉତ୍ତମ କୋର୍ସ ଚୟନ କରିବାରେ ସଫଳ ହେବେ। କୋର୍ସରେ କ'ଣ କ'ଣ ଶିଖାଯିବ, ତାହା ଉପରେ ଗୁରୁତ୍ୱ ଦିଅନ୍ତୁ। ଯାହା କିଛି ଶିଖିବାକୁ ଚାହୁଁଛନ୍ତି, ସେସବୁ କୋର୍ସରେ ଅଛି କି ନାହିଁ, ତାହା ପ୍ରଥମେ ସୁନିଶ୍ଚିତ କରନ୍ତୁ। ଏହା ହିଁ ଅଧିକ ଗୁରୁତ୍ୱ ବହନ କରିଥାଏ। ଏହାବାଦ୍ କୋର୍ସ ଇଣ୍ଟରଆକ୍ଟିଭ୍ କି ନୁହେଁ, ସେକଥା ଜାଣନ୍ତୁ। ଜରୁରି ନୁହେଁ ଟଙ୍କା ଖର୍ଚ୍ଚ କରି ଅନଲାଇନ୍ କୋର୍ସରେ ସାମିଲ ହେବେ। ମାଗଣାରେ ବି କିଛି ଅନଲାଇନ୍ କୋର୍ସ ଅଛି। ଚାହିଁଲେ ସେ ସବୁକୁ କରିପାରିବେ।

ସକାଳ
THE SAKALA
www.sakalaepaper.com



# କାହିଁକି ଅବସର ନେଲେ ବିରାଟ କୋହଲି

ନୂଆଦିଲ୍ଲୀ,୧୩।୫ (ଏଜେନ୍ସି)

ଦୀର୍ଘ ୧୪ ବର୍ଷ ଧରି ଟେଷ୍ଟ କ୍ରିକେଟରେ ରାଜ କରିବା ପରେ ବିରାଟ 'କିଙ୍ଗ୍' କୋହଲି ଗତକାଲି ଅବସର ଘୋଷଣା କରିଥିଲେ। ଏହାର ୪ ଦିନ ପୂର୍ବରୁ ଅଧିନାୟକ ରୋହିତ ଶର୍ମା ମଧ୍ୟ ଟେଷ୍ଟ ଫର୍ମାଟ୍‌କୁ ଅଲ୍‌ବିଦା କରିଥିଲେ। ଭାରତର ଏହି ଦୁଇଜଣ ହାଇ ପ୍ରୋଫାଇଲ ଖେଳାଳିଙ୍କ ଅବସର ପରେ ଏକ ଯୁଗର ଅବସାନ ଘଟିଛି ବୋଲି କୁହାଯାଉଛି। ଏମାନଙ୍କୁ ନେଇ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ପୂରଣ ହେବା କଷ୍ଟକର। ତଥାପି ସେମାନେ ଆଉ କିଛି ବର୍ଷଧରି କ୍ରିକେଟ ଖେଳିବାର ଦକ୍ଷତା ରଖିଥିଲେ ଓ ବରିଷ୍ଠ ଖେଳାଳିଭାବେ ଅପ୍ରତ୍ୟାଶିତ ଭାବେ ଅବସର ନେବା ସମର୍ଥକମାନଙ୍କୁ ଯେତିକି ଆଶ୍ଚର୍ଯ୍ୟ କରିଛି, ସେହି ପରିମାଣରେ ଅନ୍ୟମାନେ ସନ୍ଦେହ ନଜରରରେ ଦେଖୁଛନ୍ତି। ଉଭୟ ଖେଳାଳି ଅବସର ନେବା ଲାଗି କୌଣସି କାରଣ ଦର୍ଶାଇ ନାହାନ୍ତି କିମ୍ବା ଅବସର ନେବା କଥା କୌଣସି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିନାହାନ୍ତି। ଏଠାରେ କହିବାର କଥା ହେଲା କ୍ରିକେଟକୁ ପରିଚାଳନା କରୁଥିବା ବିସିସିଆଇ ଉପସ୍ଥିତିରେ ମଧ୍ୟ ଉଭୟ ଖେଳାଳିଙ୍କୁ ଆନୁଷ୍ଠାନିକ ଭାବେ ଅବସର ନେବାକୁ ସୁଯୋଗ ମିଳିନାହିଁ। ଏହା ଆମ ପରମ୍ପରାର ବାହାରେ ହୋଇଛି। ଉଭୟ ଖେଳାଳି ସାମାଜିକ ଗଣମାଧ୍ୟମରେ ଅବସର ନେବା କଥା ଘୋଷଣା କରିଛନ୍ତି। ଏଣୁ ଖେଳାଳିଦ୍ୱୟଙ୍କ ସହ ବିସିସିଆଇ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ନାହିଁ ବୋଲି ଏହା ଦର୍ଶାଉଛି।

ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ସହ ଓ ବିଦେଶରେ ଅଷ୍ଟ୍ରେଲିଆ ସହ ଟେଷ୍ଟ ସିରିଜ୍‌ରେ ଉଭୟ ଖେଳାଳି ବାରମ୍ବାର ଫେଲ୍ ମାରିଥିଲେ। ଯାହା ଫଳରେ ଦଳରେ ସେମାନଙ୍କ ଉପସ୍ଥିତିକୁ ନେଇ ସମାଲୋଚନା ବାରମ୍ବାର ହୋଇଆସୁଥିଲା। ଏହାକୁ ଗୁରୁତ୍ୱ ଦେଲେ ରୋହିତଙ୍କ ଅବସର ନେବା ଯଥାର୍ଥ। କିନ୍ତୁ କୋହଲି କାହିଁକି ଅବସର ନେଲେ ତାହାର କାରଣ ଜଣାପଡୁନାହିଁ। ଏହା ସତ ଯେ ଗତ ୨୦୨୦ ପରଠାରୁ ତାଙ୍କ ବ୍ୟାଟିଂରେ ଢ଼େର ଅବନତି ଦେଖାଦେଇଛି। ନିକଟରେ ଖେଳାଯାଇଥିବା ଦୁଇଟି ସିରିଜ୍‌ରେ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ସ୍ପିନରଙ୍କୁ ଅଷ୍ଟ୍ରେଲିଆରେ ଅଫ୍ ଷ୍ଟମ୍ପ ବାହାର ବଲ୍‌କୁ ଖେଳିବାରେ କୋହଲି ବିଫଳ ହୋଇଥିଲେ। ଏହା ଚିନ୍ତାଜନକ ହୋଇଥିଲା। କିନ୍ତୁ ଆଇପିଏଲ୍‌ରେ ଏହାକୁ ସେ ଦୂରେଇବାରେ ସଫଳ ହୋଇଥିଲେ ଓ ଭଲ ବ୍ୟାଟିଂ କରିଥିଲେ। ଏଣୁ ଜୁନ୍‌ରେ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ତାଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିବା ନିଶ୍ଚିତ ହୋଇଥିଲା। କିନ୍ତୁ ଦୁଇଟି ରିପୋର୍ଟ ସବୁକିଛି ସମୀକରଣକୁ ବଦଳାଇ ଦେଇଥିଲା। ଗଣମାଧ୍ୟମରେ ପ୍ରଥମ ରିପୋର୍ଟରେ କୋହଲି ଇଂଲଣ୍ଡ ସିରିଜ୍‌ରେ ଦଳର ନେତୃତ୍ୱ ନେବେ ବୋଲି ବିସିସିଆଇକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବିସିସିଆଇ ଏହାକୁ ଗ୍ରହଣ କରି ନ ଥିଲା ବୋଲି ପ୍ରକାଶ ପାଇଥିଲା। ଏହା ପରେ ସେ ଟେଷ୍ଟ କ୍ରିକେଟରୁ ଅବସର ନେବେ ବୋଲି ବିସିସିଆଇକୁ ଜଣାଇଥିଲେ। ଜଣେ ଅବସର ନେବାକୁ ସ୍ଥିର କଲେ ବିସିସିଆଇକୁ କେବଳ ସୂଚନା ଦେଇଥାନ୍ତି। ଅନୁମତି ମାଗନ୍ତି ନାହିଁ। ବିସିସିଆଇ ତାଙ୍କୁ ଅବସର ନେବା ସମ୍ପର୍କରେ ପୁନଃବିଚାର କରିବାକୁ କୁଆଡ଼େ କହିଥିବା ରିପୋର୍ଟ ପ୍ରକାଶ ପାଇବାର ୩ ଦିନ ମଧ୍ୟରେ ସେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଏଣୁ କୋହଲିଙ୍କ ଅବସର ଘୋଷଣା ଓ ଏହି ରିପୋର୍ଟ ଅଙ୍ଗାଙ୍ଗୀଭାବେ ଜଡ଼ିତ ବୋଲି କୁହାଯାଉଛି। କୋହଲିଙ୍କ ଅନୁପସ୍ଥିତିରେ ଭାରତୀୟ କ୍ରିକେଟରେ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି, କିନ୍ତୁ ପ୍ରତିଭାବେ ଭରପୁର ଭାରତର ଖେଳାଳି ଯେ ଏହାକୁ ପୂରଣ କରିପାରିବେ, ସେ ବିଶ୍ୱାସ ସମର୍ଥକ ଓ କର୍ମକର୍ତ୍ତାଙ୍କର ରହିଛି।

## ବିରାଟଙ୍କ ୫ଟି ଶ୍ରେଷ୍ଠ ଟେଷ୍ଟ ଇନିଂସ

ବିରାଟ 'କିଙ୍ଗ୍' କୋହଲି ୧୪ ବର୍ଷର ଟେଷ୍ଟ କ୍ୟାରିୟରର ଅବସାନ ଘଟିଛି। ଅପ୍ରତ୍ୟାଶିତ ଭାବେ କିଙ୍ଗ୍ ସୋମବାର ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଛନ୍ତି। ଏହା ଫଳରେ ଏକ ସଫଳ ଯୁଗର ଅବସାନ ଘଟିଛି। କୋହଲି ତାଙ୍କ କ୍ରିକେଟ କ୍ୟାରିୟରରେ ଅନେକ ସ୍ମରଣୀୟ ଖେଳ ପ୍ରଦର୍ଶନ କରିଆସିଛନ୍ତି। ସେ ତାଙ୍କ ଟେଷ୍ଟ କ୍ରିକେଟ କ୍ୟାରିୟରରେ ଖେଳିଥିବା ୫ଟି ଇନିଂସ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରାଯାଉଛି।

### ● ୨୫୪* ବନାମ ଦକ୍ଷିଣ ଆଫ୍ରିକା

ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୫୪ ରନ୍ କରିବା କୋହଲିଙ୍କର ସର୍ବାଧିକ ଟେଷ୍ଟ ସ୍କୋର ଓ ୭ମ ଦ୍ୱିଶତକ। ଏହି ପ୍ରଭାବୀ ଇନିଂସ ସହ ଭାରତର ବିଶାଳ ସ୍କୋରର ମୂଳଦୁଆ ପକାଇଥିଲେ। ଏଠାରେ କୋହଲି ଟେଷ୍ଟ କ୍ରିକେଟରେ ୭,୦୦୦ ରନ୍ ପୂରଣ କରିଥିଲାବେଳେ ତାଙ୍କ ରନ୍ ବଳରେ ଭାରତ ୧୩୭ ରନ୍‌ରେ ବିଜୟୀ ହୋଇଥିଲା।

### ● ୧୪୧ ବନାମ ଅଷ୍ଟ୍ରେଲିଆ

୨୦୧୪ ଆଡିଲେଡ୍ ଟେଷ୍ଟରେ ଭାରତ ଆଗରେ ଅଷ୍ଟ୍ରେଲିଆ ୩୬୪ ରନ୍‌ର ବିଜୟ ଲକ୍ଷ୍ୟ ରଖିଥିଲା। ଏହାକୁ ପିଛା କରି କୋହଲିଙ୍କ ଆକ୍ରମଣାତ୍ମକ ୧୪୧ ରନ୍ ସତ୍ତ୍ୱେ ଭାରତ ୪୮ ରନ୍‌ରେ ପରାଜିତ ହୋଇଥିଲା। କିନ୍ତୁ ଘରୋଇ ମାଟିରେ ଅଷ୍ଟ୍ରେଲିଆକୁ ନାକେଦମ୍ କରିଥିଲେ କୋହଲି। ସେ ମଧ୍ୟ ପ୍ରଥମ ଇନିଂସରେ ୧୧୫ ରନ୍ କରି ଟେଷ୍ଟ ଅଧିନାୟକ ଡେବ୍ୟୁରେ ଉଭୟ ଇନିଂସରେ ଶତକ ହାସଲ କରିଥିଲେ।

### ● ୧୫୩ ବନାମ ଦକ୍ଷିଣ ଆଫ୍ରିକା

ବିଶ୍ୱର ଅନ୍ୟତମ ଫାଷ୍ଟ ପିଚ୍ ଭାବେ ଜଣାଶୁଣା ସେଞ୍ଚୁରିଆନ୍‌ରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଦଳ ୩୩୫ ରନ୍ କରିଥିଲା। ଜବାବରେ ୧୦ମ ଓଭରରେ ବ୍ୟାଟିଂ କରିବାକୁ ଆସି କୋହଲି ୧୫୩ ରନ୍ କରିବା ପରେ ୧୦ମ ଖେଳାଳି ଭାବେ ଆଉଟ ହୋଇଥିଲେ। ଭାରତର ଅଧା ରନ୍ ତାଙ୍କ ବ୍ୟାଟ୍‌ରୁ ଆସିଥିଲା। ଏହି ଇନିଂସରେ ଭାରତ ପକ୍ଷରୁ ଦ୍ୱିତୀୟ ସର୍ବାଧିକ ସ୍କୋର ଥିଲା ୪୬।

### ● ୧୪୯ ବନାମ ଇଂଲଣ୍ଡ

୨୦୧୮ ବର୍ମିଂହାମ୍‌ର ଏଜ୍‌ବାଷ୍ଟନରେ ସଚିନ ତେନ୍ଦୁଲକରଙ୍କ ପରେ କୋହଲି ୧୪୯ ରନ୍‌ର ଇନିଂସ ଖେଳିଥିଲେ। ଭାରତ ଏଠାରେ ଦମ୍‌ଦାର ଖେଳିଥିଲେ ମଧ୍ୟ ଇଂଲଣ୍ଡ ଏହି ମ୍ୟାଚ୍‌କୁ ୩୧ ରନ୍‌ରେ ଜିତିଥିଲା। କିନ୍ତୁ କୋହଲି ଇଂଲଣ୍ଡରେ ପ୍ରଭାବୀ ବ୍ୟାଟିଂ ଏହି ମ୍ୟାଚ୍‌କୁ ସ୍ମରଣୀୟ କରିପାରିଥିଲେ।

### ● ୫୪ ବନାମ ଦକ୍ଷିଣ ଆଫ୍ରିକା


୨୦୧୮ ଜୋହାନ୍ସବର୍ଗ ଟେଷ୍ଟରେ ବ୍ୟାଟିଂ କରିବା କଷ୍ଟକର ଥିଲା। ପିଚ୍ ଏପରି ହୋଇଥିଲା ଯେ ଘରୋଇ ଦଳ ଏହି ମ୍ୟାଚ୍‌କୁ ବାତିଲ କରିବାକୁ କହିଥିଲା। କିନ୍ତୁ ପ୍ରଥମ ଇନିଂସରେ କୋହଲି ୧୦୬ ବଲ୍ ଖେଳି ୫୪ ଓ ଦ୍ୱିତୀୟ ଇନିଂସରେ ୭୯ ବଲ୍ ଖେଳି ୪୧ ରନ୍ କରିବା ଫଳରେ ଭାରତ ଏହି ଟେଷ୍ଟକୁ ୬୩ ରନ୍‌ରେ ଜିତିଥିଲା। କୋହଲିଙ୍କ ଏହି ୫ଟି ଟେଷ୍ଟ ଇନିଂସ ବେଶ ସ୍ମରଣୀୟ ହୋଇ ରହିବ।

## ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଲେ ବିରାଟ-ଅନୁଷ୍କା



ମଥୁରା,୧୩।୫(ଏଜେନ୍ସି): ଟେଷ୍ଟରୁ ଅବସର ନେବା ପରେ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଓ ପତ୍ନୀ ଅନୁଷ୍କା ଶର୍ମା ମଥୁରାର ବୃନ୍ଦାବନ ପହଞ୍ଚିଥିଲେ। ମଙ୍ଗଳବାର ସକାଳେ ୭.୨୦ରେ ଉଭୟ ପତିପତ୍ନୀ ପ୍ରେମାନନ୍ଦ ମହାରାଜଙ୍କ କେଲିଗୁଞ୍ଜ ଆଶ୍ରମରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଥିଲେ। ଦୁଇଜଣ ପ୍ରେମାନନ୍ଦ ମହାରାଜଙ୍କୁ ଦଣ୍ଡବତ ପ୍ରଣାମ କରିବା ସହ ତାଙ୍କ ଆଶୀର୍ବାଦ ନେଇଥିଲେ। ତମେ ଖୁସି ଅଛ ତ ବୋଲି ପ୍ରେମାନନ୍ଦ କୋହଲିଙ୍କୁ ପଚାରିଥିଲେ। କୋହଲି ହସିକରି ହଁ ବୋଲି କହିଥିଲେ। ପ୍ରେମାନନ୍ଦ ଦୁହିଁଙ୍କୁ ଅଶୀର୍ବାଦ ଦେବା ସହ ଯାଅ, ଆନନ୍ଦରେ ରୁହ ଓ ନାମ ଜପ କର ବୋଲି କହିଥିଲେ। ନାମ ଜପ କଲେ ସବୁ ପୂରା ହେବ କି ବୋଲି ଅନୁଷ୍କା ପ୍ରଶ୍ନ କରିଥିଲେ ଓ ମହାରାଜ ହଁ ବୋଲି କହିଥିଲେ। ପ୍ରେମାନନ୍ଦ ସହ ଦୁହେଁ ନିରୋଳାରେ ପାଖାପାଖି ୭ ମିନିଟ୍ କଥା ହୋଇଥିଲେ। ଆଶ୍ରମ ତରଫରୁ ଏହାର ଭିଡିଓ ଜାରି କରାଯାଇଛି ଓ ଏହା ବେଶ୍ ଭାଇରାଲ ହୋଇଛି। ପ୍ରେମାନନ୍ଦ ଆଶ୍ରମରୁ ଯିବା ପରେ କୋହଲି ଓ ଅନୁଷ୍କା ଅଧଘଣ୍ଟା ପରେ ଫେରିଥିଲେ। ଆଶ୍ରମରେ ମୋଟ ଉପରେ ଦୁହେଁ ୨ ଘଣ୍ଟା ୪୦ ମିନିଟ୍ ରହିଥିଲେ ଓ ୯.୪୦ରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ଦୁହେଁ ଆଶ୍ରମର ବିଭିନ୍ନ କାର୍ଯ୍ୟ ବୁଲି ଦେଖିବା ସହ ବୁଝିବାକୁ ପ୍ରୟାସ କରିଥିଲେ। କୋହଲି ତୃତୀୟଥର ପାଇଁ ବୃନ୍ଦାବନ ଆସିଥିଲେ। ଗତ ଜାନୁଆରୀରେ ସେ ଦୁଇଥର ପ୍ରେମାନନ୍ଦଙ୍କୁ ଭେଟିଥିଲେ। ସୋମବାର କୋହଲି ଟେଷ୍ଟରୁ ଅବସର ଘୋଷଣା କରି ସମ୍ପୂର୍ଣ୍ଣ କ୍ରିକେଟ ଜଗତକୁ ଚକିତ କରିଥିଲେ।

## ବିଦେଶୀ ଖେଳାଳି ଆଇପିଏଲ୍ ଖେଳିବା ନେଇ ଆଶଙ୍କା



ନୂଆଦିଲ୍ଲୀ,୧୩।୫(ଏଜେନ୍ସି): ଆଇପିଏଲ୍ ପୁଣି ମେ ୧୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଟୁର୍ଣ୍ଣାମେଣ୍ଟ ଜୁନ୍ ୩ ପର୍ଯ୍ୟନ୍ତ ଚାଲିବ। ଏକାଧିକ ବିଦେଶୀ ଖେଳାଳି ଆଇପିଏଲ୍‌ର ବାକି ମ୍ୟାଚ୍ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କିନ୍ତୁ ୱେଷ୍ଟଇଣ୍ଡିଜର ଆନ୍ଦ୍ରେ ରସେଲ ଓ ସୁନୀଲ ନାରିନ କୋଲକାତା ତରଫରୁ ବେଙ୍ଗାଲୁରୁ ବିପକ୍ଷରେ ଖେଳିବେ। ଏହି ମ୍ୟାଚ୍‌ରେ ପରାସ୍ତ ହେଲେ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡିବ। ଅନ୍ୟପଟେ ଆସନ୍ତା ୨୯ ତାରିଖରୁ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦିନିକିଆ ସିରିଜ ଆରମ୍ଭ ହେବାକୁ ଯାଉଥିବା ବେଳେ ଦୁଇ ଦଳର ଖେଳାଳି ଆଇପିଏଲ ଖେଳିବା ନେଇ ସମସ୍ୟା ସୃଷ୍ଟି ହୋଇଛି। ଫଳରେ ବେଙ୍ଗାଲୁରୁ, ଗୁଜରାଟ ଓ ମୁମ୍ବାଇ ଦଳ କ୍ଷତିର ସମ୍ମୁଖୀନ ହେବେ। ତେବେ ଇଂଲଣ୍ଡର ଜୋଶ ବଟଲର ଓ ଦକ୍ଷିଣ ଆଫ୍ରିକାର ଗେରାଲ୍ଡ କୁଟ୍‌ଜି ଗୁଜରାଟ ପାଇଁ ଉପଲବ୍ଧ ହେବେ ଓ ବୁଧବାର ଦଳରେ ଯୋଗ ଦେବେ ବୋଲି ଆଶା କରାଯାଉଛି। ସେହିପରି ଇଂଲଣ୍ଡ ଜ୍ୟାକବ ବେଥେଲ ବେଙ୍ଗାଲୁରୁ ଓ ମୁମ୍ବାଇର ୱିଲ ଜ୍ୟାକ୍ସ ପ୍ଲେଅଫ୍ ଖେଳିବା କଷ୍ଟକର ମନେ ହେଉଛି। ଅନ୍ୟପଟେ ଅଷ୍ଟ୍ରେଲିଆର ପ୍ୟାଟ କୁମିନ୍ସ ଓ ଟ୍ରାଭିସ ହେଡ୍ ସେମାନଙ୍କ ଦଳ ପାଇଁ ଆଇପିଏଲ ଖେଳିବେ। କିନ୍ତୁ ଜୋଶ ହାଜଲେଉଡ୍ ଓ ମିଚେଲ ଷ୍ଟାର୍କ ଆଇପିଏଲ ଖେଳିବା କଷ୍ଟକର ମନେ ହେଉଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ତେଣୁ ଏହି ଦୁଇ ଦଳର ଏକାଧିକ ଖେଳାଳି ଆଇପିଏଲ ଖେଳିବାକୁ ମନା କରିପାରନ୍ତି।

## ସଞ୍ଜୀବ ଓଟିଏର ନୂଆ ସମ୍ପାଦକ



ଭୁବନେଶ୍ୱର, ୧୩।୫ (ସମିସ): ଓଡ଼ିଶା ଟେନିସ ସଂଘ (ଓଟିଏ)ର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ୪ ବର୍ଷ (୨୦୨୫ରୁ ୨୦୨୯) ଲାଗି ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଅବସରପ୍ରାପ୍ତ ଆଇଏଏସ୍ ଅସିତ୍ ତ୍ରିପାଠୀ ସଭାପତି ଭାବେ ପୁଣିଥରେ ପଦ ବଜାୟ ରଖିଛନ୍ତି। ସେହିଭଳି ଆଇପିଏସ୍ ସଞ୍ଜୀବ ପଣ୍ଡା ଓଟିଏର ନୂଆ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସେ ଡ. ସତ୍ୟଜିତ୍ ମହାନ୍ତିଙ୍କ ସ୍ଥାନରେ ଏହି ଗୁରୁତ୍ୱପୂର୍ଣ୍ଣ ପଦ ଅଳଙ୍କୃତ କରିଛନ୍ତି। ମଧୁସୂଦନ ପାଢ଼ୀ ସଂଘର ପରାମର୍ଶଦାତା, ସତ୍ୟଜିତ୍ ମହାନ୍ତି (ରୁବୁନା) କୋଷାଧ୍ୟକ୍ଷ ଓ ସମ୍ବିତ ପଟ୍ଟନାୟକ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଡ. ସତ୍ୟଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପସଭାପତି ପଦରେ ଦିବ୍ୟଶଙ୍କର ମିଶ୍ର, ବ୍ରହ୍ମାନନ୍ଦ ମିଶ୍ର, ଶୁଭ୍ରାଂଶୁ ଷଡ଼ଙ୍ଗୀ ଓ ଦିବ୍ୟଲୋକ ପଟ୍ଟନାୟକ ରହିଛନ୍ତି। କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ନିଖିଳ ପୱନ କଲ୍ୟାଣ, ବିବେକାନନ୍ଦ ପଟ୍ଟନାୟକ, ଗୁଲିଭର ଲ, ସରୋଜ କୁମାର ସାହୁ, ବିଶ୍ୱରଞ୍ଜନ ପଟ୍ଟନାୟକ, ସୁନିଲ ମହାପାତ୍ର ଓ ରାଜେଶ କାନୁନଗୋ ନିର୍ବାଚିତ ହୋଇଥିବା ଓଟିଏ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ମୌରିସିଓଙ୍କ ସହ ସମ୍ପର୍କ ତୁଟାଇଲା ଓଏଫ୍‌ସି




ଭୁବନେଶ୍ୱର, ୧୩।୫ (ସମିସ): ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଏକାଦଶ ସଂସ୍କରଣରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ଆଗାମୀ ସିଜନ ପୂର୍ବରୁ ଦଳରେ ବଡ଼ ପରିବର୍ତ୍ତନ କରିଛି। ବ୍ରାଜିଲୀୟ ତାରକା ଫର୍‌ୱାର୍ଡ ଡିଏଗୋ ମୌରିସିଓଙ୍କ ସହ ଓଡ଼ିଶା ଏଫ୍‌ସି ଶେଷରେ ସମ୍ପର୍କ ତୁଟାଇଛି। କ୍ଲବ ପକ୍ଷରୁ ଏକ ବିବୃତିରେ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ୩୩ ବର୍ଷୀୟ ମୌରିସିଓ ଗତ ୪ ବର୍ଷ ଧରି ଓଡ଼ିଶା ଏଫ୍‌ସିର ପ୍ରମୁଖ ଖେଳାଳି ରହିଆସିଥିଲେ। କେବଳ ପଡ଼ିଆ ନୁହେଁ, ମୌରିସିଓ ତାଙ୍କ ପ୍ରଦର୍ଶନ ବଳରେ ଜଗରନଟ୍ସ ପ୍ରଶଂସକଙ୍କ ସବୁଠୁ ପସନ୍ଦର ଖେଳାଳି ରହିଥିଲେ। କ୍ଲବ ସହ ସମ୍ପର୍କ ତୁଟାଇବା ପରେ ଏବେ ଆଉ କଳିଙ୍ଗ ଷ୍ଟାଡିୟମର ଷ୍ଟାଣ୍ଡରେ 'ଡିଏଗୋ, ଡିଏଗୋ, ଡିଏଗୋ' ଧ୍ୱନି ପ୍ରଶଂସକଙ୍କ ମୁହଁରୁ ଶୁଣିବାକୁ ମିଳିବ ନାହିଁ ବୋଲି ସାମାଜିକ ଗଣମାଧ୍ୟମରେ ମତ ପ୍ରକାଶ ପାଇଛି। ମୌରିସିଓ ପ୍ରଥମେ ୨୦୨୦-୨୧ ଆଇଏସ୍‌ଏଲ୍ ସିଜନରେ ଓଡ଼ିଶା ଏଫ୍‌ସିରେ ଯୋଗଦେଇଥିଲେ। ସେ ୧ ବର୍ଷ ଲାଗି ଦଳ ପାଇଁ ଖେଳି ୨୦ ମ୍ୟାଚରେ ୧୨ଟି ଗୋଲ୍ ଦେଇଥିଲେ। ଏହାର ବର୍ଷକ ପରେ ସେ ପୁଣିଥରେ ଓଏଫ୍‌ସିକୁ ଫେରିଥିଲେ। ଦ୍ୱିତୀୟ ଟର୍ମରେ ସେ ଓଡ଼ିଶା ଏଫ୍‌ସିର ସବୁଠୁ ପ୍ରମୁଖ ଖେଳାଳି ରହିଥିଲେ। ଗତ ୩ ବର୍ଷ ମଧ୍ୟରେ ସେ କ୍ଲବ ପାଇଁ ୬୩ ମ୍ୟାଚ୍ ଖେଳି ୩୨ ଗୋଲ୍ ଦେଇଥିଲେ। ସେହିଭଳି ଓଡ଼ିଶା ଏଫ୍‌ସିକୁ ୨୦୨୩ରେ କଳିଙ୍ଗ ସୁପର୍ କପ୍ ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଜୁନିଅର ରୋନାଲ୍ଡୋଙ୍କ ପଦାର୍ପଣ



ଲିସବନ୍,୧୩।୫(ଏଜେନ୍ସି): ଫୁଟବଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ବଡ଼ ପୁଅ କ୍ରିଷ୍ଟିଆନୋ ରୋନାଲ୍ଡୋ ଜୁନିଅର ପର୍ତ୍ତୁଗାଲ ୧୫ ବର୍ଷରୁ କମ୍ ଦଳ ପାଇଁ ପଦାର୍ପଣ କରିଛନ୍ତି। କ୍ରୋଏସିଆରେ ଚାଲିଥିବା ଭ୍ଲାଟକୋ ମାର୍କୋଭିକ୍ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ସେ ପର୍ତ୍ତୁଗାଲ ଜୁନିଅର ଦଳ ପାଇଁ ପ୍ରଥମ ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚ୍‌ରେ ପର୍ତ୍ତୁଗାଲ ୪-୧ ଗୋଲରେ ଜାପାନକୁ ପରାସ୍ତ କରିଛି। ୫୪ତମ ମିନିଟ୍‌ରେ ସବଷ୍ଟିଚ୍ୟୁଟ୍ ଭାବେ ସେ ଏହି ମ୍ୟାଚ୍ ଖେଳି ନିଜ ପ୍ରତିଭା ଓ ଦକ୍ଷତା ପ୍ରମାଣିତ କରିଛନ୍ତି। ପର୍ତ୍ତୁଗାଲ ଏବେ ତା'ର ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ଗ୍ରୀସ୍ ଓ ଇଂଲଣ୍ଡକୁ ଭେଟିବ। ୨୦୧୦ ଜୁନ୍‌ରେ ଜନ୍ମଗ୍ରହଣ କରିଥିବା ଏହି ଯୁବ ଫରୱାର୍ଡ ଅଲ-ନାସେର ଯୁବ ଦଳ ପାଇଁ ଏବେ ଖେଳୁଛନ୍ତି। କ୍ରିଷ୍ଟିଆନିନୋ ଭାବେ ଜଣାଶୁଣା ଥିବା ଜୁନିଅର ରୋନାଲ୍ଡୋ ପୂର୍ବରୁ ରିଅଲ ମାଦ୍ରିଦ, ଜୁଭେଣ୍ଟସ, ମାଞ୍ଚେଷ୍ଟର ୟୁନାଇଟେଡ ତରଫରୁ ମଧ୍ୟ ପ୍ରତିନିଧିତ୍ୱ କରିସାରିଛନ୍ତି।

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

# ହକିରେ ଓଡ଼ିଶା ମହିଳା ଦଳକୁ ସ୍ୱର୍ଣ୍ଣ



ଭୁବନେଶ୍ୱର, ୧୩।୫ (ସମିସ)

ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ (୧୮ ବର୍ଷରୁ କମ୍) ଗେମ୍ସରେ ଓଡ଼ିଶା ମହିଳା ହକି ଦଳ ସ୍ୱର୍ଣ୍ଣିମ ସଫଳତା ପାଇଛି। ମଙ୍ଗଳବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ ଓଡ଼ିଶା ସୁଟ୍‌ଆଉଟ୍‌ରେ ୩-୧ (୧-୧) ଗୋଲରେ ଶକ୍ତିଶାଳୀ ଝାଡ଼ଖଣ୍ଡକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ୪୨ତମ ମିନିଟ୍‌ରେ ସଙ୍ଗୀତା କୁମାରୀ ଗୋଲ୍‌ସ୍କୋ କରି ଝାଡ଼ଖଣ୍ଡର ଖାତା ଖୋଲିଥିଲେ। ତେବେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଓଡ଼ିଶାର ଶିବାନୀ ଲୁଗୁନ ଗୋଲ୍‌ଟି ଶୁଝିଦେଇଥିଲେ। ଫଳରେ ମ୍ୟାଚ୍ ୧-୧ ଗୋଲ୍‌ରେ ବରାବର୍ ରହିଥିଲା। ଏହାପରେ ସୁଟ୍‌ଆଉଟ୍ ହୋଇଥିବାବେଳେ ଓଡ଼ିଶା ମହିଳା ଦଳ ୩-୧ ଗୋଲ୍‌ରେ ବିଜୟୀ ହୋଇ ସ୍ୱର୍ଣ୍ଣପଦକ ହାସଲ କରିଥିଲା। ସୁଟ୍‌ଆଉଟ୍‌ରେ ଓଡ଼ିଶା ପାଇଁ ଦ୍ରୁପତୀ ନାଏକ ଓ ଡଲି ଭୋଇ ଗୋଲ୍ ଦେଇଥିଲେ। ସେହିଭଳି ସଟ୍‌ପୁଟ୍‌ରେ ଓମ୍‌କାର ପ୍ରସାଦ ନନ୍ଦ ସ୍ୱର୍ଣ୍ଣପଦକ ଜିତିଛନ୍ତି।

### ସଟ୍‌ପୁଟ୍‌ରେ ଓମ୍‌କାରଙ୍କ ଚମକ

## ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚ୍‌ପିସିର ସଫଳତା



ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଖୋ ଖୋ ଇଭେଣ୍ଟ ଗତ ସପ୍ତାହରେ ଶେଷ ହୋଇଥିଲା। ଏଥିରେ ଓଡ଼ିଶା ଡବଲ୍ ପଦକ ସଫଳତା ପାଇଥିଲା। ବାଳିକାରେ ଓଡ଼ିଶା ଚାମ୍ପିଅନ ହୋଇଥିବାବେଳେ ବାଳକ ଦଳ ଫାଇନାଲରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ଉଭୟ ବାଳକ ଓ ବାଳିକା ଦଳରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇପର୍‌ଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ମୋଟ୍ ୧୩ ଜଣ ଖେଳାଳି ସ୍ଥାନ ପାଇଥିଲେ। ସ୍ୱର୍ଣ୍ଣ ବିଜୟୀ ବାଳିକା ଦଳରେ କେ. ରମ୍ୟା, ଜି. ନନ୍ଦିନୀ, ବାସନ୍ତୀ ନାଗ, ଅର୍ଚ୍ଚନା ପ୍ରଧାନ, ହରପ୍ରିୟା ଭୂୟାଁ, ଲିସାରାଣୀ ରାଇତା, ଶୁଭଶ୍ରୀ ମଲ୍ଲିକ ଏବଂ ସବିତା ମୁର୍ମୁ ରହିଥିଲେ। ସେହିଭଳି ଏଚ୍‌ପିସିର ସୁନିଲ ପାତ୍ର, କୁନା ବେହେରା, ଶିବ ଗୁନ୍ତା, ଆଦିତ୍ୟ ଦାସ ଓ ଯଶବନ୍ତ ଯାଦବ ରୌପ୍ୟ ବିଜୟୀ ବାଳକ ଦଳର ସଦସ୍ୟ ରହିଥିଲେ। ଏହି ସଫଳତା ଲାଗି ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସିଏସ୍‌ଆର୍ ବିଭାଗ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ କହିଛନ୍ତି, ଆମ ଖେଳାଳି ଏବଂ ପ୍ରଶିକ୍ଷକଙ୍କ ଦୃଢ଼ ନିଷ୍ଠା ଓ ନିରନ୍ତର ପ୍ରୟାସର ପରିଣାମ ସ୍ୱରୂପ ଆଜି ଏହି ସଫଳତା ପାଇଛୁ। ତୃଣମୂଳସ୍ତରର କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବାରେ ଏହି ଖୋ ଖୋ ଏଚ୍‌ପିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS